

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୫ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 September 2025

Vol.No. 36 ■ No.245 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଆସାମରେ ୫.୮ ତୀବ୍ରତାର ଭୂକମ୍ପ ଅନୁଭୂତ: କେନ୍ଦ୍ରସ୍ଥଳ ଉଦଲଗୁଡ଼ି ସୂଚନା



ନୂଆଦିଲ୍ଲୀ,୧୪/୯ : ଆସାମର ଗୌହାଟୀରେ ଆଜି ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏହି ଭୂକମ୍ପର ତୀବ୍ରତା ରିକ୍ଟରସ୍କେଲରେ ୫.୮ ରହିଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା ଉଦଲଗୁରୀ ଜିଲ୍ଲା। ଭୂପୃଷ୍ଠରୁ ମାତ୍ର ୫ କିମି ଗଭୀରତାରେ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା। ଗୌହାଟୀ ସହିତ ପଶ୍ଚିମବଙ୍ଗର ଉତ୍ତର ଭାଗ ଓ ଭୁଟାନର କିଛି ଅଞ୍ଚଳରେ ଅନୁଭୂତ ହୋଇଥିଲା। ଏହି ଭୂକମ୍ପ ଯୋଗୁ ଗୌହାଟୀରେ କିଛି କ୍ଷୟକ୍ଷତି ହୋଇଥିବା ନେଇ କୌଣସି ରିପୋର୍ଟ ଆସିନାହିଁ। ଦେଶର ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ଭୂକମ୍ପପ୍ରବଣ ଅଞ୍ଚଳରେ ଯାଉଛନ୍ତି। ତେଣୁ ଏହି ଅଞ୍ଚଳରେ ଅଧିକ ଭୂକମ୍ପ ଝଟକା ଅନୁଭୂତ ହୋଇଥାଏ। ଏହା ପୂର୍ବରୁ ସେପଟ୍ଟେମ୍ବର ୨ ତାରିଖରେ ଆସାମର ସୋନିତପୁରରେ ଭୂକମ୍ପ ହୋଇଥିଲା। ଏହାର ତୀବ୍ରତା ରିକ୍ଟରସ୍କେଲରେ ୩.୫ ରହିଥିଲା। ଆଜି ଗୌହାଟୀରେ ଭୂକମ୍ପ ଅନୁଭୂତ ହେବା ପରେ ସୋଶାଲ ମିଡିଆରେ ଏହା ଟ୍ରେଣ୍ଡ କରିଥିଲା। ଲୋକେ ସେମାନଙ୍କ ଅନୁଭୂତିକୁ ଏଥିରେ ଶେଆର କରିଥିଲେ। ଭୂପେନ କୁମାର ବୋରା ତାଙ୍କ ଏକ୍ସରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଭୂକମ୍ପ ପ୍ରଭାବରେ ଘରେ କୁଣ୍ଡରେ ଥିବା ଏକ ବୃକ୍ଷ ଦୋହଲୁ ଥିବା ଦେଖିବାକୁ ମିଳିଥିଲା।

## କଂଗ୍ରେସର ନିର୍ବାଚନ କସରତ: ଆଗାମୀ ପଦଯାତ୍ରା ପାଇଁ ପ୍ରସ୍ତୁତ ହେଲାଣି ବ୍ଲୁପ୍ରିଣ୍ଟ



ଭୁବନେଶ୍ୱର, ୧୪/୯ (ନି.ପ୍ର): ନିର୍ବାଚନ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛି କଂଗ୍ରେସ । କଂଗ୍ରେସ ଭବନରେ ଖୋଦ ଏଆଇସିସି ସାଧାରଣ ସମ୍ପାଦକ କେ ସି ଭେଣୁଗୋପାଳ ରାଜ୍ୟରେ କଂଗ୍ରେସର ସ୍ଥିତି ପରଖିବା ସହ ଲଢ଼େଇ ପାଇଁ ପ୍ରସ୍ତୁତ ରୁହ ବୋଲି ନେତାଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିସହିତ ସୃଜନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ ପାଇଁ ମଧ୍ୟ ଆଲୋଚନା କରିଛନ୍ତି ଭେନୁଗୋପାଳ । ଖୁବକମ୍ ଦିନ ମଧ୍ୟରେ ଓଡ଼ିଶାରେ ବିଜେପି ଜନବିରୋଧୀ ହୋଇଯାଇଛି । ବିଜେପି ସରକାର ବିରୋଧରେ କେନ୍ଦ୍ରରେ ଯେମିତି ଲଢ଼େଇ ଚାଲିଛି, ଓଡ଼ିଶାରେ ବି ସେମିତି ଲଢ଼େଇ ଜୋରଦାର କର ବୋଲି ନେତାଙ୍କୁ କହିଛନ୍ତି ବେଣୁ ଗୋପାଳ। କଂଗ୍ରେସ ଭବନରେ ପଲିଟିକାଲ ଆଫେୟାର୍ସ କମିଟି ବୈଠକ ପରେ କେ ସି ବେଣୁଗୋପାଳ କହିଛନ୍ତି, ରାଜ୍ୟରେ ଭୋଟ୍ ଚୋରି ବିରୋଧରେ ଆନ୍ଦୋଳନ ଆରମ୍ଭ କର । ଜାତୀୟ ସ୍ତରରେ ଯେଭଳି ଲଢ଼େଇ ହେଉଛି ସେଭଳି ଓଡ଼ିଶାରେ ଲଢ଼ । ପଲିଟିକାଲ ଆଫେୟାର୍ସ କମିଟି ବୈଠକରେ ଦୁଇଟି ପ୍ରମୁଖ ପ୍ରସଙ୍ଗକୁ ନେଇ ଜୋରଦାର ଚର୍ଚ୍ଚା ହୋଇଛି।

▶▶ପୃଷ୍ଠା ୭

## ବଢୁଛି ବିଜେଡି ବିବାଦ: ଜିଲ୍ଲା ସଭାପତି ଚୟନକୁ ନେଇ ନେତାଙ୍କ ଭିତରେ କଳି



ବାଲେଶ୍ୱର, ୧୪/୯ (ନି.ପ୍ର): ରାୟଗଡା ପରେ ବାଲେଶ୍ୱର ବିଜେଡିରେ ଭୟଙ୍କର ସ୍ଥିତି ଦେଖାଦେଇଛି । ଦଳୀୟ ନେତାଙ୍କ ମଧ୍ୟରେ ତୁ ତୁ ମେଁ ମେଁ କନ୍ଦଳକୁ ଆହୁରି ବଢାଇଛି । ସିମୁଳିଆର ଦୁଇ ନେତା ପୂର୍ବତନ ବିଧାୟକ ଜ୍ୟୋତି ପାଣିଗ୍ରାହୀ ଓ ସୁଭାସିନୀ ସାହୁ ମୁହାଁମୁହିଁ ହୋଇଛନ୍ତି । ବାଲେଶ୍ୱରରେ ଏଯାଏଁ ବିଜେଡି ଜିଲ୍ଲା ସଭାପତି ନିଯୁକ୍ତି କରିପାରିନି। ଏହାରି ଭିତରେ ନେତା-ନେତାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦଳକୁ ଅଡୁଆରେ ପକାଇଛି । ଜିଲ୍ଲାରେ ଦୁଇ ନେତା ଜ୍ୟୋତି ପାଣିଗ୍ରାହୀ ଓ ଶଶୀ ସାହୁ ମୁହାଁମୁହିଁ ହୋଇଛନ୍ତି । ଦୁଇ ଦିନ ତଳେ ଜ୍ୟୋତି ପାଣିଗ୍ରାହୀଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆଣିଥିଲେ ଶଶୀ ସାହୁ। ଜ୍ୟୋତି ବିଜେପି ସହ ସମ୍ପର୍କ ରଖିଛନ୍ତି ଓ ଦଳୀୟ କାର୍ଯ୍ୟକ୍ରମରେ ଅସହଯୋଗ କରୁଥିବା ଅଭିଯୋଗ ଆଣିଥିଲେ ଶଶୀ । ଆଉ ଆଜି ଏହାର କଡା ଜବାବ ରଖିଛନ୍ତି ଜ୍ୟୋତି ପାଣିଗ୍ରାହୀ । ଜ୍ୟୋତି କହିଛନ୍ତି, ପଦପଦବି ପାଇଲେ ସେବା କରିବି ନ ପାଇଲେ କରିବିନି ସେମିତି ଦାବି କରିବା କାପୁରୁଷର ଲକ୍ଷଣ । ସିମୁଳିଆରେ ୨୦୧୪ ଓ ୨୦୧୯ରେ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଜେଡି ଟିକେଟ ପାଇଁ ବିଧାୟକ ହୋଇଥିଲେ । ହେଲେ ୨୦୨୪ରେ ଜ୍ୟୋତିଙ୍କୁ କାଟି ସୁଭାଷିନୀ ସାହୁଙ୍କୁ ବିଜେଡି ଟିକେଟ ଦେଇଥିଲା । କିନ୍ତୁ ସେ ହାରିଯାଇଥିଲେ । ଏବେ ସିମୁଳିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଇରାକୁ ଏନଏସି ମାନ୍ୟତା ଦାବି ଜୋର ଧରିଥିଲାବେଳେ ତେଜିଛି ବୟାନବାଜି। ଜ୍ୟୋତିଙ୍କ ସହ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ସୁଭାଷିନୀଙ୍କୁ ଟାର୍ଗେଟ କରିଛନ୍ତି । ଜବାବରେ ବର୍ଷିଛନ୍ତି ସୁଭାସିନୀ ।

## ହିମାଚଳରେ ବ୍ୟାପକ ବର୍ଷା, ଚମ୍ବାରେ ଧସିଲା ନ୍ୟାସନାଲ ହାଇୱେ, ଖସିଲା ଗାଡି

ନୂଆଦିଲ୍ଲୀ,୧୪/୯ :ହିମାଚଳ ପ୍ରଦେଶରେ ମୌସୁମୀର ତାଣ୍ଡବ ଥମିବାର ନାଁ ନେଉନାହିଁ। ରବିବାର ରାତିରୁ ଆରମ୍ଭ କରି ସକାଳ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ପ୍ରବଳବର୍ଷା ହୋଇଛି। କାଙ୍ଗଡା ଜିଲ୍ଲାର ଧର୍ମଶାଳାରେ ସବୁଠାରୁ ଅଧିକ ୨୩୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ପାଲମପୁରରେ ୧୨୬ ମି.ମି., ମଣ୍ଡି ଜିଲ୍ଲାର ମୁରାରୀ ଦେବୀ ଅଞ୍ଚଳରେ ୭୯ ମି.ମି. ଏବଂ ସୁନ୍ଦରନଗର ଓ ଯୋଗୀନ୍ଦରନଗରରେ ୭୭ ମି.ମି. ବର୍ଷା ହୋଇଛି। ରାଜଧାନୀ ଶିମଲାରେ ମଧ୍ୟ ରାତିରେ ପ୍ରବଳ ବର୍ଷା ଓ ସକାଳଠୁ ଘନ କଳାମେଘ ଛାଇଥିବା ଦେଖିବାକୁ ମିଳିଛି। ଲଗାତାର ବର୍ଷା ହେବାରୁ ନଦୀ-ନାଳା ଫୁଲିଛି ଓ ଭୂସ୍ଖଳନର ଘଟଣା ବଢ଼ି ଚାଲିଛି।

## କଣ୍ଠଶିଳ୍ପୀ କରାଇଦେବାକୁ କହି ଦୁଷ୍କର୍ମ କଲେ : ୩ ଅଭିଯୁକ୍ତଙ୍କୁ ଗିରଫ କଲା କମିସନରେଟ୍ ପୁଲିସ



ଭୁବନେଶ୍ୱର, ୧୪/୯ (ନି.ପ୍ର): ଫେସବୁକରୁ ସମ୍ପର୍କ । ଚାଟିଂରୁ ଚିଟିଙ୍ଗ । କଣ୍ଠଶିଳ୍ପ ହେବାର ସ୍ୱପ୍ନ ଦେଖାଇ, ଇଜ୍ଜତ ଲୁଟିନେଲା । ସେତିକିରେ ମନ ବୁଝି ନଥିଲା, ସାଙ୍ଗକୁ ଲଗାଇ ଗଣ ଦୁଷ୍କର୍ମ କଲା। ଏ ହେଉଛି ସେହି ସୈତାନ୍ । ନାଁ- ଚନ୍ଦନ କୁମାର ହାତୀ ଓରଫ ଚାନ୍ଦୁ। ଯୁବତୀଙ୍କୁ ଚାନ୍ସ ଦେବା ନାଁରେ ରଚିଥିଲା ରୋମାନ୍ସ କରିବାର ଷଡଯନ୍ତ୍ର । ବିଛାଇଥିଲା ଜାଲ, ଲଜକୁ କରିଥିଲା ଢାଲ । ଗଣ ଦୁଷ୍କର୍ମ ପାଇଁ ଚକ୍ରାନ୍ତ କରିଥିଲା ଚନ୍ଦନ । ଜଣେ ନାଚ ଶିକ୍ଷୟତ୍ରୀଙ୍କୁ ଭିଡିଓ ମ୍ୟୁଜିକ କରାଇଦେବାର ପ୍ରଲୋଭନ ଦେଖାଇଥିଲା । ଫଟୋ ସୁଟ୍ ବାହାନାରେ ଚନ୍ଦ୍ରଶେଖରପୁରରେ ଥିବା ପୋଖରାନ୍ ଭିଲେଜ ପାଖ ସାଇମାର୍ଗ ଲଜକୁ ଡାକିଥିଲା । ଲଜରେ ପହଞ୍ଚିବା ପରେ, ଚନ୍ଦନ ତାର ସହଯୋଗୀ

▶▶ପୃଷ୍ଠା ୭

## ସାର ସମସ୍ୟାକୁ ନେଇ ରାଜଭବନ ଆଗରେ ଆନ୍ଦୋଳନ କରିବ ବିଜେଡି

ଭୁବନେଶ୍ୱର, ୧୪/୯ (ନି.ପ୍ର): ସାର ସମସ୍ୟାକୁ ନେଇ ରାଜଭବନ ଆଗରେ ଆନ୍ଦୋଳନ କରିବ ବିଜେଡି । ଏ ନେଇ ରାଜ୍ୟପାଳଙ୍କୁ ଭେଟି ଏକ ଦାବି ପତ୍ର ଦିଆଯିବ । ଏ ନେଇ ସୂଚନା ଦେଇଛନ୍ତି ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ପ୍ରସନ୍ନ କହିଛନ୍ତି ମନ୍ତ୍ରୀ ରାଜଧାନୀରେ କେବଳ ପ୍ରତିକ୍ରିୟା ନ ଦେଇ ଗ୍ରାଉଣ୍ଡକୁ ଯାଆନ୍ତୁ । ସାର ମିଳୁନି ବୋଲି କହୁଥିବା ଚାଷୀଙ୍କୁ ରାଜନୀତି କରୁଛି କହି ସେମାନଙ୍କ କଟା ଘା'ରେ ଚୂନ ମାରୁଛନ୍ତି ସରକାର ।

## ନୂଆ ଜିଏସଟି ପୂର୍ବରୁ ନୂଆ ଏମ୍ଆରପି : ଓଡ଼ିଶା ସମେତ ସବୁ ରାଜ୍ୟକୁ ଚିଠି ଲେଖିଲା କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ




ନୂଆଦିଲ୍ଲୀ,୧୪/୯ : ନୂଆ ଜିଏସ୍‌ଟି ପୂର୍ବରୁ ନୂଆ ଏମ୍ଆରପି। ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ କରିବା ପରେ ପୂର୍ବରୁ କ୍ରୟ କିମ୍ବା ପ୍ୟାକିଂ ହୋଇସାରିଥିବା ସାମଗ୍ରୀ ଉପରେ ସଂଶୋଧିତ ମୂଲ୍ୟ ଲେଖିବା ବାଧ୍ୟତାମୂଳକ । କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓଜନ ବିତରଣ ବିଭାଗ ପକ୍ଷରୁ ଓଡ଼ିଶା ସମେତ ସମସ୍ତ ରାଜ୍ୟ ସରକାରଙ୍କୁ ପତ୍ର ଲେଖାଯାଇଛି । ଉତ୍ପାଦକ, ପ୍ୟାକର୍ ଓ ଆମଦାନୀକାରୀଙ୍କୁ ନିର୍ଦ୍ଦେଶ ଜାରି କରିବା ପାଇଁ କୁହାଯାଇଛି । ଚିଠିରେ କୁହାଯାଇଛି ଯେ ଜିଏସ୍‌ଟି ସଂଶୋଧନ ହେବା ପୂର୍ବରୁ ଗଚ୍ଛିତ ଥିବା ସାମଗ୍ରୀ ଉପରେ ନୂଆ ଦର ବା ଏମ୍ଆରପି ଲେଖା ହେବା ଜରୁରୀ । ହ୍ରାସ ପାଇଥିବା ଜିଏସ୍‌ଟି ଅନୁସାରେ ନୂଆ ଏମ୍ଆରପି ଲାଗୁ ଆବଶ୍ୟକ । ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା କିମ୍ବା ଷ୍ଟକ୍ ଶେଷ ହେବା ଯାଏ ନିର୍ଦ୍ଦେଶନାମା ଲାଗୁ ହେବ । ପୁରୁଣା ମୂଲ୍ୟକୁ ନ ଲିଭାଇ ତାହା ନିକଟରେ ନୂଆ ମୂଲ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ । ମୂଲ୍ୟ ସଂଶୋଧନ ସମ୍ପର୍କରେ ଉତ୍ପାଦକ, ପ୍ୟାକର, ଆମଦାନୀକାରୀ ଖବର କାଗଜରେ ବିଜ୍ଞାପନ ସମ୍ବନ୍ଧରେ ଜଣାଇବା ସହ ନିଜର ଡିଲର ଏବଂ ସ୍ଥାନୀୟ ମାପ ଓଜନ ବିଭାଗକୁ ନୋଟିସ ମାଧ୍ୟମରେ ଜଣାଇବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ନୂଆ ଏମ୍ଆରପିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ଯୋଗାଣ ମନ୍ତ୍ରୀ । କୃଷ୍ଣ ପାତ୍ର କହିଛନ୍ତି, ଜିଏସଟି ସବୁ ଜିନିଷ ଉପରେ କମିଛି। ଅନେକ ଜିନିଷ ଯେପରି କିଛି ଔଷଧ ଉପରେ ଶୂନ କରି ଦିଆଯାଇଛି। ସାଧାରଣ ଲୋକେ ଏଥିରେ ଉପକୃତ ହେବେ ।

## ୨୦ରେ ପ୍ରାଥମିକ ଶିକ୍ଷକଙ୍କ ବିଧାନସଭା ଘେରାଉ

ଭୁବନେଶ୍ୱର, ୧୪/୯ (ନି.ପ୍ର): ବିଭିନ୍ନ ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ଆସନ୍ତା ସେପ୍ଟେମ୍ବର ୨୦ ତାରିଖରେ ବିଧାନସଭା ଅଧିବେଶନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଖାରବେଳ ନଗରସ୍ଥିତ ଶ୍ରମିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ କହିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ଉପୁଜିବା ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ସଂଘର ନେତୃତ୍ୱମାନେ ଚେତାବନୀ ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ବିଷୟଭିତିକ ଲେବୁଲ-୪ ପ୍ରଧାନଶିକ୍ଷକ ଓ ଲେବୁଲ୍-ଭି(ବି) ପଦବୀ ଖାଲି ପଡ଼ିଥିବା ବେଳେ ପଦଗୁଡ଼ିକୁ ପୂରଣ କରାଯାଉ ନାହିଁ। ୨୦୧୯ ମସିହାରେ ପ୍ରାଥମିକ ଶିକ୍ଷକମାନଙ୍କ କ୍ୟଡର ରୁଲ୍ ସଂଶୋଧନରେ ୨୦୧୧ ମସିହା ପରେ ଶିକ୍ଷକ ନିଯୁକ୍ତି ପାଇଁ ଓଟିଇଟି ଆବଶ୍ୟକ ବୋଲି କୁହାଯାଇଥିଲା। କିନ୍ତୁ ଟିଇଟି ଲାଗୁ ହେବାର ୧୫ ବର୍ଷ ପରେ ପଦୋନ୍ନତିରେ ୨୦୧୧ ମସିହା ପୂର୍ବ ନିଯୁକ୍ତି ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ

▶▶ପୃଷ୍ଠା ୭

## ବାତ୍ୟାକୁ ନେଇ ବଡ଼ ସୂଚନା: ଲଘୁଚାପ ସୃଷ୍ଟି ହେଲେ ଜଣାପଡ଼ିବ ଗତି : ଆଇଏମଡି ଡିଜି

ଭୁବନେଶ୍ୱର, ୧୪/୯ (ନି.ପ୍ର): ଦେଶରୁ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏପଟେ ରାଜ୍ୟର ଲଘୁଚାପ ଜନିତ ବର୍ଷା ଜାରି ରହିଛି । ବିଶେଷ କରି ଉପକୂଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଜି ବର୍ଷା ହୋଇଛି । ଏହାରି ଭିତରେ ଆଗାମୀ ଅକ୍ଟୋବର ମାସରେ ବାତ୍ୟାକୁ ନେଇ ଭୟ ବଢ଼ିଛି । ଦୁର୍ଗାପୂଜା ପରେ ବାତ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ଅଧିକ । ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ବଡ଼ ବାତ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ଘାରୁଛି । ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କହିବା ଅନୁସାରେ, ବଙ୍ଗୋପସାଗର କିମ୍ବା ଆରବ ସାଗରରେ ବାତ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି । ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ବାତ୍ୟା ସୃଷ୍ଟି ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଏହି ସମୟ ମଧ୍ୟରେ ଲା-ନିନା ପ୍ରଭାବରେ ବଙ୍ଗୋପସାଗରେ ବାତ୍ୟା ସୃଷ୍ଟି ହେବା

▶▶ପୃଷ୍ଠା ୭

## ଦାୟିତ୍ୱ ନେଲେ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ: ପୁଣି ଶାନ୍ତି ପ୍ରତିଷ୍ଠା ପାଇଁ ସହଯୋଗ ଲୋଡ଼ିଲେ



ନୂଆଦିଲ୍ଲୀ,୧୪/୯ : ଆଜି କାର୍ଯ୍ୟଭାର ସମ୍ଭାଳିଛନ୍ତି ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି । ଦେଶରେ ପୁଣି ଶାନ୍ତି ପ୍ରତିଷ୍ଠା ପାଇଁ ଦେଶବାସୀଙ୍କ ସହଯୋଗ ଲୋଡିଛନ୍ତି । ସେପଟେ ଅନ୍ତରୀଣ ସରକାର କ୍ୟାବିନେଟ୍ ଗଠନ କରିବା ସମ୍ଭାବନା ଅଛି । ସୁଶୀଳା ଗତ ଶୁକ୍ରବାର ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଆଜି ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବା ସହ କ୍ୟାନିନେଟ୍ ଗଠନ କରିବା ସମ୍ଭାବନା ଅଛି । ବିଭିନ୍ନ ପ୍ରସଙ୍ଗରେ ଗତ ମଙ୍ଗଳବାରଠାରୁ ନେପାଳରେ ସରକାର ବିରୋଧୀ ସ୍ୱର ତୀବ୍ର ହୋଇଥିଲା । ଜେନ-ଜେଡ୍ ଗୋଷ୍ଠୀ ସାରା ଦେଶରେ ବ୍ୟପାକ ରଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ । ପ୍ରଧାନମନ୍ତ୍ରୀ ପଦରୁ କେ.ପି ଶର୍ମା ଓଲି ଇସ୍ତଫା ଦେବା ପରେ ନେପାଳକୁ ସେନା ନିୟନ୍ତ୍ରଣକୁ ନେଇଥିଲା । ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ସୁଶୀଳା କାର୍କି ମନୋନୀତ ହୋଇଥିଲେ ଓ ଶପଥ ନେଇଥିଲେ । ନେପାଳରେ କର୍ଫ୍ୟୁ କୋହଳ କରି ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା ଚାଲିଛି । କ୍ୟାବିନେଟ୍ ଗଠନ ପରେ ପ୍ରକ୍ରିୟା ସହଜ ହେବା ସମ୍ଭାବନା ରହିଛି । ଅନ୍ତରୀଣ ସରକାର ନୂଆ ଟିମ୍ କରିପାରନ୍ତି । କ୍ୟାବିନେଟ୍ ଗଠନ କରିବେ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ।

## ଟ୍ରମ୍ପଙ୍କ ଟାରିଫ୍ ଧମକ: ଚୀନ କହିଲା ଆମେ ଯୁଦ୍ଧ ଚାହୁଁନୁ



ନୂଆଦିଲ୍ଲୀ,୧୪/୯ : ଭାରତ ପରେ ଚୀନ ସହ ଆମେରିକାର ବଢୁଛି ଟାରିଫ ବିବାଦ । ଗତକାଲି ଡୋନାଲ୍ଡ ଟ୍ରମ୍ପ ଚୀନ ଉପରେ ୫୦ରୁ ୧୦୦ ପ୍ରତିଶତ ଟାରିଫ ଲଗାଇବାକୁ ଧମକ ଦେଇଥିଲେ । ଯାହାର ଜବାବ ରଖିଛି ବେଜିଂ । ଆମେରିକା ରାଷ୍ଟ୍ରପତିଙ୍କ ଶୁଳ୍କ ନିଷ୍ପତ୍ତି ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶକୁ ପ୍ରଭାବିତ କରିଛି । ରୁଷରୁ ତେଲ କିଣିବା ଯୋଗୁଁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯାଇଛି । ବର୍ତ୍ତମାନ ଟ୍ରମ୍ପ ନାଟୋ ଦେଶଗୁଡ଼ିକୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ନାଟୋ ଦେଶଗୁଡ଼ିକୁ ରୁଷ ତେଲ କିଣିବା ବନ୍ଦ କରିବାକୁ ଏବଂ ୟୁକ୍ରେନରେ ଯୁଦ୍ଧ ସମାପ୍ତ କରିବା ପାଇଁ କହିବା ସହ ରୁଷ ଉପରେ ବଡ଼ କଟକଣା ଲଗାଇବାକୁ ଅନୁରୋଧ କରିଛନ୍ତି ।

▶▶ପୃଷ୍ଠା ୭

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଠିକା କର୍ମଚାରୀଙ୍କ ଆନ୍ଦୋଳନ

ଜୟପୁର, ୧୪/୯ (ନି.ପ୍ର): ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଉଟସୋର୍ସିଙ୍ଗ ଠିକା କର୍ମଚାରି ଭାବେ ନିୟୋଜିତ ହୋଇଥିବା କର୍ମଚାରୀମାନେ ଆଜି ଆନ୍ଦୋଳନ କରିଛନ୍ତି । ଠିକା କର୍ମଚାରୀଙ୍କୁ ଠିକା ସଂସ୍ଥା ପ୍ରତାରଣା କରୁଛି । ଠିକା ସଂସ୍ଥା ଠିକ ଭାବରେ ଦରମା ଦେଉନାହିଁ । କର୍ମଚାରୀ ମାନେ କାର୍ଯ୍ୟରେ ଯୋଗ ନଦେଇ ରାଜରାସ୍ତାକୁ ଆସିଛନ୍ତି । କର୍ମଚାରୀ ଯୋଗାଉଥିବା ଠିକା ସଂସ୍ଥା ବାରମ୍ବାର ଦରମା ନ ଦେଇ କର୍ମଚାରୀଙ୍କୁ କାମ କରିବାକୁ ବାଧ କରୁଥିବା ଅଭିଯୋଗ କରିଛନ୍ତି । ତିନି ମାସ ହେବ ଠିକା ସଂସ୍ଥା ଏଲ ଇଣ୍ଡ କେ ସର୍ଭସେଶ୍ ଦରମା ଦେଇନଥିବାରୁ ଆନ୍ଦୋଳନ କରିଛନ୍ତି କର୍ମଚାରୀ । ଚିକିତ୍ସାଳୟ ପରିସରରେ ଆନ୍ଦୋଳନ କରିବାକୁ ମନା କରିବାରୁ ବିକ୍ଷୋଭକାରୀ ମାନେ ଜୟପୁର ସଦର ଥାନାରେ ବିକ୍ଷୋଭ କରିଥିଲେ । ଜୟପୁର ସଦର ଥାନାରେ ଏତଲା ଦେଇ ବିକ୍ଷୋଭ କରିବାରୁ ରୋଗି ସେବାରେ ବ୍ୟାଘାତ ସୃଷ୍ଟି ହୋଇଛି । ଆଜି ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ରୋଗୀ ସେବା ଠପ୍ ହୋଇଯାଇଛି । ଚିକିତ୍ସାଳୟରେ ୪୩୦ ଜଣ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି । ପୁଣି ଅଭ୍ୟାସଗତ ଭାବେ ଗୋଟିଏ ମାସର ଦରମା ଦେଲେ ପୁଣି ଦୁଇ ମାସର ଦରମା ଦେଉନାହିଁ ଠିକା ସଂସ୍ଥା । ଚିକିତ୍ସାଳୟରେ ୭୦ ଜଣ ଷ୍ଟାଫ ନର୍ସ, ଶହେ ଜଣ ସିକ୍ୟୁରିଟି ଗାର୍ଡ, ଶହେ ଜଣ ସୁପଭାଇଜର, ଶହେ ଜଣ ଆଟେଣ୍ଡେଂଟ ସହିତ ଡ୍ରାଇଭର, ଡାଟା ଏଂଟ୍ରି ଅପରେଟର, କର୍ମଚାରୀଙ୍କୁ ନିୟମିତ ଦରମା ଦେବାକୁ ବିଳମ୍ବ କରୁଛି । ଏମିତିକି ଦରମା ନେଇ ମୁହଁ ଖୋଲିଲେ ଚାକିରିରୁ ବାହାର କରିଦେବ କହି ଧମକ ଦେଉଥିବା ନେଇ ଠିକା କର୍ମଚାରୀ କବିତା ଆନନ୍ଦ, ବ୍ଲାସେଟ ସାମଲ ଅଭିଯୋଗ କରିଛନ୍ତି । ଏପରିକି କ୍ରମାଗତ ଭାବେ ୭ ବର୍ଷ ଧରି କାମ କରୁଥିବା ଠିକା କର୍ମଚାରୀମାନେ ନିର୍ଯ୍ୟାତନାର ଶିକାର ହୋଉଛନ୍ତି । ୩ ମାସ ହେଲେ ଗୋଟେ ମାସର ଦରମା ଦେଉଛି । ୧୫ ହଜାର ଟଙ୍କା ଦରମା ହେଉଥିବା ବେଳେ କାହାକୁ ୧୧ ହଜାର, କାହାକୁ ୮ ହଜାର, ୪ ହଜାର ଏପରି ଦରମା ଦିଆଯାଉଛି । କ'ଣ କହିଲେ ବୋୟୋମେଟ୍ରିକ ଦେଖାଉ ନାହିଁ ତମେ ଛୁଟିରେ ଅଛ ବୋଲି ଧମକ ଦିଆଯାଇ ଟାର୍ଗେଟ କରାଯାଉଛି । ୧ ଦିନ ଛୁଟି କଲେ ୫ ଦିନ ଛୁଟି ଦେଖାଯାଉଛି । ବାୟୋମେଟ୍ରିକରେ ପ୍ରତ୍ୟେକ ଦିନ ଯିବା ଆସିବା ସମୟରେ ଦସ୍ତଖତ କରାଯାଉଛି ହେଲେ ବି ଆବସେଂଟ ଦେଖାଯାଉଛି । ଦରମା ଦେଉନଥିବାରୁ ପିଲା ଛୁଆ ସହ କିପରି ବଂଚିବୁ ବୋଲି ପ୍ରଶ୍ନ କରିଛନ୍ତି । ବାର ମ୍ବାର ଠିକ ସମୟରେ ଦରମା ଦିଆଯାଉ ନାହିଁ । ଦରମା ନଦେଲେ ଉଠିବି ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏହି ଠିକା ସଂସ୍ଥା ନିୟମିତ ରାଜ୍ୟ ସରକାରଙ୍କ ଠାରୁ ସମସ୍ତ ଅର୍ଥ ପାଉଥିଲେ ମଧ କାହିଁକି ପ୍ରତି ମାସରେ ଦରମା ଦେଉ ନାହିଁ ତାହା ପଛରେ କାହାର ସହଯୋଗର ହାତ ଅଛି ତାହାକୁ ନେଇ ଉଠୁଛି ପ୍ରଶ୍ନ । ଠିକା କର୍ମଚାରିଙ୍କ ବିକ୍ଷୋଭ ଧାରଣାରେ ରୋଗି ସେବାରେ ସମସ୍ୟା ସୃଷ୍ଟି ହୋଇଛି । ସେମାନଙ୍କର ଦାବି ଯୁକ୍ତିଯୁକ୍ତ । ଏହାର ସ୍ଥାୟୀ ପ୍ରତିକାର ପାଇଁ ଠିକା ସଂସ୍ଥା ଏଲ ଏଣ୍ଡ କେ ସର୍ଭିସେଶକୁ ଜଣାଇ ଦିଆଯାଇଛି । ଏପରିକି ଠିକା ସଂସ୍ଥା ବିରୁଦ୍ଧରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରାଯାଇଥିବା ବିଷୟ ଜିଲା ମୁଖ୍ୟ ଚିକିତ୍ସାଳୟର ଡିଏମଓ ଦିଲ୍ଲିପ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ଜିଲ୍ଲା ସ୍ତରୀୟ 'ଆସ ସ୍କୁଲ୍ ଯିବା' ରାଲି ଓ ସମ୍ମାନ ସମାରୋହ

ସମ୍ବଲପୁର, ୧୪/୦୯ (ନି.ପ୍ର): ସମଗ୍ର ଶିକ୍ଷା ଅଭିଯାନ ଆନୁକୁଲ୍ୟରେ ୧୪ ସେପଟ୍ମେର ୨୦୨୫ ତାରିଖ ରବିବାର ସକାଳ ୭ଟାରୁ ଜିଲ୍ଲା ସ୍ତରୀୟ "ଆସ ସ୍କୁଲ୍ ଯିବା" ପଦଯାତ୍ରା ଆୟୋଜିତ ହେବାକୁ ଯାଉଛି । ଏହି ପଦଯାତ୍ରା ରିଜର୍ଭ ପୋଲିସ୍ ଗ୍ରାଉଣ୍ଡରୁ ଆରମ୍ଭ ହୋଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଅଡିଟୋରିୟମ୍‌ରେ ଠାରେ ଏକ ସମ୍ମାନ ସମାରୋହ ଆୟୋଜନ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି । ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ଓ ଜିଲ୍ଲାର ପ୍ରମୁଖ ଅତିଥିମାନେ ମଧ ଯୋଗଦେବେ ବୋଲି ଆୟୋଜକ କମିଟି ସୂତ୍ରରୁ ଜଣାପଡିଛି ।

# ଇଣ୍ଡିଆ ବୁକ ଅଫ ରେକର୍ଡସରେ କୁନି ଝିଅ ଶିବ୍ୟାଶିବାମୀ

ନୀଳଗିରି, ୧୪/୦୯ (ନି.ପ୍ର): ସାଢ଼େ ୩ବର୍ଷ ବୟସରେ ନିଜର ବିଚକ୍ଷଣ ବୁଦ୍ଧିମତ୍ତା ପାଇଁ ସେ ଏବେ ଚର୍ଚ୍ଚାରେ ।ଏହି ଧୀ ସମ୍ପନ୍ନ କୁନିଝିଅକୁ ମିଳିଛି ଇଣ୍ଡିଆ ବୁକ ଅଫ ରେକର୍ଡ୍‌ସ(ଆଇବିଆର) ର ମାନ୍ୟତା। ଏଭଳି ଦୁର୍ଲଭ ରେକର୍ଡ଼ର ଅଧିକାରୀ ହୋଇଥିବା କୁନିଝିଅ ହେଉଛନ୍ତି ରେମୁଣା ବ୍ଲକ, ସେରଗଡ଼ ପଞ୍ଚାୟତ ସାଆନ୍ତା ଗ୍ରାମର ବିଏଲ ଶିବ୍ୟା ଶିବାମୀ ପ୍ରଧାନ । ଶିବ୍ୟା ୨୦୨୨, ମାର୍ଚ୍ଚ ୧ ତାରିଖରେ ଜନ୍ମଗ୍ରହଣ କରିଥିଲେ ।ବାପା ହରେକୃଷ୍ଣ ପ୍ରଧାନ ଜଣେ ଠିକାଦାର ଏବଂ ମା' ବର୍ଷା ବର୍ଣ୍ଣାଳୀ ପାତ୍ର ଜିଲ୍ଲାଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର। ଶିବ୍ୟା ୧୭ ମାସର ହୋଇଥିବାବେଳେ ପାଟି ଖୋଲିଥିଲା। ପିତାମାତା ତାକୁ ଯାହା ଶିଖାଉଥିଲେ ସେ ଖୁବଶୀଘ୍ର ସେ ସବୁ ମନେ ରଖିପାରୁଥିଲା। ବିଶେଷକରି ମାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଢ଼େଇବର୍ଷ ବେଳକୁ ଶିବ୍ୟା ଅନେକ କିଛି



ହାସଲ କରି ନେଇଥିଲା। ଏପରିକି ୧୫ ପ୍ରକାର ରଙ୍ଗ, ୧୫ ପ୍ରକାର ଯାନ, ୧୨ଟି ପର୍ବ, ୨୧ ପକ୍ଷୀ, ୧୬ଟି ଆକୃତି, ୨୨ ପ୍ରକାର ପନିପରିବା, ୨୦ଟି ଫୁଲ, ୨୧ଟି ଫଳ, ୧୪ଟି ଷ୍ଟେସନାରୀ ସାମଗ୍ରୀ, ୨୦ଟି ସମ୍ପ୍ରଦାୟ ସହାୟକ, କମ୍ପ୍ୟୁଟରର ୧୦ଟି ଅଂଶ ଓ ଶରୀରର ୩୦ଟି ଅଂଶ ଚିହ୍ନଟ କରିବା ସହ ବର୍ଷ, ମାସ, ସପ୍ତାହର ଦିନ, ମହା ମୃତ୍ୟୁଞ୍ଜୟ ମନ୍ତ୍ର, ୨୫ଟି ଜାତୀୟ ପ୍ରତୀକ, ଇଂରାଜୀ ବର୍ଣ୍ଣମାଳା ମନେରଖିପାରିଛି । ୪ଟି ଶିଶୁ ଗୀତ, ଜାତୀୟସଙ୍ଗୀତ ଗାନ ଏବଂ ଭଗବାନ ଗଣେଶଙ୍କ ଆରତି ଗାନ କରିପାରୁଛି । ଚଳିତବର୍ଷ ମଇ ମାସରେ ମାଆ ଝିଅର ପ୍ରତିଭା ସମ୍ପର୍କିତ ଭିଡିଓ ଦିଲ୍ଲୀସ୍ଥିତ ଆଇବିଆର କାର୍ଯ୍ୟାଳୟକୁ ପଠାଇଥିଲେ ଏବଂ ଭିଡିଓ କନଫରେନ୍ସ ମାଧମରେ ପରୀକ୍ଷା ପରେ ଅଗଷ୍ଟ ୧୮ ତାରିଖରେ ଆଇବିଆର ପକ୍ଷରୁ ସ୍ୱଷ୍ଟ କରାଯାଇଥିଲା। ଶିବ୍ୟାଙ୍କୁ ପ୍ରମାଣପତ୍ର ଏବଂ ମେଡାଲ ସହ ଅନ୍ୟ ଉପକରଣ ପ୍ରଦାନ କରାଯାଇଛି ବୋଲି ଶିବ୍ୟାଙ୍କ ମା ସୂଚନା ଦେଇଛନ୍ତି।

## ବଲାଙ୍ଗିର ସିଭିଲ୍ କୋର୍ଟ ଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, ୧୪/୦୯ (ନି.ପ୍ର): ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା, ବଲାଙ୍ଗିର ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ଆଜି ସିଭିଲ କୋର୍ଟ ବଲାଙ୍ଗିର ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରର ମୂଳ ଉଦ୍ଦେଶ୍ୟ ଅଣ ସଂକ୍ରମକ ରୋଗର ଚିହ୍ନଟ ସହ, ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା ।

ଏହି ଶିବିରରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ୀ, ଭୀମଭୋଇ ମେଡିକାଲ କଲେଜର ଡାକ୍ତର ଅଶ୍ୱିନୀ କୁମାର ମେହେର, ଡାକ୍ତର ନରେସ ଚନ୍ଦ୍ର ଭାଟି, ଡାକ୍ତର ନମ୍ରତା ଦାସ ଓ ଡାକ୍ତର ସଭ୍ରା ନନ୍ଦ ଏବଂ ରାଜେନ୍ଦ୍ର ଯୁବକ ସଂଘର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ତରଫରୁ ଡିପିଏଚଓ ଦିବ୍ୟ କିଶୋର ପତି, ଏ ପି ଏମ ରାମାନୁଜ ପଣ୍ଡା ଓ ୟୁ ଡି ଏମ ଅନିଲ କୁମାର ମହାକୁର ତଦାରଖ କରିଥିଲେ ।

ଏହି ସ୍ୱାସ୍ଥ୍ୟ ଶିବିରରେ ୧୧୫ରୁ ଉର୍ଦ୍ଧ୍ୱ ସଂଖ୍ୟକ ରୋଗୀ ଚିକିତ୍ସା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହେଇଥିଲା ।

# ପୁରୀରେ ଦୁର୍ଗାପୂଜା ଓ ଭସାଣି ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୪/୯ (ନି.ପ୍ର): ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ପର୍ବ। ତେବେ ଶ୍ରୀକ୍ଷେତ୍ରରେ ଦୂର୍ଗା ପୂଜା ନିଆରା ଭାବେ ପାଳନ ହେବା ସହ ସିଂହଦ୍ୱାର ଠାରେ ଭସାଣି ବା ଗୋଷାଣି ଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେକ ପୂଜା କମିଟି ଓ ବିଭାଗ ଶୃଙ୍ଖଳାର ସହ ଏହାକୁ ପରିଚାଳନା କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ ।ବିଗତବର୍ଷ ମାନଙ୍କ ପରି ସମସ୍ତଙ୍କ ସହଯୋଗରେ ପୂଜା ଓ ଭସାଣି ଶୃଙ୍ଖଳିତ ଓ ଭାଇଚାରାର ସହ ସମ୍ପନ୍ନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଏସପି ପ୍ରତୀକ ସିଂ କୋର୍ଟ ଓ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ଏବଂ ସମସ୍ତଙ୍କ ସହଯୋଗରେ ଏହି ମହାନ ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ଅନୁରୋଧ କରିଥିଲେ। ଦଶହରା ଅକ୍ଟୋବର ୨ ତାରିଖରେ ଓ ଭସାଣି ଗୋଷାଣୀ ଯାତ୍ରା ଉତ୍ସବ ଅକ୍ଟୋବର ୩ ତାରିଖରେ ସିଂହଦ୍ୱାର ଠାରେ ଅନୁଷ୍ଠିତ ହେବ। ସେପଟ୍ମେର ୨୮ ତାରିଖରେ ଷଷ୍ଠୀ, ୨୯ ତାରିଖରେ ମହାସପ୍ତମୀ, ୩୦ ତାରିଖରେ ମହାଷ୍ଟମୀ, ଅକ୍ଟୋବର ୧ ତାରିଖରେ ନବମୀ ଅନୁଷ୍ଠିତ ହେବ। ପୂଜା ସମୟରେ ପ୍ରତ୍ୟେକ ପୂଜା କମିଟି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ବିଦ୍ୟୁତ ଯୋଗାଣ, ଅଗ୍ନି ନିର୍ବାପକ, ତୋରଣ ନିର୍ମାଣ, ମାଇକ ବ୍ୟବହାର, ମଣ୍ଡପ ସ୍ଥାନ ଇତ୍ୟାଦିର ଅନୁମତି ନେବା ଜରୁରୀ। ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ବିନା ଅନୁମତିରେ ପୂଜା ମଣ୍ଡପରେ ପୂଜା ହୋଇପାରିବ ନାହିଁ । ପୂଜା କମିଟି ମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବେ, ରାସ୍ତା ଅବରୋଧ ନ କରି ମଣ୍ଡପ ବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ, ସ୍ୱଚ୍ଛତା ବ୍ୟବସ୍ଥା କରିବେ। କୌଣସି ପୂଜା କମିଟି ବାଣ ଫୁଟାଇବେ ନାହିଁ। ଭସାଣୀ ଦିନ ସିଂହଦ୍ୱାର ଠାରେ ସମସ୍ତ ମେଢ଼ ଗୁଡିକ ଏକତ୍ରିତ ହେବେ। ସେଠାରେ ମେଢ ପ୍ରଦର୍ଶନ କରାଯିବା ପରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ମେଢ ଗୁଡିକ ପୌରପାଳିକା ପକ୍ଷରୁ ପ୍ରସ୍ତୁତ ଶ୍ରୀ ସେତୁ ନିକଟ ମୂଷା ନଈର ଅସ୍ଥାୟୀ ପୋଖରୀରେ ବିସର୍ଜିତ ହେବେ । ଏଠାରେ ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ପୋଖରୀକୁ ଉପଯୁକ୍ତ ପ୍ରସ୍ତୁତ ବ୍ୟବସ୍ଥା, କ୍ରେନ ବ୍ୟବସ୍ଥା ଓ ଯୋଗାଯୋଗ ରାସ୍ତାକୁ ମରାମତି ପୌରପାଳିକା ପକ୍ଷରୁ କରାଯିବ। ସେହିପରି ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା, ପୂଜା ଓ ଭସାଣୀ ସମୟରେ ପାନୀୟ ଜଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ବିଭାଗ ମାନେ କରିବାକୁ ଅନୁରୋଧ କରାଗଲା । ପୂଜା କମିଟି ମାନେ ଶୃଙ୍ଖଳାରକ୍ଷା ଓ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ନିୟୋଜନ କରିବା, ସି ସି ଟିଭି ଲଗାଇବା, ପୂଜା କମିଟି ର ସ୍ୱଛାସେବୀଙ୍କୁ ଚିହ୍ନଟ ପାଇଁ ପରିଚୟ ପତ୍ର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ସହ ସ୍ଥାୟୀ ବିସର୍ଜନ ସ୍ଥଳକୁ ପୂର୍ବ ପରି ଆକର୍ଷଣୀୟ କରିବାକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ସ୍ୱାଇଁ, ସମସ୍ତ ଦୂର୍ଗାପୂଜା ମଣ୍ଡପର ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକର୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭଦ୍ରକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



ଭଦ୍ରକ, ୧୪/୦୯ (ନି.ପ୍ର): ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରି ଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ର ଭାରପ୍ରାପ୍ତ ସଚିବ ଶ୍ରୀମତୀ ଅରୋଲିପି ପରିଜା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ । ମୋଟ ୫୦୪୪୩୮୧୨.୬୫ ଟଙ୍କାରେ ୧୨୮୦ ଟି ମୋକଦ୍ଦମମା ର ଆପୋଷ ସମଧାନ ହୋଇ ଥିଲା । ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ ର ବିଚରାଧୀନ ଥିବା ୪୨ଟି ମାମଲାର ୩୧୭୨୧୭୦୦ ଟଙ୍କାରେ, ୪୫ଟି ଚେକ ବୌନ୍ସ, ପୁନଃରୁଦ୍ଧାର ମାମଲା ୭୫୩୧୮୪୧ ଟଙ୍କାରେ, ୩୦ଟି ବୈବାହିକ ବିବାଦ, ୫୯୨ ଟି ରାଜସ୍ୱ ମୋକଦ୍ଦମା, ୧୩୨୩୫୩ ଟଙ୍କାରେ, ୧୧୩ ଟି ଅନ୍ୟାନ୍ୟ ଦେଓ୍ୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୨୬୮ ଟି ବ୍ୟାଙ୍କ ଋଣ ମାମଲା ୬୭୫୬୭୦୭୯ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ ର ଟେଲିଫୋନେ ବିଲ ସମ୍ବନ୍ଧୟ ୧୧ ଟି ମାମଲା ୨୧୪୮୨ ଟଙ୍କାରେ, ବିଦ୍ୟୁତ୍ ବିଭାଗ ର ୫୭ଟି ମାମଲା ୧୨୦୫୦୦୦ ଟଙ୍କାରେ ଆପୋଷ ବୁଝା ମଣା ମାଧ୍ୟମରେ ସମାଧାନ କରା ଯାଇ ଅଛି ।

# ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ଖୋର୍ଦ୍ଧା, ୧୪/୯ (ନି.ପ୍ର): ଜିଲ୍ଲାରେ ଥିବା ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନ (ସିସିଆଇ ଆଇ) ରେ ରହୁଥିବା ଅନ୍ତେବାସୀଙ୍କୁ ନେଇ ଶୁକ୍ରବାର ସ୍ଥାନୀୟ ଷ୍ଟାଡିୟମ ପରିସରରେ କ୍ରିଡା ପ୍ରତିଯୋଗିତା, ଏକ ଶିଶୁ ମହୋତ୍ସବ 'ଉତ୍ସାହ' କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ଏହି ମହୋତ୍ସବରେ ପ୍ରାୟ ଦେଢଶହରୁ ଉର୍ଦ୍ଧ ଶିଶୁ ଯୋଗ ଦେଇ ବିଭିନ୍ନ ଖେଳ କୁଦ ରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ତେବେ ପୂର୍ବାହ୍ନରେ ପିଲାମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଯଥା ୧୦୦ ମିଟର ଦୌଡ ୨୦୦ ମିଟର ଦୌଡ ଉଚ୍ଚ ଡିଆଁ ,ଲମ୍ବ ଡିଆଁ, ଚେସ ଏବଂ କ୍ୟାରମ ଆଦି ପ୍ରତିଯୋଗିତା ହୋଇଥିଲା। ଏହି କାର ?୍ୟକ୍ରମ ରେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା,ଅତିରିକ୍ତ ଜିଲ୍ଲା ଶିକ୍ଷ୍ୟ ଅଧିକାରୀ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ, ସଦସ୍ୟ କିଶୋର ନ୍ୟାୟ ବୋର୍ଡ ଓ ଅତିରିକ୍ତ କିଶୋର ନ୍ୟାୟ ବୋର୍ଡ, ଏବଂ ଶିଶୁ ମଙ୍ଗଳା ସମିତିର ଅଧକ୍ଷା ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନେ କିପରି ଆଗାମୀ ଦିନରେ ଭଲ ମଣିଷ ହୋଇ ସମାଜ ରେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏହା ଶିଶୁଯତ୍ନ ଅନୁଷ୍ଠାନର ଦାୟିତ୍ୱ ବୋଲି ଉପସ୍ଥିତ ଅତିଥି ମାନେ କହିଥିଲେ। ଏହି ମହୋତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶିଶୁ ମାନଙ୍କ ମଧ୍ୟରେ ଲୁକାୟିତ ପ୍ରତିଭା ଉପରେ ଗୁରୁତାରୋପ କରି ଏଇ ପ୍ରତିଭାକୁ କିପରି ଭାବେ ଲୋକଲୋଚନ କୁ ଅଣିହେବ ଏବଂ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିହେବ ସେନେଇ ଅଲୋକପାତ କରିଥିଲେ। ଏହି ମହୋତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ସଚିନ୍ଦ୍ର ନାଥ ସାହୁ , ପ୍ରୋବେଶନ ଅଧିକାରୀ ସୌମେନ୍ଦ୍ର ନାୟକ, ଅଣଆନୁଷ୍ଠାନିକ ଅଧିକାରୀ ଅଶୋକ ସେଠୀ, ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟାତ, ରିତାଞ୍ଜାଳୀ ମହାନ୍ତି, ଅରୁଣଏନଜିୟ ର କନ୍ସଲ୍ଟ ନ୍ଟ ନିରାଲି ପ୍ରଧାନ, ଅର୍ଚ୍ଚନା ରାୟ, ସୁକାନ୍ତ କୁମାର ପୃଷ୍ଟି, ସିବାସିସ ମହାନ୍ତି, ସତ୍ୟ ସାମନ୍ତରା, ସଚିଦାନନ୍ଦ ସେଠୀ, ପ୍ରସୂନ ଶୁକ୍ଲ ପ୍ଲାନ ଇଣ୍ଡିଆ ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ପରାମର୍ଶ ଦାତ୍ରୀ ମାନସ୍ୱିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ତାରିଣୀ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଖେଳରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

କେନ୍ଦୁଝର, ୧୪/୯ (ନି.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କରଞ୍ଜିଆପଡା ଠାରେ ମା' ତାରିଣୀ କ୍ଲବ ଫୁଟବଲ ଟୁର୍ନାମେଂଟ ର ଉଦଯାପନୀ ଖେଳରେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓଡିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ମା' ତାରିଣୀ କ୍ଲବ ୧୯ ବର୍ଷ ଧରି କୋଣଅନୁକୋଣରେ ଥିବା ପ୍ରତିଭା ମାନଙ୍କୁ ସୁଯୋଗ ଦେବା ସହିତ ସମ୍ମାନିତ କରିଆସୁଛି।

ଆଜି କେନ୍ଦୁଝର ଗସ୍ତ ଅବସରରେ ପ୍ରଥମେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ସହିତ ଆଶୀର୍ବାଦ ନେଇ ମା' ତାରିଣୀ କ୍ଲବ ଫୁଟବଲ ଟୁର୍ନାମେଂଟ ର ଉଦଯାପନୀ ଖେଳରେ ଯୋଗଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ରାଜ୍ୟ ସରକାର କ୍ରୀଡା ଏବଂ ତତସଂଲଗ୍ନ ବିଭିନ୍ନ ବିଷୟ ସମ୍ପର୍କରେ ଚିନ୍ତା ପ୍ରକଟ କରି ପ୍ରତ୍ଯକ ବ୍ଲକରେ ଏକ ଭବ୍ୟ ଷ୍ଟାଡିୟମ ନିର୍ମାଣ ସହିତ ପ୍ରତ୍ୟେକ ପଂଚାୟତରେ ମଧ ମିନି ଷ୍ଟାଡିୟମ ନିର୍ମାଣ କରାଯିବା ସହିତ ଆଗାମି ଅଲମ୍ପିକ କ୍ରୀଡ଼ାରେ କିପରି ଓଡିଶାର ଖେଳାଳି ମାନେ ଭାରତର ନେତୃତ୍ୱ ନେବେ ସେନେଇ ଉଚ୍ଚ ମାନର ପ୍ରଶିକ୍ଷଣ ଦିଆଯିବାକୁ ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ମାଟିରେ ଆସିବାର ସୁଯୋଗ ପାଇ ଖୁସି ପ୍ରକଟ କରିଥିଲେ ଉପମୁଖ୍ୟମନ୍ତ୍ରୀ। ଏହି ଉଦଯାପନୀ ଖେଳରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ବିଜେପି ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ସଦର ନିର୍ବାଚନ ମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହାନ୍ତ ଏବଂ ମା' ତାରିଣୀ କ୍ଲବ ର ସଭାପତି ବଳଭଦ୍ର ମହାନ୍ତ ମଂଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳ ତ୍ରିଶୂଳ ଏକ୍ସଆଇ ଠାକୁରାଣୀକୁ ଏକ ଲକ୍ଷ ପଚାଶ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ ଉପମୁଖ୍ୟମନ୍ତ୍ରୀ। ସେହିଭଳି ରନର୍ସଅପ ଦଳ ବିଜୟ ଇଲେଭେନ ଝାରଖଣ୍ଡକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୪୮ଟି ଦଳ ଏହି ଖେଳରେ ଭାଗ ନେଇଥିଲେ। ମା' ତାରିଣୀ କ୍ଲବ ର ସମ୍ପାଦକ କେଶବ ଚନ୍ଦ୍ର ମହାନ୍ତ, କୋଷାଧକ୍ଷ ରମେଶ ଚନ୍ଦ୍ର ମହାନ୍ତ, ସଦସ୍ୟ ରବିନାରାୟଣ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ନରହରି ମହାନ୍ତ, ନିରାକାର ମହାନ୍ତ, ହେମନ୍ତ ମହାନ୍ତ, ସୁନୀଲ ରାଉତ ତଥା କ୍ଲବ ର ସମସ୍ତ ସଦସ୍ୟ ମାନେ ୫ ଦିନ ଧରି ପରିଚାଳନା କରିବା ସହିତ ଏହି ଟୁର୍ନାମେଣ୍ଟକୁ ସଫଳ କରିଥିଲେ।

## କ୍ୟାନ୍ସରକୁ ମୁକାବିଲା ପାଇଁ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୧୪/୦୯ (ନି.ପ୍ର): କ୍ୟାନ୍ସରକୁ ମୁକାବିଲା କରିବା ପାଇଁ ଅଂଟା ଭିଡ଼ିଲେ ରାଜ୍ୟ ସରକାର । ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରିଛନ୍ତି ସିଏସ । ସ୍ୱାସ୍ଥ୍ୟ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ରାଜ୍ୟରେ ଥିବା କ୍ୟାନ୍ସର ସ୍ଥିତି ନେଇ ରିପୋର୍ଟ ଦେଇଛନ୍ତି । ପାଇଲଟ ପ୍ରୋଜେକ୍ଟ ଭାବରେ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟ ବିଭାଗ କରିବ କାର୍ଯ୍ୟକ୍ରମ । ଟେଷ୍ଟଟିଙ୍ଗ, ଟ୍ରକିଂ ଓ ଲୋକଙ୍କୁ ସଚେତନ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

# ଉପ ନଗରପାଳ ମାନିନୀ ସାହୁଙ୍କୁ ନଗରପାଳ ଦାୟିତ୍ୱ

ଭୁବନ, ୧୪/୯ (ନି.ପ୍ର): ଭୁବନ ଏନ୍ ଏ ସି ଉପ ନଗରପାଳ ମାନିନୀ ସାହୁ ଶୁକ୍ରବାର ନଗରପାଳ ଭାବେ କ୍ଷମତାସୀନ ହୋଇଛନ୍ତି । ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବା ପରେ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦତ ସାହୁ ଶ୍ରୀମତୀ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ । କାଉନସିଲର ଗିରିଧାରୀ ସାହୁ, କୃପାସିନ୍ଧୁ ବେହେରା, ସୁଚିତ୍ରା ସାହୁ,ରଞ୍ଜିତା ସାହୁ, ସୁଶାନ୍ତ ନାୟକ, ନରେନ୍ଦ୍ର କୁମାର ବେହେରା,ସସ୍ମିତା ନାୟକ ,ପପୁ କୁମାର ସାହୁ, ମଞ୍ଜୁଲତା ସେଠୀ, କବିତା ସେନାପତି, ମନମୋହନ ସାହୁ, କଳ୍ପନା ବେହେରା, ଝୁନା ନାୟକ ଙ୍କ ସମେତ ସମସ୍ତ କର୍ମଚାରୀ ମାନେ ନୂତନ ନଗରପାଳ ଶ୍ରୀମତୀ ସାହୁ ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ନୂତନ ନଗରପାଳଙ୍କୁ ଉତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ ଯେ,ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କୁ ରାଜ୍ୟ ସରକାର ଗତ ୯ ତାରିଖ ଦିନ ବହିଷ୍କାର କରିଥିଲେ।

# ରାଜ୍ୟସ୍ତରୀୟ ଟାଇକଣ୍ଡୋ ସ୍କୁଲ ଗେମ୍‌ରେ ବଲାଙ୍ଗିରକୁ ମିଳିଲା ୬ ପଦକ

ବଲାଙ୍ଗିର, ୧୪/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ବଡବିଲ ସ୍ଥିତ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସ୍ତରୀୟ ସ୍କୁଲ ଗେମ ଟାଇକଣ୍ଡୋ ପ୍ରତିଯୋଗିତା ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ସଂପାଦକ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏକ ୧୭ ଜଣିଆ ଟିମ୍ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୩୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଲାଙ୍ଗିର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜୟମ ସାହୁ ୫୯ ରୁ ୬୩ କେଜି ଓଜନ ଖିରୁଗି ବିଭାଗରେ ରୌପ୍ୟ ପଦକ, ୟୁଜିଏଚ୍ଏସ୍ ଚିକଲବାହାଲ ର ଜ୍ୟୋର୍ତିମୟ ଜେନା ୫୫ ରୁ ୫୯ କେଜି ରେ ବ୍ରୋଞ୍ଜ ପଦକ, ୩୫ କେଜି ଓଜନରୁ କମ୍ ପ୍ରିତମ ବିଶ୍ୱାଲ ବୋଞ୍ଜ, ବାଳିକା ବିଭାଗରେ ଶ୍ରାବଣୀ ଜାଲ ୪୪ ରୁ ୪୬ କେଜି ଓଜନରେ ବ୍ରୋଞ୍ଜ ପଦକ, ସେହିଭଳି ୧୪ ବର୍ଷ ରୁ କମ୍ ବାଳକ ଗୋପବନ୍ଧୁ ନନ୍ଦ ୨୩ ରୁ ୨୫ କେଜି ଖିରୋଗୀ ରେ ରୌପ୍ୟ ପଦକ, ଯୁବରାଜ ଡୁମୁନିୟା ୨୭ ରୁ ୨୯ ଓଜନରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏଥିରେ ଅସୀମ କୁମାର ଭୋଇ ରାଜ୍ୟ ଟେକ୍ନିକାଲ ଅଫିସିଆଲ ତଥା ଜଜ୍ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଚିକଲ ବାହାଲ ୟୁଜିଏଚ୍ ଏସ୍ ପିଇଟି ରାଜ କିଶୋର ପାଣିଗ୍ରାହୀ ଓ ଏନବି ଉଚ୍ଚ ବିଦ୍ୟାଳୟ ଜରାସିଂହା ପିଇଟି ପୁଷ୍ପାଞ୍ଜଳି କିଶାନ ମ୍ୟାନେଜର ଭାବେ ଯୋଗଦାନ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତି ପ୍ରସାଦ ପରିଡା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେଡାଲ ସହ ସମ୍ମାନିତ କରିଥିଲେ । ଟାଇକଣ୍ଡୋ କ୍ରୀଡା ସରକାରୀ ସ୍କୁଲ ସ୍ତରରେ ସାମିଲ ହୋଇଥିବାରୁ ଛାତ୍ର ଛାତ୍ରୀମାନଙ୍କ ମନରେ ଅତ୍ୟନ୍ତ ଉତ୍ସାହ ଦେଖିବାକୁ ମିଳିଛି ।

# ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ଇମାମି ପେପର ମିଲ୍ସ ପକ୍ଷରୁ ବୃକ୍ଷଚାରା ରୋପଣ ଓ ବଣ୍ଟନ

ନୀଳଗିରି, ୧୪/୦୯ (ନି.ପ୍ର): ପ୍ରତ୍ୟେକବର୍ଷ ପରି ଚଳିତବର୍ଷ ମଧ ଇମାମିପେପର ମିଲ୍ସ ପକ୍ଷରୁ ବୃକ୍ଷଚାରା ରୋପଣ ତଥା ବଣ୍ଟନ କାର୍ଯ୍ୟ ଜାରି ରଖିଛି । ଶୁକ୍ରବାର ନୀଳଗିରି ଉପଖଣ୍ଡ ଅଧିନ ବାଉଁଶବଣିଆ ପଞ୍ଚାୟତରେ ସଂସ୍ଥା ପକ୍ଷରୁ ପ୍ରାୟ ୩ହଜାର ବୃକ୍ଷଚାରା ବଣ୍ଟନ କରିଥିଲା । ଏହି କାର୍ଯ୍ୟକ୍ରମରେ ଇମାମି ପେପର୍




ମିଲ୍ସର ଏଚ୍.ଆର୍ ଜୁନିୟର ମେନେଜର ଆଶିଷ ସେନ୍, କମ୍ପାନୀ ସୁପରଭାଇଜର୍ ନିତ୍ୟାନନ୍ଦ ମହାନ୍ତି , କମ୍ପାନୀକର୍ମଚାରୀ ହରେକୃଷ୍ଣ ରାଉତ, କଣ୍ଟ୍ରାକ୍ଟର ସୁପରଭାଇଜର ହରିଶ୍ ରାଉତ ତଥା ବାଉଁଶବଣିଆ ପଞ୍ଚାୟତର ସରପଞ୍ଚ ନିରଞ୍ଜନ ବାରିକ୍ ଓ ତାଙ୍କର ଅନ୍ୟାନ୍ୟ ସହକର୍ମୀ ଉପସ୍ଥିତ ରହି ସୁସ୍ଥ ପରିବେଶ ପାଇଁ ଏହି ବୃକ୍ଷ ରୋପଣ ଏବଂ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

# ଅଦା- ରସୁଣ ପେଷ୍ଟକୁ ଦୀର୍ଘ ଦିନ ତାଜା ରଖିବାକୁ ଚାହୁଁଥିଲେ... ଆପଣାନ୍ତୁ କିଛି ସହଜ ଟିପ୍ସ



ଅଦା ରସୁଣ ପେଷ୍ଟ ଭାରତୀୟ ଖାଦ୍ୟ ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ । ଏହା ଖାଦ୍ୟକୁ ସ୍ୱାଦିଷ୍ଟ ବନାଏ । କିନ୍ତୁ ଏହାକୁ ବ୍ୟବହାର କରିବାରେ ବଡ଼ ସମସ୍ୟା ହେଉଛି, ଏହାକୁ ଯେତେ ତାଜା ବନାଇଲେ ବି ଏହାର ପେଷ୍ଟ କିଛି ମାତ୍ର ରହିବା ପରେ ତାହା କଳା ପଡ଼ିଯିବା ସହ ସେଥିରୁ ଦୁର୍ଗନ୍ଧ ବାହାରେ , ଯାହା ଖାଦ୍ୟର ସ୍ୱାଦ ନଷ୍ଟ କରିଦିଏ । ଯଦି ଚାହୁଛନ୍ତି, ଆପଣଙ୍କ ଅଦା- ରସୁଣ ପେଷ୍ଟ ଦୀର୍ଘ ସମୟ ଠିକ୍ ରହୁ ତେବେ ଆପଣାନ୍ତୁ ଏସବୁ ଟିପ୍ସ :

ନ୍ୟାଚୁରାଲ ପ୍ରିଜରବେଟିଭ୍ସ ବ୍ୟବହାର କରନ୍ତୁ : ଅଦା- ରସୁଣ ପେଷ୍ଟ ପ୍ରସ୍ତୁତ କରିବାକୁ ସବୁବେଳେ ଫ୍ରେସ୍ ଅଦା ରସୁଣ ନିଅନ୍ତୁ । ଏହାକୁ ଏକ ପରିଷ୍କାର ଫୁଡ୍ ପ୍ରୋସେସରରେ ବାଟନ୍ତୁ । ଏଥିରେ ଦି ଚିମୁଟା ଲୁଣ , ୧ ଚାମଚ ସୋରିଷ ତେଲ, ୧ ଚାମଚ ସିରକା ମିଶାଇ ଦିଅନ୍ତୁ । ଏହା ପେଷ୍ଟକୁ କଳା ହେବାକୁ ଦିଏନି , ଏହାସହ ବ୍ୟାକ୍ଟେରିଆ ମୁକ୍ତ ରଖେ ।

ଏହାକୁ ଶୁଖିଲା ରଖେ : ଅଦା ରସୁଣକୁ ବାଟିବା ସମୟରେ ଏଥିରେ ପାଣି ମିଶାନ୍ତୁନି, କାରଣ ଜଳୀୟ ଅଂଶ ରହିଲେ ଏଥିରେ ଫିମ୍ପି ଲାଗିଯିବାର ଆଶଙ୍କା ଥାଏ । ଯଦି ପେଷ୍ଟ ବାଟିବା ସମୟରେ ଗାଢ଼ା ହୁଏ ତାହେଲେ ପାଣି ବଦଳରେ ଏଥିରେ ଟିକେ ତେଲ ବ୍ୟବହାର କରନ୍ତୁ । ତେଲ ପେଷ୍ଟକୁ ତାଜା ରଖେ ।

ଆଇସ୍ କ୍ୟୁବ୍ ପାଖରେ ଫ୍ରିଜରେ ରଖନ୍ତୁ : ଅଦା ରସୁଣ ପେଷ୍ଟକୁ ଅଧିକ ଦିନ ତାଜା ରଖିବାକୁ ପ୍ରଥମେ ଏହାକୁ ଏକ ଏୟାର ଟାଇଟ୍ କଣ୍ଟେନରରେ ରଖନ୍ତୁ ।ଏହି କଣ୍ଟେନରକୁ ଫ୍ରିଜରେ ଆଉ ଏକ କଣ୍ଟେନରରେ ଆଇସ୍ କ୍ୟୁବ୍ ରଖି ସେଥିରେ ଅଦା-ରସୁଣ ପେଷ୍ଟ କଣ୍ଟେନରରେ ରଖନ୍ତୁ । ଏହା ଅଧିକ ଦିନ ତାଜା ରହିବ ।

# ସ୍ୱାସ୍ଥ୍ୟ ସମସ୍ୟା ଦୂରକାରୀ ସର୍ବାଙ୍ଗସନ



ସର୍ବାଙ୍ଗସନ ଏପରି ଗୋଟିଏ ଆସନ ଯାହର ବହୁ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି । ଏହି ଆସନରେ ପୂରା ଶରୀର କାର୍ଯ୍ୟକ୍ଷମ ହୋଇଯାଏ ।

କିପରି କରିବେ:

- ଆସନ ଉପରେ ଦୁଇ ଗୋଡ଼କୁ ଯୋଡ଼ି ସିଧା ଶୋଇ ରୁହନ୍ତୁ।
- ଦୁଇ ଗୋଡ଼କୁ ୯୦ ଡିଗ୍ରୀ ଉଚ୍ଚତାରେ ଧୀରେ ଧୀରେ ଉଠାନ୍ତୁ। ଏହି ସମୟରେ ଦୁଇ ହାତର ପାପୁଲି ଭୂଇଁକୁ ଲଗାଇ ରଖିବେ।
- ଏହା ପରେ ଦୁଇ ହାତ ସାହାଯ୍ୟରେ ଅଣ୍ଟାର ଦୁଇ ପାଖକୁ ଉପରକୁ ଉଠାନ୍ତୁ। ଏପରି ଉଠାଇବେ ଗୋଡ଼ ଦୁଇଟି ଯେପରି ସିଧା ଓ ସ୍ଥିର ରୁହେ।
- ଦୁଇ ଆଖିର ନଜର ପାଦର ବୁଢ଼ା ଆଙ୍ଗୁଠିରେ ରଖିବେ। ଏହି ଆସନରେ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ରୁହନ୍ତୁ।
- କିଛି ସମୟ ପରେ ପ୍ରଥମେ ଧୀରେ ଆଗ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ଭାଙ୍ଗି ତଳକୁ ଖସାନ୍ତୁ ଓ ପରେ ପୁରା ଶରୀରକୁ ଖସାଇ ପୂର୍ବ ପରି ସିଧା ଶୋଇ ରୁହନ୍ତୁ। ଏହି ଆସନ କଲେ ଭଲ ଶ୍ୱାସକ୍ରିୟା, ହଜମ ଏବଂ ରକ୍ତ ସଞ୍ଚାଳନ ଉତ୍ତମ ରୂପେହୁଏ।
- ଥାଇରଏଡ୍ ସମସ୍ୟା ଦୂର ହୁଏ।
- କେଶ ଝଡ଼ିବା ଓ ଅସମୟରେ କେଶ ଧଳା ହେବା ସମସ୍ୟାରେ ନିୟନ୍ତ୍ରଣ ଆଣେ।
- ପ୍ରତିଦିନ ଅଭ୍ୟାସ ଦ୍ୱାରା ଶରୀରର ଓଜନ ଅଧିକ କିମ୍ବା କମ୍ ଥିଲେ ଏଥିରେ ନିୟନ୍ତ୍ରଣ ଆଣେ ଏବଂ ଦୃଷ୍ଟି ଶକ୍ତି ବଢ଼ାଏ।



# ଗମ୍ଭୀର ମାନସିକ ସମସ୍ୟା

ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ। ନିଦ କମିଯାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। କାରଣ ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ୍ୟ କହିଥାଏ। ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ। ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ। ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ। ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା,

ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ। ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ।

# ଭାବି ଭାବି ବରବାଦ ହେଉଛି ୩ ଘଣ୍ଟା : ଓଭରଥିଙ୍କିଂରେ ଆଗୁଆ ଭାରତୀୟ , ଷ୍ଟଡିରୁ ହେଲା ଖୁଲାସା



'ସେ ମତେ ଏମିତି କେମିତି କହିଦେଲେ । ମୁଁ ସେଇଠି ଏ କଥାଟା କହିଥିଲେ ଭଲ ହୋଇଥା'ନ୍ତା । ଭୁଲ୍ କରିଦେଲି ଚୁପ୍ ରହିଗଲି । ଆଗକୁ କ'ଣ ହେବ । ଅମକ ଘରର ଲୋକେ ମୋ ବିଷୟରେ କ'ଣ ଭାବୁଥିବେ । ମୋ ସାଙ୍ଗରେ ହିଁ କାହିଁକି ଏମିତି ହେଉଛି ... ଯଦି ମୁଁ ତାଙ୍କୁ ଏ କଥାଟି କହିବି ତା'ହେଲେ ସେ ମତେ ଖରାପ ଭାବିବେନି ତ ? ସମାଜ କ'ଣ କହିବ? ପରିବାର କ'ଣ କହିବେ ? ସାହିପଡ଼ିଶା , ସମ୍ପର୍କୀୟ ଇତ୍ୟାଦି ଇତ୍ୟାଦି ... '

ଗୁଡ଼ାଏ ଅନାବନା ଭାବନାକୁ ମସ୍ତିଷ୍କରେ ଘାଣ୍ଟି ଚକଡ଼ି ବାରମ୍ବାର ଭାବିବାର ମାରାତ୍ମକ ଶବ୍ଦକୁ କୁହାଯାଏ ଓଭରଥିଙ୍କିଂ । ପ୍ରାୟତଃ ଅଧିକାଂଶ ଲୋକ ଯେକୌଣସି କଥାକୁ ନେଇ ବହୁତ ଚିନ୍ତା କରନ୍ତି । ଦୂରଦୃଷ୍ଟି ରଖିବା ଭଲ କିନ୍ତୁ ବାରମ୍ବାର ଗୋଟିଏ କଥାକୁ ଭାବି କଥାର ଅନର୍ଥ କଲେ ଦୁଃଚିନ୍ତା ମନରେ ଘର କରିବ ନିଶ୍ଚୟ । ଖାଲି ଦୁଃଚିନ୍ତା କାହିଁକି ଏହାଦ୍ୱାରା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉଭୟକୁ କ୍ଷତି ପହଞ୍ଚିଥାଏ । ନିକଟରେ ଏକ ଷ୍ଟଡିରୁ ଜଣାପଡ଼ିଛି କି ଭାରତୀୟମାନଙ୍କୁ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାର ଅଭ୍ୟାସ ଅଛି । ସେଣ୍ଟର ଫ୍ରେଶ ଏବଂ ୟୁଗୋଭଙ୍କ ମିଳିତ ରିପୋର୍ଟ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି କି ଭାରତରେ ପ୍ରାୟ ୮୧ ପ୍ରତିଶତ ଲୋକ ବିନା କାରଣରେ ଚିନ୍ତା କରିବାରେ ଅଧିକ ସମୟ ନଷ୍ଟ କରନ୍ତି । ଏପରିକି କିଛି ଲୋକ ତ ଛୋଟରୁ ଛୋଟ କଥା ବିଷୟରେ ମଧ୍ୟ ବହୁତ ଅଧିକ ଚିନ୍ତା କରନ୍ତି । ସର୍ଭେରେ ଜଣାପଡ଼ିଛି କି ୮୧ ପ୍ରତିଶତ ଭାରତୀୟ ପ୍ରତିଦିନ ତିନି ଘଣ୍ଟାରୁ ଅଧିକ ସମୟ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାରେ ନଷ୍ଟ କରନ୍ତି । ଏହା ବ୍ୟତୀତ ତିନି ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଓଭରଥିଙ୍କିଂ କିମ୍ବା ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାର ଅଭ୍ୟାସରୁ ବାହାରିବା ପାଇଁ ଗୁଗଲ କିମ୍ବା ଚାଟଜିପିଟିର ସାହାଯ୍ୟ ନେଉଛନ୍ତି । କାହାକୁ ଗିଫ୍ଟ ଦେବା, କ୍ୟାରିୟରର ଚୟନ କରିବାଠାରୁ ଆରମ୍ଭ କରି କୌଣସି ମେସେଜକୁ ବୁଝିବା ପାଇଁ ଲୋକେ ଚାଟଜିପିଟି ଭଳି ଇଓର ପରାମର୍ଶ ନେଉଛନ୍ତି । ସର୍ଭେରୁ ଜଣାପଡ଼ିଛି କି ଭାରତରେ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବା ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲାଣି । ଏହି ସମସ୍ୟା କେବଳ ବଡ଼ ସହରରେ ନୁହେଁ ବରଂ ଛୋଟ ସହରର ଲୋକମାନଙ୍କ ମଧ୍ୟରେ ମଧ ଦେଖାଯାଉଛି । ଅଧିକାଂଶ ଲୋକ ସୋସିଆଲ ମିଡିଆରେ ପୋଷ୍ଟ ଦେଖିବା, ଅଫିସରେ ମାଲିକଙ୍କ ଓକେ ମେସେଜର ଅର୍ଥ ଖୋଜିବା, ରେଷ୍ଟୁରାଣ୍ଟରେ କ'ଣ ଅର୍ଡର କରାଯିବ ଏବଂ ସେଲ୍ଫି କିମ୍ବା କୌଣସି ଫଟୋକୁ ନିଜ ଷ୍ଟୋରୀରେ ଲଗାଇବା କି ନାହିଁ ଏହି କଥାଗୁଡ଼ିକ ବିଷୟରେ ଚିନ୍ତା କରିବାରେ ହିଁ ବିନା କାରଣରେ ନିଜର ସମୟ ନଷ୍ଟ କରୁଛନ୍ତି । କିଛି ଲୋକ ତ ପୋଷ୍ଟ ପକାଇବା ପୂର୍ବରୁ ବହୁତ ଥର ଚିନ୍ତା କରନ୍ତି । ଏହି ଅଧ୍ୟୟନ ୟୁଗୋଆ ନାମକ ଆନ୍ତର୍ଜାତୀୟ ରିସର୍ଚ୍ଚ ଏଜେନ୍ସି କରିଛି । ଏହା ସହିତ ଜଡ଼ିତ ସୂଚନା ସେଣ୍ଟର ଫ୍ରେଶ ଇଣ୍ଡିଆ ଓଭରଥିଙ୍କିଂର ରିପୋର୍ଟରେ ସାମ୍ନାକୁ ଆସିଛି । ତେବେ ଓଭରଥିଙ୍କିଂକୁ ଦୂରେଇବା ପାଇଁ ପ୍ରଥମେ ନିଜ ଉପରେ ଭରସା କରନ୍ତୁ ଏବଂ ଆତ୍ମପ୍ରେମ କରନ୍ତୁ । ଯାହା ଅନୁଭବ କରୁଛନ୍ତି ତାହା ବାରମ୍ବାର ଭାବିବା ବଦଳରେ କହିବା ଶିଖନ୍ତୁ । ଏଥିରେ ମନ ବି ହାଲୁକା ଲାଗିବ ଏବଂ କିଏ ଜାଣେ ଆପଣ ଯେଉଁ କଥାକୁ ବାରମ୍ବାର ଭାବୁଥିବେ ସେହି କଥାର କିଛି ମୂଲ୍ୟ ହିଁ ନଥିବ । ନକାରାତ୍ମକ ବଦଳରେ ସକାରାତ୍ମକ କଥା ଆଡ଼କୁ ଧ୍ୟାନ ଦିଅନ୍ତୁ ଏବଂ ଆଗକୁ ବଢ଼ନ୍ତୁ । ଯାହା ପସନ୍ଦ କରୁଛନ୍ତି ତାହା ପିନ୍ଧନ୍ତୁ ଏବଂ ଯାହା ଭଲ ଲାଗୁଛି ତାହା ପୋଷ୍ଟ କରନ୍ତୁ ।



# ଶରୀର ପାଇଁ କେତେ ଉପକାରୀ ସଜନା ଶାଗ, ଜାଣନ୍ତି କି ?

***ସଜନା ଶାଗରେ ଭିଟାମିନ୍ ଏ, ଭିଟାମିନ୍ ସି, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ଭଲ ପରିମାଣର ପୋଷକ ତତ୍ତ୍ୱ ରହିଥାଏ। ଯାହା ଫଳରେ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ଅନେକ ରୋଗର ମୁକାବିଲା କରିବାରେ ସାହାଯ୍ୟ କରିଥାଏ।***

ରକ୍ତହୀନତାକୁ ରୋକିବାରେ ସହାଯ୍ୟ କରେ ସଜନା: ସଜନା ଗଛ ଯାହାର ବୈଜ୍ଞାନିକ ନାମ ହେଉଛି 'ମୋରିଙ୍ଗା ଓଲିଫେରା'। ଏହାର ପତ୍ର ଫଳ, ମଞ୍ଜି, ଛାଲ, ମୂଳ ଇତ୍ୟାଦି ସବୁ ବ୍ୟବହୃତ ହୁଏ। ସଜନା ଶାଗ 'ଚମତ୍କାର ବୃକ୍ଷ' ଏହାକୁ 'ଡ୍ରମଷ୍ଟିକ୍ ପ୍ଲାଣ୍ଟ' ମଧ୍ୟ କୁହାଯାଏ କାରଣ ଏହାର ମଧ୍ୟ ଅନେକ ଗୁଣ ଅଛି। ସଜନା ଶାଗକୁ ଆମେ ବିଭିନ୍ନ ଉପାୟରେ ଖାଇପାରିବେ। ଏଗୁଡିକ ସାଲାଡ, ପନିପରିବା ସହିତ କିମ୍ବା ଚା' କରି ମଧ୍ୟ ଖାଇପାରିବେ। ସଜନା ଚା' ତିଆରି କରିବା ପାଇଁ ପତ୍ରକୁ ଗ୍ରାଇଣ୍ଡ କରି ଗରମ ପାଣିରେ ଫୁଟାନ୍ତୁ। ଏହି କାରଣରୁ, ଆଣ୍ଟିଅକ୍ସିଡାଣ୍ଟ ଏବଂ ପୋଷକ ତତ୍ତ୍ୱ ପାଣିରେ ରହିବ। ସଜନା ଶାଗ ଖାଇବା କେବଳ ସ୍ୱାସ୍ଥ୍ୟର ଉପକାର ହୁଏ ନାହିଁ ବରଂ ଏହାର ସ୍ୱାଦ ମଧ୍ୟ ଭଲ ।



*ରକ୍ତହୀନତା ରୋକିଥାଏ:* ସଜନାରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ରକ୍ତହୀନତାକୁ ରୋକିବାରେ ସହାୟକ ହୋଇଥାଏ। ଆଇରନ, ଭିଟାମିନ୍ ସି, ଫୋଲିକ୍ ଏସିଡ୍, ଭିଟାମିନ୍ ବି ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ପୁଷ୍ଟିକର ଖାଦ୍ୟ ସଜନାରେ ମିଳିଥାଏ। ରକ୍ତରେ ହେମୋଗ୍ଲୋବିନ୍ ସୃଷ୍ଟି କରେ ଯାହା ଅମ୍ଳଜାନ ଯୋଗାଇବାରେ ସାହାଯ୍ୟ କରିଥାଏ। ଏହା ସହ ଭିଟାମିନ୍ ସି ଆଇରନ୍ ଅବଶୋଷଣରେ ମଧ୍ୟ ସାହାଯ୍ୟ କରେ। ସଜନା ଫଲିକ୍ ଏସିଡ୍ ଜଇଉ ଉତ୍ପାଦନକୁ ପ୍ରୋତ୍ସାହିତ କରେ। ରକ୍ତହୀନତାର ଚିକିତ୍ସାରେ ଭିଟାମିନ୍ ଇ୧୨ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ରକ୍ତହୀନତାକୁ ରୋକିବାରେ ସଜନା ଶାଖ ଖାଇବା ଲାଭଦାୟକ।

*ଥାଇରଏଡ ପାଇଁ ଉପକାରୀ:* ସଜନା ଶାଗରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ଥାଇରଏଡ୍ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆୟୋଡିନ୍, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି ଏବଂ ଇ, ଜିଙ୍କ ଏବଂ ସେଲେନିୟମ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ। ଯାହାକି ଆୟୋଡିନ୍ ଥାଇରଏଡ୍ ହରମୋନ୍ ସନ୍ତୁଳନ କରିବାରେ ସାହାଯ୍ୟ କରେ।

*ଉଚ୍ଚ ରକ୍ତଚାପ ହ୍ରାସ କରେ:* ଏହିପରି ଅନେକ ଗୁଣ ସଜନା ଶାଗରେ ମିଳିଥାଏ ଯାହା ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ପୋଟାସିୟମ ଥାଏ ଯାହା ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ଏଥିରେ ମିଳିଥାଏ ଯାହା ଧମନୀକୁ ଆରାମ ଦେଇଥାଏ। ସଜନା ଶାଗରେ ନାଇଟ୍ରିକ୍ ଅକ୍ସାଇଡ୍ ସ୍ତରକୁ ମଧ୍ୟ ହ୍ରାସ କରିଥାଏ ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ତେଣୁ ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ସଜନା ଶାଗ ବରଦାନ ସ୍ୱରୂପ।

*ଡାଇବେଟିସ ସମସ୍ୟାକୁ ଦୂରକରେ:* ଯେଉଁମାନଙ୍କର ଡାଇବେଟିସ ସମସ୍ୟା ଥାଏ ସେମାନେ ସଜନା ଶାଗର ଜୁସ ସେବନ କଲେ ଡାଇବେଟିସ ନିୟନ୍ତ୍ରଣରେ ରହିଥାଏ। ଯେଉଁ ଲୋକମାନେ ଥାଇରଏଡ ସମସ୍ୟା,ଯେଉଁମାନଙ୍କର ଅନିଦ୍ରା ସମସ୍ୟା ଅଛି ସେମାନେ ସଜନା ଶାଗ ସେବନ କଲେ ଅନିଦ୍ରା ସମସ୍ୟା ଦୂର ହୋଇଥାଏ

*ଚର୍ବିକୁ ହ୍ରାସ କରାଏ:* ଯଦି ଆପଣ ନିଜ ଶରୀରର ଚର୍ବିକୁ ହ୍ରାସ କରିବାକୁ ଚାହାନ୍ତି ସଜନା ଶାଗ ସେବନ କରନ୍ତୁ,ଏହା ମେଟାବୋଲିଜିମକୁ ଦୂର କରିଥାଏ,ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ।

ମୁଣ୍ଡରୁ କେଶ ଝଡ଼ିବା ସମସ୍ୟା ଓ ରୁପି ହେବା ସମସ୍ୟାରୁ ରକ୍ଷା ପାଇବାପାଇଁ ଏହାକୁ ସେବନ କରନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବ୍ରାଜିଲ ସୁପ୍ରିମ କୋର୍ଟର ଐତିହାସିକ ରାୟ : ବୋଲସୋନାରୋ ଯୁଗର ଅନ୍ତ

ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାଇର ବୋଲସୋନାରୋଙ୍କୁ ସୁପ୍ରିମକୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇ ୨୭ ବର୍ଷରୁ ଅଧିକ କାରାଦଣ୍ଡରେ ଦଣ୍ଡିତ କରାଯିବା ଘଟଣା ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଦଣ୍ଡ ତାଙ୍କୁ ୨୦୨୨ ମସିହାରେ ହାରିବା ପରେ କ୍ଷମତା ହସ୍ତାନ୍ତର ନକରିବା ପାଇଁ ଏକ ସାମରିକ ବିଦ୍ରୋହ ଓ ଗଣତନ୍ତ୍ର ବିରୋଧୀ ଷଡଯନ୍ତ୍ର ପାଇଁ ଦିଆଯାଇଛି। ଏହି ମାମଲାରେ ପାଞ୍ଚ ଜଣ ବିଚାରପତିଙ୍କ ମଧ୍ୟରୁ ଚାରିଜଣ ତାଙ୍କୁ ପାଞ୍ଚଟି ଅପରାଧରେ ଦୋଷୀ ସାବ୍ୟସ୍ତ କରିଛନ୍ତି: ସରକାର ବିରୋଧରେ ସାମରିକ ବିଦ୍ରୋହ ଷଡ଼ଯନ୍ତ୍ର, ଏକ ସଶସ୍ତ୍ର ଅପରାଧିକ ସଂଗଠନରେ ସମ୍ପୃକ୍ତି, ଗଣତାନ୍ତ୍ରିକ ଆଇନର ଶାସନକୁ ହିଂସାତ୍ମକ ଭାବେ ଉଚ୍ଛେଦ କରିବାକୁ ଉଦ୍ୟମ, ରାଷ୍ଟ୍ରୀୟ ସମ୍ପତ୍ତିର କ୍ଷତି ଓ ଐତିହ୍ୟ ସମ୍ପତ୍ତିର ଅବକ୍ଷୟ। ଏହି ଘଟଣା କେବଳ ବ୍ରାଜିଲର ରାଜନୀତିରେ ଏକ ନୂଆ ମୋଡ଼ ଆଣିନାହିଁ, ବରଂ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକଛତ୍ରବାଦୀ ଶାସକମାନଙ୍କର ମନୋଭାବକୁ ମଧ୍ୟ ପଦାରେ ପକାଇଛି । ବୋଲସୋନାରୋଙ୍କ ବିରୋଧରେ ଅଭିଯୋଗ ଥିଲା ଯେ ସେ ୨୦୨୨ ନିର୍ବାଚନରେ ହାରିବା ପରେ କ୍ଷମତା ହସ୍ତାନ୍ତର ନକରିବା ପାଇଁ ଏକ ସାମରିକ ବିଦ୍ରୋହର ଷଡ଼ଯନ୍ତ୍ର କରିଥିଲେ । ଏହି ଷଡ଼ଯନ୍ତ୍ରରେ ନବନିର୍ବାଚିତ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲଭା, ଉପରାଷ୍ଟ୍ରପତି ଏବଂ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ବିଚାରପତିଙ୍କୁ ହତ୍ୟା କରିବାର ଯୋଜନା ମଧ୍ୟ ସାମିଲ ଥିଲା । ଏହି ଘଟଣାକ୍ରମ ଗଣତନ୍ତ୍ର ପାଇଁ କେତେ ଭୟଙ୍କର ହୋଇପାରେ, ତାହା ଏଥିରୁ ସ୍ପଷ୍ଟ ଅନୁମେୟ ।

ବୋଲସୋନାରୋଙ୍କ ଶାସନ କାଳରେ ତାଙ୍କର କାର୍ଯ୍ୟକଳାପ ଏବଂ ନୀତିଗୁଡ଼ିକ ସର୍ବଦା ବିବାଦୀୟ ରହିଥିଲା । ସେ ଜଣେ ଦକ୍ଷିଣପନ୍ଥୀ ଲୋକପ୍ରିୟ ନେତା ଭାବରେ ପରିଚିତ ଥିଲେ ଏବଂ ତାଙ୍କର ସମର୍ଥକମାନେ ତାଙ୍କୁ ଜଣେ ଶକ୍ତିଶାଳୀ ନେତା ଭାବରେ ଦେଖୁଥିଲେ । କିନ୍ତୁ ତାଙ୍କର ଶାସନ ଶୈଳୀରେ ଏକଛତ୍ରବାଦୀ ମନୋଭାବ ସ୍ପଷ୍ଟ ଭାବରେ ପରିଲକ୍ଷିତ ହେଉଥିଲା । ସେ ଗଣମାଧ୍ୟମ, ନ୍ୟାୟପାଳିକା ଏବଂ ଅନ୍ୟାନ୍ୟ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ବାରମ୍ବାର ସମାଲୋଚନା କରୁଥିଲେ ଏବଂ ସେମାନଙ୍କର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରୁଥିଲେ । ୨୦୨୨ ନିର୍ବାଚନରେ ତାଙ୍କର ପରାଜୟ ପରେ, ସେ ଫଳାଫଳକୁ ସହଜରେ ଗ୍ରହଣ କରିନଥିଲେ ଏବଂ ତାଙ୍କ ସମର୍ଥକମାନଙ୍କୁ ଉସକାଇବାର ଅଭିଯୋଗ ମଧ୍ୟ ତାଙ୍କ ବିରୋଧରେ ହୋଇଥିଲା । ଏହାର ପରିଣାମ ସ୍ୱରୂପ ୨୦୨୩ ଜାନୁଆରୀ ୮ ତାରିଖରେ ତାଙ୍କର ହଜାର ହଜାର ସମର୍ଥକମାନେ ବ୍ରାଜିଲର ସଂସଦ, ରାଷ୍ଟ୍ରପତି ଭବନ ଏବଂ ସୁପ୍ରିମକୋର୍ଟ ଉପରେ ଆକ୍ରମଣ କରିଥିଲେ । ଏହି ଘଟଣା ଆମେରିକାର କ୍ୟାପିଟଲ ହିଲ୍ ଆକ୍ରମଣର ସ୍ମୃତିକୁ ତାଜା କରିଦେଇଥିଲା ।

ସୁପ୍ରିମକୋର୍ଟରେ ଏହି ମାମଲାର ବିଚାର ବେଳେ ଏହି ଷଡ଼ଯନ୍ତ୍ରର ଗଭୀରତା ଏବଂ ଭୟାବହତା ପଦାକୁ ଆସିଥିଲା । ଏହାର ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ଥିଲା 'ବିଶ୍ୱକପ୍ ଷଡ଼ଯନ୍ତ୍ର' । ଡିସେମ୍ବର ୨୦୨୨ରେ, ଯେତେବେଳେ ସମଗ୍ର ବ୍ରାଜିଲ ଏବଂ ବିଶ୍ୱ ଫିଫା ବିଶ୍ୱକପ୍‌ର ଉନ୍ମାଦନାରେ ବୁଡ଼ି ରହିଥିଲା, ସେତେବେଳେ ବୋଲସୋନାରୋ ପରଦା ପଛରେ କ୍ଷମତା ଦଖଲ କରିବାର ଅନ୍ତିମ ଯୋଜନା କରୁଥିଲେ। ସେ ରାଷ୍ଟ୍ରପତି ଭବନରେ ଦେଶର ସ୍ଥଳସେନା, ନୌସେନା ଓ ବାୟୁସେନାର ମୁଖ୍ୟମାନଙ୍କ ସହ ଗୁପ୍ତ ବୈଠକ କରିଥିଲେ । ସେହି ବୈଠକରେ ସେ ଏକ 'ଚିଠା ଆଦେଶ' (**draft decree**) ଉପସ୍ଥାପନ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ଦେଶରେ 'ପ୍ରତିରକ୍ଷା ସ୍ଥିତି' ଲାଗୁ କରିବା, ନିର୍ବାଚନ ଫଳାଫଳକୁ ରଦ୍ଦ କରିବା ଏବଂ ସୁପ୍ରିମକୋର୍ଟର ବିଚାରପତି ଆଲେକ୍ସଜାଣ୍ଡାର୍ ଡି ମୋରେସ୍‌ଙ୍କ ଭଳି ନିଜର ବିରୋଧୀଙ୍କୁ ଗିରଫ କରିବା । କିନ୍ତୁ ଏହି ଯୋଜନା ସେତେବେଳେ ବିଫଳ ହୋଇଗଲା, ଯେତେବେଳେ ତତ୍କାଳୀନ ସ୍ଥଳସେନା ମୁଖ୍ୟ ଜେନେରାଲ୍ ମାର୍କୋ ଆଣ୍ଟୋନିଓ ଫ୍ରେଇର୍ ଗୋମ୍ସ ଏହି ଅସାମ୍ବିଧାନିକ ଷଡ଼ଯନ୍ତ୍ରରେ ସାମିଲ ହେବାକୁ ସିଧାସଳଖ ମନା କରିଦେଲେ। ସେ ଓଲଟା ବ୍ରାଜିଲ ବୋଲସୋନାରୋଙ୍କୁ ଚେତାବନୀ ଦେଇଥିଲେ ଯେ ଯଦି ସେ ଏପରି କୌଣସି ଆଦେଶ ଜାରି କରନ୍ତି, ତେବେ ତାଙ୍କୁ ହିଁ ଗିରଫ କରାଯିବ । ଯଦିଓ ନୌସେନା ମୁଖ୍ୟ ଏହି ଯୋଜନାକୁ ସମର୍ଥନ କରିବାକୁ ପ୍ରସ୍ତୁତ ଥିଲେ, ତଥାପି ସ୍ଥଳସେନାର ଦୃଢ଼ ବିରୋଧ ଯୋଗୁଁ ଏହି ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ଭଣ୍ଡୁର ହୋଇଯାଇଥିଲା। କୌଣସି ସାମରିକ ବିଦ୍ରୋହ ସଫଳ ହେବା ପାଇଁ ସ୍ଥଳସେନାର ସମର୍ଥନ ଅତ୍ୟନ୍ତ ଜରୁରୀ । ଯେତେବେଳେ ସ୍ଥଳସେନା ମୁଖ୍ୟ ଏହି ଯୋଜନାରେ ସାମିଲ ହେବାକୁ ସିଧାସଳଖ ମନା କରିଦେଲେ, ସେତେବେଳେ ବୋଲସୋନାରୋଙ୍କ ଯୋଜନା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଗଲା। ସେ ବୁଝିଗଲେ ଯେ ସେନା ବିନା ସମର୍ଥନରେ ସେ କ୍ଷମତାରେ ରହିପାରିବେ ନାହିଁ। ଯଦି ଏହି ଯୋଜନା ସଫଳ ହୋଇଥାନ୍ତା, ତେବେ ବ୍ରାଜିଲରେ ଏକ ଭୟଙ୍କର ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ଏବଂ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥାନ୍ତା ।

ଏହି ଘଟଣାଟି କେବଳ ବ୍ରାଜିଲ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱର ଗଣତାନ୍ତ୍ରିକ ଦେଶମାନଙ୍କ ପାଇଁ ଏକ ଚେତାବନୀ । ଏହା ଦର୍ଶାଉଛି ଯେ କିପରି ଲୋକପ୍ରିୟ ନେତାମାନେ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଦେଶର ସମ୍ବିଧାନ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଳି ଦେବାକୁ ପଛାଉ ନାହାନ୍ତି । ବୋଲସୋନାରୋଙ୍କ ଭଳି ନେତାମାନେ ଜାଣିଶୁଣି ସମାଜରେ ବିଭେଦ ସୃଷ୍ଟି କରନ୍ତି ଏବଂ ଲୋକମାନଙ୍କୁ ଧର୍ମ, ଜାତି ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିଭାଜିତ କରନ୍ତି । ସେମାନେ ନିଜର ସମର୍ଥକମାନଙ୍କୁ ଏକପ୍ରକାରର ଅନ୍ଧ ଭକ୍ତରେ ପରିଣତ କରିଦିଅନ୍ତି, ଯେଉଁମାନେ ତାଙ୍କର କୌଣସି ଭୁଲକୁ ଦେଖିପାରନ୍ତି ନାହିଁ । ଏହିପରି ନେତାମାନେ ଗଣତନ୍ତ୍ରର ସବୁଠାରୁ ବଡ଼ ଶତ୍ରୁ ।

ଗଣତନ୍ତ୍ର କେବଳ ନିର୍ବାଚନରେ ଭୋଟ ଦେବା ଏବଂ ସରକାର ଗଠନ କରିବାର ଏକ ପ୍ରକ୍ରିୟା ନୁହେଁ । ଏହା ଏକ ଜୀବନଶୈଳୀ, ଯେଉଁଠାରେ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ମିଳିଥାଏ ଏବଂ ଆଇନର ଶାସନ ସର୍ବୋପରି ହୋଇଥାଏ । ଯେତେବେଳେ ଜଣେ ନେତା ନିଜକୁ ଆଇନଠାରୁ ଉପରେ ବୋଲି ଭାବିବା ଆରମ୍ଭ କରନ୍ତି, ସେତେବେଳେ ଗଣତନ୍ତ୍ର ବିପଦରେ ପଡ଼ିଯାଏ । ବୋଲସୋନାରୋଙ୍କ କ୍ଷେତ୍ରରେ ଠିକ୍ ସେୟା ହିଁ ହୋଇଛି । ସେ ନିଜର ପରାଜୟକୁ ସ୍ୱୀକାର କରିବା ପରିବର୍ତ୍ତେ, ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ହିଁ ନଷ୍ଟ କରିଦେବାକୁ ଚେଷ୍ଟା କରିଥିଲେ ।

ବ୍ରାଜିଲର ନ୍ୟାୟପାଳିକା ଏହି ମାମଲାରେ ଏକ ଐତିହାସିକ ରାୟ ଦେଇଛି। ଏହା ଦ୍ୱାରା ସେମାନେ ଦେଶର ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି । ଏହି ରାୟ ସେହି ସମସ୍ତ ଏକଛତ୍ରବାଦୀ ମନୋଭାବ ରଖୁଥିବା ନେତାମାନଙ୍କ ପାଇଁ ଏକ ସତର୍କ ଘଣ୍ଟି, ଯେଉଁମାନେ ଭାବୁଛନ୍ତି ଯେ ସେମାନେ ଆଇନର ଊର୍ଦ୍ଧ୍ୱରେ । ଏହା ମଧ୍ୟ ସାଧାରଣ ନାଗରିକମାନଙ୍କୁ ଏକ ସନ୍ଦେଶ ଦେଉଛି ଯେ ସେମାନଙ୍କୁ ନିଜର ଗଣତାନ୍ତ୍ରିକ ଅଧିକାର ଏବଂ ସଂସ୍ଥାଗୁଡ଼ିକୁ ରକ୍ଷା କରିବା ପାଇଁ ସର୍ବଦା ସଜାଗ ରହିବାକୁ ପଡ଼ିବ ।

ଆଜିର ଦିନରେ, ଯେତେବେଳେ ବିଶ୍ୱର ଅନେକ ଦେଶରେ ଏକଛତ୍ରବାଦୀ ଶକ୍ତିମାନେ ମୁଣ୍ଡ ଟେକୁଛନ୍ତି, ସେତେବେଳେ ବ୍ରାଜିଲର ଏହି ଘଟଣା ଆମ ସମସ୍ତଙ୍କ ପାଇଁ ଏକ ଶିକ୍ଷା । ଗଣତନ୍ତ୍ରକୁ ଏକ ଦୁର୍ବଳ ବ୍ୟବସ୍ଥା ବୋଲି ଭାବିବା ଭୁଲ । ଯଦି ନାଗରିକମାନେ ସଚେତନ ରୁହନ୍ତି ଏବଂ ନ୍ୟାୟପାଳିକା ନିଜର ଦାୟିତ୍ୱ ଠିକ୍ ଭାବରେ ତୁଲାଏ, ତେବେ କୌଣସି ଏକଛତ୍ରବାଦୀ ଶକ୍ତି ଗଣତନ୍ତ୍ରକୁ ନଷ୍ଟ କରିପାରିବ ନାହିଁ। ବୋଲସୋନାରୋଙ୍କ ଦଣ୍ଡ ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହା ଆଶା କରାଯାଏ ଯେ ବ୍ରାଜିଲର ଜନସାଧାରଣ ଏହି ଘଟଣାରୁ ଶିକ୍ଷା ଲାଭ କରିବେ ଏବଂ ଭବିଷ୍ୟତରେ ଏପରି ନେତାମାନଙ୍କୁ ପ୍ରତ୍ୟାଖ୍ୟାନ କରିବେ ଯେଉଁମାନେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦିଅନ୍ତି ନାହିଁ ।

# ପିତୃପକ୍ଷ ଶ୍ରାଦ୍ଧ ଓ ମହାଳୟା



## ପ୍ରଶାନ୍ତ କୁମାର ନାୟକ



ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ଉଦ୍ଦେଶ୍ୟରେ ମହାଳୟା ଅମାବାସ୍ୟାର ପ୍ରଥା ଅତ୍ୟନ୍ତ ପ୍ରାଚୀନ। କେହି କେହି ଏହାକୁ ପିତୃପକ୍ଷ ଶ୍ରାଦ୍ଧ ବୋଲି ମଧ୍ୟ କହିଥାଆନ୍ତି । ଆମେ ସମସ୍ତେ ଜାଣନ୍ତି ଯେ, ଆତ୍ମାର କଦାଚିତ ବିନାଶ ହୁଏ ନାହିଁ। ଏହା ଏକ ମନଗଢା କଥା ନୁହେଁ, ଶାସ୍ତ୍ରାନୁମୋଦିତ ପ୍ରସଙ୍ଗ ଅଟେ।

ଭଗବାନ ଶ୍ରୀକୃଷ୍ଣ ଗୀତାରେ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ;

'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି
ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ
ନ ଶୋଷୟତି ମାରୁତଃ ।

(ଭାଗବତ ଦ୍ୱିତୀୟ ଅଧ୍ୟାୟ, ଶ୍ଳୋକ ସଂଖ୍ୟା -୨୩)

ଅର୍ଥାତ୍ ;

ଆତ୍ମା କୌଣସି ଅସ୍ତ୍ର ଶସ୍ତ୍ର ଦ୍ୱାରା ଖଣ୍ଡିତ ହୁଏନାହିଁ । ଆତ୍ମାକୁ ଅଗ୍ନି ମଧ୍ୟ ଦହନ କରିପାରେନାହିଁ । ପବନ ମଧ୍ୟ ଶୁଷ୍କ କରିପାରି ନଥାଏ । ଅତଏବ ଆତ୍ମା ଅମର ଅଟେ । ଏହା ଅଜୟ, ଅମର, ଅଚିନ୍ତ୍ୟ, ଅବ୍ୟକ୍ତ ଅଟେ । ଅର୍ଥାତ୍ ଆତ୍ମା ଗୋଟିଏ ସ୍ଥୁଳ ଶରୀର ତ୍ୟାଗ କଲାପରେ ଆଉ ଗୋଟିଏ ଶରୀରରେ ପ୍ରବେଶ କରିଥାଏ। ଯେମିତି ମଣିଷର ବସ୍ତ୍ର ପୁରୁଣା ହୋଇଗଲେ ବା ଚିରିଫାଟି ଗଲେ ଓ ସଂପୂର୍ଣ୍ଣ ନଷ୍ଟ ହେଇଗଲେ ଆମ୍ଭେ ଅନ୍ୟ ନୂତନ ବସ୍ତ୍ର କିଣିଆଣନ୍ତି, ସେହିପରି ଶରୀରରୁ ଜୀବ ଥରେ ଚାଲିଗଲେ ତାହା ଆଉ ଫେରେ ନାହିଁ । ଆମ୍ଭେମାନେ ବାସ୍ତବରେ ଏହି ଜୀବକୁ ହିଁ ଶ୍ରାଦ୍ଧ ଅର୍ପଣ କରିଥାଉ । ଜୀବ ଓ ଆତ୍ମା ଦୁଇଟି ଭିନ୍ନ କଥା ।

ମହାଳୟା ଅର୍ଥାତ୍ ମହାନ + ଆଳୟ, ଆଳୟ କହିଲେ ଗୃହକୁ ବୁଝାଇଥାଏ। ସେହିପରି ଶ୍ରଦ୍ଧା ଶବ୍ଦରୁ 'ଶ୍ରାଦ୍ଧ' ଶବ୍ଦର ଉତ୍ପନ୍ନ ହୋଇଛି । ପିତୃପୁରୁଷଙ୍କୁ ଶ୍ରଦ୍ଧା ଅର୍ପଣ ପୂର୍ବକ ସେମାନଙ୍କ ଅମର ଆତ୍ମାର ସଦଗତି ତଥା ସନ୍ତୁଷ୍ଟି ନିମନ୍ତେ ଶ୍ରାଦ୍ଧ ଅର୍ପଣ କରାଯାଇଥାଏ । ଭାଦ୍ରବ ମାସ ପ୍ରତିପଦାଠାରୁ ଆଶ୍ୱିନ ମାସ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ସମୟକୁ ପିତୃପକ୍ଷ କୁହାଯାଏ । ଅର୍ଥାତ୍ କୃଷ୍ଣପକ୍ଷ ଅମାବାସ୍ୟାର ଅନ୍ତିମ ଦିବସରେ ଯେଉଁ ଶ୍ରାଦ୍ଧ ଦିଆଯାଇଥାଏ, ତାହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ। ଏହି ଶ୍ରାଦ୍ଧ ଅର୍ପଣ ଦ୍ୱାରା ପିତୃପୁରୁଷଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ ଓ ପରିବାରର ସର୍ବରିଷ୍ଟ ଖଣ୍ଡନ ହୋଇଥାଏ। ଏହିଦିନ ପିତୃକୁଳ ଓ ମାତୃକୁଳ ଉଭୟଙ୍କୁ ପିଣ୍ଡଦାନ କରାଯିବାର ବିଧି ରହିଛି ।

କଥାରେ ଅଛି :

'ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ
ପରମ ତପଃ
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ
ସର୍ବ ଦେବତାଃ ।

ହିନ୍ଦୁ ଧର୍ମରେ ବର୍ଣ୍ଣନା ଅଛିଯେ, ପିତାମାତାଙ୍କର ପୂଜା ସର୍ବଶ୍ରେଷ୍ଠ ପୂଜା, ପିତାମାତାଙ୍କ ସେବା ହିଁ ଶ୍ରେଷ୍ଠ ସେବା । ସେଇଥି ପାଇଁ ସେମାନଙ୍କର ଆବର୍ତ୍ତମାନରେ ସେ ମୃତ୍ୟୁବରଣ କରି ସ୍ୱର୍ଗାଲୋକ ଗମନ କଲାପରେ ସେମାନଙ୍କୁ ଯେପରି ଆମେ ମନରୁ ପାଶୋରି ନଦେଉ, ନିଜ ପାଖରେ ସେମାନେ ଜୀବିତାବସ୍ଥାରେ ଯେଉଁଭଳି ଭାବରେ ଆମ ସହିତ ବସବାସ କରୁଥିଲେ, ସେହିଭଳି ଭାବରେ ତାଙ୍କ ସ୍ମରଣାର୍ଥେ ବା ତାଙ୍କରି ଉଦ୍ଦେଶ୍ୟରେ ଏଇ ପିତୃପକ୍ଷ/ ଅପରପକ୍ଷ ପାଳନ କରାଯାଇଥାଏ । ଏହିଦିନ ସେମାନଙ୍କୁ ଶ୍ରଦ୍ଧାରେ ପିଣ୍ଡଦାନ କରାଯାଏ । ଶ୍ରଦ୍ଧାରେ ଏହା ଅର୍ପିତ ହେଉଥିବାରୁ ଏହାକୁ 'ଶ୍ରାଦ୍ଧ' ବୋଲି କୁହାଯାଏ।

ମହାନ + ଆଳୟ = ମହାଳୟା । ଆଳୟ କହିଲେ ବାସ୍ତବରେ ଗୃହକୁ ହିଁ ବୁଝାଏ । ଆମେ ଘରେ ଯେକୌଣସି ପର୍ବ ପାଳନ କଲାବେଳେ ବିଶେଷତଃ ଦୁଇଟି ପରିବାରର ମିଳନ ହୋଇଥାଏ। ଗୋଟିଏ ହେଲା ପିତୃ କୁଳ ଏବଂ ଅନ୍ୟଟି ହେଲା ଶ୍ୱଶୁର କୁଳ । ଦୁହିତା ଦୁଇ କୁଳର ହିତା ପରିପ୍ରେକ୍ଷୀରେ ଜଣେ ମହିଳା ଯଦି ପିଣ୍ଡଦାନ କରେ ତେବେ ସେ ନିଜ ବାପଘର ଓ ସ୍ୱାମୀର ପୂର୍ବ ପୁରୁଷଙ୍କୁ ପିଣ୍ଡଦାନ କରିଥାଏ। ଫଳରେ ଏହାଦ୍ୱାରା ସେ ଦୁଇଟି କୁଳକୁ ଉଦ୍ଧାର କରିଥାଏ। ପୌରାଣିକ କଥାବସ୍ତୁ ଅନୁସାରେ ମାତା ସୀତା ସ୍ୱୟଂ ନିଜ ସ୍ୱର୍ଗବାସୀ ଶ୍ୱଶୁର ରାଜା ଦଶରଥଙ୍କର ପିଣ୍ଡଦାନ ବାଲିରେ କରିଥିଲେ । କେବଳ ବିବାହିତା ନାରୀ ଓ ଅବିବାହିତା କନ୍ୟା ପିଣ୍ଡଦାନ କରିପାରିବେ । ଜଣେ ନାରୀ ପିଣ୍ଡଦାନ କରିବା ଦ୍ୱାରା ଉଭୟ କୁଳର ଯେଉଁ ମହାମିଳନ ହେଲା ତାହାଦ୍ୱାରା ଏକ ମହାନ ପରଂପରା ସୃଷ୍ଟି ହେଲା । ଆଉ ଏହି ମହାମିଳନରୁ 'ମହାଳୟା'ର ସୃଷ୍ଟି ହେଲା । ମାତ୍ର ତାଙ୍କର ସନ୍ତାନ କେବଳ ନିଜ ସ୍ୱର୍ଗବାସୀ ପୂର୍ବ ପୁରୁଷଙ୍କୁ ପିଣ୍ଡ କରି ଥାଆନ୍ତି । ଏହି ପିତୃପକ୍ଷ ବା ଅପରପକ୍ଷ ସମୟ ମଧ୍ୟରେ ନଖ, ଚୁଟି, ବାଳ ଇତ୍ୟାଦି କାଟିବା ଅନୁଚିତ । ଅନ୍ୟ କାହା ଘରେ ଭୋଜନ କରିବା ମଧ୍ୟ ବାରଣ ହୋଇଥାଏ । କେବଳ ନିଜ ସହଧର୍ମିଣୀ ଯେଉଁ ସାତ୍ତ୍ୱିକ ବ୍ୟଞ୍ଜନ ପ୍ରସ୍ତୁତ କରିଥିବେ ତାହାକୁ ଗ୍ରହଣ କରାଯାଇଥାଏ। ଏହି ସମୟରେ ପୂର୍ବ ପୁରୁଷମାନେ ମର୍ତ୍ତ୍ୟଲୋକକୁ ଆସିଥା'ନ୍ତି ସେମାନଙ୍କର ସମ୍ପର୍କୀୟଙ୍କୁ ଦେଖିବା ପାଇଁ। ସେ ଜାଣିବାକୁ ଚାହିଁଥାଆନ୍ତି ଯେ, ତାଙ୍କର ସମ୍ପର୍କୀୟମାନେ କେତେ ଦାନଧର୍ମ କରୁଛନ୍ତି, କେତେ ପୁଣ୍ୟ କର୍ମ କରୁଛନ୍ତି। ଏହି ସମୟ ଅତ୍ୟନ୍ତ ଶୁଭଙ୍କର ହୋଇଥିବାରୁ ପୂର୍ବ ପୁରୁଷମାନଙ୍କୁ ଶ୍ରଦ୍ଧାରେ ପିଣ୍ଡଦାନ କଲେ ସେମାନଙ୍କର ଶୁଭାଶିଷ ମିଳିଥାଏ ଓ ସର୍ବମଙ୍ଗଳ ହୋଇଥାଏ । ମହାଭାରତ କଥାବସ୍ତୁ ଅନୁସାରେ ଅର୍ଜ୍ଜୁନଙ୍କ ଶରାଘାତରେ ମହାରଥୀ କର୍ଣ୍ଣ ମୃତ୍ୟୁବରଣ କରି ସ୍ୱର୍ଗାଲୋକ ଗମନକଲେ । ସେଠାରେ ଅନ୍ୟମାନଙ୍କୁ ନାନାଦି ବ୍ୟଞ୍ଜନ ଭୋଜନପାଇଁ ପରଶା ଯିବାବେଳେ କର୍ଣ୍ଣଙ୍କୁ ଭୋଜନରେ ସ୍ୱର୍ଣ୍ଣ ପରଶାଗଲା । ସେ ଏହା ଦେଖି ଆଚମ୍ବିତ ହେଲେ । କି ଆଶ୍ଚର୍ଯ୍ୟ କଥା। ସୁନାଭଳଳି ଧାତୁକୁ କ'ଣ ଖାଇହୁଏ। ଏହା ଭାବିଭାବି ସେ ଦୁଇଚାରି ଦିନ ଯାଏ ଉପବାସ ରହିଲେ। ଏହାପରେ ମନେମନେ ଭାବିଲେ ତାଙ୍କ ସହିତ ଏପରି କରାଯିବାର କାରଣ ବିଷୟରେ ଦେବରାଜଙ୍କୁ ପଚାରିବେ । ତାଙ୍କୁ ଦେଖି ଦେବରାଜ ପଚାରିଲେ ହେ ବତ୍ସ କର୍ଣ୍ଣ, ସ୍ୱର୍ଗାଲୋକରେ ତୁମର ଆତିଥେୟତାରେ କିଛି ଊଣାହେଲାକି ? ତୁମ ମୁଖମଣ୍ଡଳ ଶୁଖିଲା ଦିଶୁଛି। ତୁମେ ସୂର୍ଯ୍ୟଙ୍କ ପୁତ୍ର। ତେଣୁ ତମର ଅତିଥି ସତ୍କାରରେ ଯେପରି କିଛି ଊଣା ନହୁଏ । ତା'ପରେ କର୍ଣ୍ଣ କହିଲେ ହେ ଦେବରାଜ ଭୋଜନରେ ମୋତେ ସ୍ୱର୍ଣ୍ଣ ଦିଆଯାଉଛି। ସୁନା କଣ କେବେ ଭକ୍ଷଣ କରିହୁଏ । ଇନ୍ଦ୍ର ଅଳ୍ପ ହସି ଉତ୍ତରରେ କହିଲେ ହେ କର୍ଣ୍ଣ, ତୁମେ ଜଣେ ପ୍ରଚଣ୍ଡ ଦାନବୀର । ତୁମେ ଜୀବନରେ ଅନେକ ସୁନା, ରୂପା, ହୀରା, ନୀଳା, ମୋତି, ମାଣିକ ଇତ୍ୟାଦି ଦାନ କରିଛ। କିନ୍ତୁ କେବେ କୌଣସି ଭୋକିଲା ଜୀବକୁ ଅନ୍ନ ଦାନ କରିଛକି ? ନିଜ ପୂର୍ବ ପୁରୁଷଙ୍କୁ କେବେ ଅନ୍ନଦାନ କରିଛକି ? ସଂସାରରେ ଯେତେ ପ୍ରକାର ଦାନ ଅଛି ଅନ୍ନଦାନ ହେଉଛି ସର୍ବଶ୍ରେଷ୍ଠ ଦାନ । ତେଣୁ ମର୍ତ୍ତ୍ୟ ଲୋକରେ ଯେଉଁ ନର ଯେମିତି ଦାନ ପୁଣ୍ୟ କରିଥାଏ, ସ୍ୱର୍ଗରେ ତାଙ୍କୁ ତାହାହିଁ ମିଳେ । କର୍ଣ୍ଣ ନିଜର ଭୁଲ୍ ବୁଝିପାରିଲେ ଓ ଏଥିରୁ ମୁକ୍ତିର ଉପାୟ କଥା ଇନ୍ଦ୍ରଙ୍କୁ ପଚାରିଲେ।

ତା'ପରେ ଇନ୍ଦ୍ରଦେବ କହିଲେ ଠିକ୍ ଅଛି, ସ୍ୱର୍ଗଲୋକରୁ ତୁମକୁ ଷୋହଳ ଦିନପାଇଁ ମର୍ତ୍ତ୍ୟ ଲୋକକୁ ପଠାଯିବ । ତୁମେ ସେଠାରେ ନିଜର ପୂର୍ବ ପୁରୁଷମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରି ଷୋହଳ ଦିନ ପରେ ଏଠାକୁ ପୁଣି ଫେରିଆସିବ । ସେହି ଅନୁସାରେ କର୍ଣ୍ଣ ମର୍ତ୍ତ୍ୟକୁ ପୁଣିଥରେ ଆସିଲେ ଓ ଇନ୍ଦ୍ରଙ୍କ କହିବା ମୁତାବକ ପନ୍ଦର ଦିନ ଶୁଦ୍ଧପୂତ ଭାବେ ପିତୃପକ୍ଷ ପାଳନ କଲେ ଏବଂ ତା' ପରଦିନ ମହାଳୟାରେ ପିତୃପକ୍ଷଙ୍କୁ ଅତି ଶ୍ରଦ୍ଧାରେ ଅନ୍ନଦାନ କରି ଶ୍ରାଦ୍ଧ ଦେଲେ ଓ ସ୍ୱର୍ଗାଲୋକ ଗମନକଲେ । ତଦନୁଯାୟୀ ଏହି ବିଧି ପରଂପରା ଅତି ପ୍ରାଚୀନ କାଳରୁ ପାଳିତ ହୋଇ ଆସୁଅଛି। ଭାଦ୍ରବ ମାସର ପ୍ରତିପଦାଠାରୁ ଆଶ୍ୱିନ ମାସ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ ବା ଅପରପକ୍ଷ କୁହାଯାଏ ଏବଂ ତା' ପରଦିନକୁ ମହାଳୟା ବୋଲି ଆମେ ଜାଣିଛେ ।

# ସରକାରୀ ଆଇନ ନିଶାକୁ ଅଟକାଇ ପାରିବ କି ?



## ସୁବ୍ରତ କର

ଅବକାରୀ ମନ୍ତ୍ରୀଙ୍କ କହିବାନୁସାରେ ଏହି ମାସ ଶେଷ ସୁଦ୍ଧା ନୂଆ ଅବକାରୀ ଆଇନ ରାଜ୍ୟରେ ଜାରି ହେବାକୁ ଯାଉଛି । ଅତି ଭଲ କଥା କାରଣ ପୁରୁଣା ଆଇନକୁ ପରିବର୍ତ୍ତନ କରାହୋଇ ନୂଆ ଆଇନ ନୂଆ ଢଙ୍ଗରେ ଲାଗୁ ହେବ । କିଛି ପୋକ୍ଷତ ଲୋକ କିଛି ରାଜ୍ୟ ବୁଲି ଆସିଲା ପରେ ଆଇନରେ ପରିବର୍ତ୍ତନ ଅଣାଯାଇଛି । ସରକାର ନିଶ୍ଚିତ ଭାବରେ ଧନ୍ୟବାଦର ପାତ୍ର କାରଣ କିଛି ହେଉ ନ ହେଉ ଚେଷ୍ଟା ତ ଜାରି ରହିଛି । କିନ୍ତୁ ମୋ ମତରେ ନୂଆ ଆଇନ ଆସିଲେ ମଧ୍ୟ ନିଶା ବ୍ୟବସାୟୀ ବା ନିଶାଡ଼ୀ ମାନଙ୍କ ଉପରେ ବିଶେଷ କିଛି ପ୍ରଭାବ ପକାଇ ପାରିବ ନାହିଁ । ଆଇନ, ଆଇନ ବାଟରେ ଯିବ ନିଶାତ ତା ବାଟରେ ଯିବ । କେହି କେବେ ହେଲେ ଭେଟା ଭେଟି ହେବେ ନାହିଁ, କାରଣ ଭ୍ରଷ୍ଟାଚାର । ଆମ ଦେଶ ହେଉ ବା ରାଜ୍ୟ ଉପରେ ଭ୍ରଷ୍ଟାଚାରର ପ୍ରଭାବ ଏତେ ବେଶି ଯେ ନୂଆ ଆଇନ ଲାଗୁ ହେବା ପରେ ମଧ୍ୟ ଏବେ ଯେମିତି ଚାଲିଛି ଠିକ ସେମିତି ଚାଲିବ । ଏବେ ଏବେ ଦେଖନ୍ତୁ ଜଣେ ନୂଆକରି ଚାକିରୀରେ ଯୋଗ ଦେଇଥିବା ଓ.ଏ.ଏସ୍ ଟପ୍ପରକୁ ଜେଲ ପଠାଇ ଦିଆଗଲା । ଏଥିରୁ ବୁଝିବାକୁ ପଡ଼ିବ ନିଶା ଏବଂ ଭ୍ରଷ୍ଟାଚାର ସେମାନେ ଓତଃପ୍ରୋତ ଭାବରେ ଜଡ଼ିତ । ମୁଁ କାହିଁକି କହିଲେ ଯେତେ ନୂଆ ଆଇନ ଆସିଲେ ମଧ୍ୟ ନିଶାକୁ ଅଟକାଇବା ସମ୍ଭବପର ନୁହଁ କାରଣ ଏବେ ଏବେ ସରକାରଙ୍କ ତରଫରୁ ଅବକାରୀ ଏବଂ ପୋଲିସ ବିଭାଗ ତରଫରୁ ଆରମ୍ଭ ହୋଇଥିବା ଅପରେସନ୍ ପ୍ରହାରର ଦଶ ଦିନର ପ୍ରୋଗ୍ରାମର ଅବସ୍ଥା କଣ ?

ଗୋଟିଏ ଦିନର (ମଙ୍ଗଳବାର) ରାଜ୍ୟର ବିଭିନ୍ନ ସ୍ଥାନର ଚଢ଼ଉ କରାଯାଇ ୧.୭୯ କୋଟି ଟଙ୍କାର ନିଶା ଦ୍ରବ୍ୟ ଜବତ କରାଯବା ସହିତ ପ୍ରାୟ ୧୮୨ ଜଣଙ୍କୁ ଗିରଫ କରାହୋଇଛି । ଏହା ଉପରେ ୨୮୧ଟି ସୂଚନା ଅନୁସାରେ ୧୨ ହଜାର ୫୯୬ ଲିଟର ଦେଶିମଦ ୫୩୫ ଲିଟର ବିଦେଶୀ ମଦ ଜବତ କରାହୋଇ ପାରିଛି । ଏହାଛଡ଼ା ୧ଲକ୍ଷ ୨ ହଜାର ୮୮୦ ଲିଟର ରନ୍ଧା ମଦ ନଷ୍ଟ କରିଥିବାର ସୂଚନା ମିଳିଛି । ଏହି କାରବାରକୁ ସହଯୋଗ କରୁଥିବା ୨୧ଟି ଗାଡ଼ି ଜବତ ମଧ୍ୟ ହୋଇଛି । ଏନଡିପିଏସ ଆଇନ ବଳରେ ୭ଟି ମାମଲା ରୁଜୁ କରାହୋଇ ୩୫୩ କେଜି ଗଞ୍ଜେଇ ଓ ୪୧୮ ଗ୍ରାମ ବ୍ରାଉନସୁଗାର ମଧ୍ୟ ଜବତ କରାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନ ସରକାର ୧୦ ଦିନ ପାଇଁ ଚଳାଇଥିଲେ ।

ଏବେ ପ୍ରଶ୍ନ ଉଠୁଛି ଯଦି ଏହିପରି ଅଭିଯାନ ରିତିମତ ଚାଲିବ ତେବେ ଆମ ରାଜ୍ୟ କେଉଁ ସ୍ଥାନରେ ରହିବ ? ପୁଣି ପ୍ରଶ୍ନ ଉଠୁଛି ତେବେ ସରକାର କରିବେ କଣ ? ଏଇଠି ମୋର କିଛି ସରକାରଙ୍କୁ କହିବାର ଅଛି ଯେ ଯଦି ଆମେ ଜାଲରେ ପଡୁଥିବା ନିଶାଡ଼ି ବା ନିଶା ବେପାରୀମାନଙ୍କ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ହୋଇ ପାରନ୍ତା ତେବେ ହୁଏତ କିଛି ପରିମାଣ କାରବାର କମି ଯାଆନ୍ତା । ମୋର ଜାଣିବାରେ

> ପ୍ରଶ୍ନ ଉଠୁଛି ଯଦି ଏହିପରି ଅଭିଯାନ ରିତିମତ ଚାଲିବ ତେବେ ଆମ ରାଜ୍ୟ କେଉଁ ସ୍ଥାନରେ ରହିବ ? ପୁଣି ପ୍ରଶ୍ନ ଉଠୁଛି ତେବେ ସରକାର କରିବେ କଣ ? ଏଇଠି ମୋର କିଛି ସରକାରଙ୍କୁ କହିବାର ଅଛି ଯେ ଯଦି ଆମେ ଜାଲରେ ପଡୁଥିବା ନିଶାଡ଼ି ବା ନିଶା ବେପାରୀମାନଙ୍କ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ହୋଇ ପାରନ୍ତା ତେବେ ହୁଏତ କିଛି ପରିମାଣ କାରବାର କମି ଯାଆନ୍ତା । ମୋର ଜାଣିବାରେ ଏବେ ଏବେ ଜଣେ ନିଶା ବ୍ୟାପାରୀଙ୍କୁ ୨୦ବର୍ଷ କାରାଦଣ୍ଡ ଶୁଣାଇଛନ୍ତି କୋଟ ଏବଂ ମୁ ଭାବୁଛି ଏତେ କଠୋର ଦଣ୍ଡ ବୋଧହୁଏ ପ୍ରଥମ ଆମ ରାଜ୍ୟରେ ।

ଏବେ ଏବେ ଜଣେ ନିଶା ବ୍ୟାପାରୀଙ୍କୁ ୨୦ବର୍ଷ କାରାଦଣ୍ଡ ଶୁଣାଇଛନ୍ତି କୋଟ ଏବଂ ମୁ ଭାବୁଛି ଏତେ କଠୋର ଦଣ୍ଡ ବୋଧହୁଏ ପ୍ରଥମ ଆମ ରାଜ୍ୟରେ । ଏହିପରି ରିତିମତ ଦଣ୍ଡର ବ୍ୟବସ୍ଥା ହେବା ଦରକାର । ଦ୍ୱିତୀୟଟି ହେଉଛି ସରକାରଙ୍କ ତରଫରୁ ବିଭିନ୍ନ ଏନ୍.ଜି.ଓ ମାନଙ୍କୁ ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କରି ପାରନ୍ତେ ଯଦି ଭଲ ହୁଅନ୍ତା । ଏହି କାର୍ଯ୍ୟକ୍ରମଟି ବିଭିନ୍ନ ସ୍କୁଲ କଲେଜରେ ପିଲାଙ୍କୁ ନିଶା ଉପରେ ସଚେତନ କରାଇବା ନିହାତି ଆବଶ୍ୟକ । ନିଶା ଏବେ ବିଶେଷ କରି ସ୍କୁଲ ଏବଂ କଲେଜ ପିଲାଙ୍କ ଉପରେ ବିଶେଷ ପ୍ରଭାବ ପକାଇ ପାରିଛି । ଯେଉଁ ପିଲାମାନେ ନିଶାକୁ ଆଦୋରୁଛନ୍ତି ସେମାନଙ୍କୁ ମଧ୍ୟ କଠୋର ଦଣ୍ଡର ବ୍ୟବସ୍ଥା ହେବା ଦରକାର ଏବଂ ଦରକାର ପଡ଼ିଲେ ସେମାନଙ୍କୁ ମଧ୍ୟ ଜେଲ ପଠାଇବାର ବ୍ୟବସ୍ଥା ହେବା ଦରକାର । ତେବେ ନିଶା ନିଶ୍ଚୟ କମିବ ।

## କବିତା କୋଣାର୍କ

### ମା

**ଡ. ଶୁଭେନ୍ଦୁ ମେହେର**

ଗୋଟିଏ ଅକ୍ଷରରେ ସମାହିତ
ବିରାଟ ଶବ୍ଦଟିଏ !

ନା ତା'ର କଳନା ଅଛି
ନା ବର୍ଣ୍ଣନା......
ବିରାଟ ଶବ୍ଦକୋଷ ବି ଶବ୍ଦ ଦେବାରେ
ଅସମର୍ଥ ହେବ ନିଶ୍ଚୟ,
ସେ' ଭୂମିରୁ ଭୂମା
ସର୍ବବ୍ୟାପି,
ସକଳ ଶକ୍ତିର ଆଧାର ।

ସୃଷ୍ଟିର ଶ୍ରେଷ୍ଠ ହିଁ ସିଏ...
ଅସୁସ୍ଥ ଥାଇ ଓଷା କରେ
ନିଦରୁ ଉଠେ
ଦିନ ତମାମ ଖଟେ,
ରାତିରେ ବଳକା ତୋରାଣି ପିଇ
ଶୋଇଯାଏ ନିଶ୍ଚିନ୍ତରେ
ସାକ୍ଷାତ ଈଶ୍ୱରୀଟିଏ ସେ,
ନିସ୍ୱାର୍ଥ ସେବା ଓ ସମର୍ପଣରେ
ପଣତକାନିର ଶୀତଳତା ଦେଇ
ନାନା ବାୟା ଗୀତ ଓ
ଗଜଲ ଶୁଣାଏ ।

ନା ତା'ର ଆକାର ଅଛି
ନା ବିକାର......
ଏନ୍ତୁଡ଼ିରୁ ମଶାଣୀ ଯାଏ
ସେ' ଏକ ସୁଦୃଢ଼ ବିସ୍ତୃତ ଭୂଇଁ
ଆଉ କେବେ ଚିରସ୍ରୋତା ନଈ
ସିଏ ତ ମୋ' ପାଇଁ
ଝଙ୍କାଳିଆ ବରଗଛ ଛାଇ ।

ତା' ସ୍ନେହ ମମତାର ଓହଳରେ
ଝୁଲୁଛି ଆଉ ଝୁଲିବି
ତମାମ ଜୀବନ !

ତାକୁ ଡାକିଲେ
ମୁଁ ପାଏ ଅମୃତର ଉପଲବ୍ଧି
ସେ' ତ ମୋ'ର ଅନନ୍ତ ମହୋଦଧି ।
ସେ' ମୋ'ର
ମମତାର ମନ୍ଦାକିନୀ
ପ୍ରେରଣାର ମେରୁ ହିମାଳୟ,
ନିବିଡ଼ତାର ଆବେଗ
ଆଉ ସ୍ନେହ ସୁରକ୍ଷାର
ନିବୁଜ ବଳୟ ।

ତା' ଆଖିରେ ଆଖିଏ ପ୍ରେମ ଥାଏ
ମୋ' ପାଇଁ ।
ହାତଧରି ଲେଖିବା,କହିବା,ବୁଲିବା
ଖେଳିବା ବି ସିଏ ଶିଖାଇଛି,
ତା' ପାଇଁ ଦୁନିଆଁ ଦେଖିଛି
କବିତା ଲେଖିଛି ।

ତ୍ୟାଗ ଓ ତପସ୍ୟାର ତପସ୍ୱିନୀ ସିଏ
ରାମାୟଣ ଠାରୁ ଅଧିକ ରସମୟ
ଭାଗବତ ଠାରୁ ଅଧିକ ଭାବମୟ !
ସିଦ୍ଧି ଓ ସାଧନାର ସୁଗମ ମାର୍ଗ
ସ୍ନେହ ଓ ମମତାର ମଧୁର ସ୍ୱର୍ଗ ।

ବାରମ୍ବାର ପଚାରେ ନିଜକୁ ନିଜେ
କିନ୍ତୁ ପାଏନା ଉତ୍ତର ।
ଏତେ ପରିସ୍ଥିତି ଦେଇ
ପରିଶ୍ରମ କରି
ସେ' କଣ ପାଏ ?

ଶେଷରେ ଏତିକି ଜାଣେ.....
ଦେବାରେ ଆନନ୍ଦ ପାଏ ବୋଲି
ସେ' ଦେବୀ ।

ତେଣୁ ଭକ୍ତି ଗଦଗଦ ହୋଇ
ଭକ୍ତ ଗାଏ....
ସର୍ବ ମାଙ୍ଗଲ୍ୟ ମାଙ୍ଗଲ୍ୟର ଆବାହନୀ
ମନ୍ତ୍ର ।।


+ଯାଲୋଏ, ସୁବର୍ଣ୍ଣପୁର
ମୋ: ୯୯୩୮୪୩୩୬୬୪


### ସେଦିନ, ସେଇ ସଞ୍ଜରେ

**ହରେରାମ ପଣ୍ଡା**



ଜାଣି ନଥିଲି ମୁଁ କେମିତି କେଉଁଠି
ମନ ଚୋରିହୁଏ ବୋଲି,
ଥରୁଟିଏ ତତେ ଦେଖି ମୋ ମନକୁ
କେମିତି ହଜେଇ ଦେଲି ।

ଜାଣିନି କାହିଁକି ତୋ ଆଖି ନିଶାରେ
ହେଇଗଲି ମତୁଆଲା,
ଓଠଧାରେ ତୋର ଅଧା ଅଧା ହସ
ଛାତିକୁ ମୋ ଛୁଇଁଗଲା ।

ଚାଲିରେ ଚାଲିରେ ଫୁଲ ଫୁଟୁଥିଲା
ପାଉଞ୍ଜିର ରାଗିଣୀରେ,
କିଏ ଜାଣେ କେଉଁ ଭାବ ଭରିଦେଲା
ମୋ ମନର ଅଗଣାରେ ।

ଚାଲି ଯାଉଥିଲୁ ନଜର ଏଡେଇ
ପଛକୁ ପଛକୁ ଚାହିଁ,
ଲାଗୁଥିଲା ମତେ ମନଟାକୁ ତୋର
ଛାଡ଼ି ଯାଉଥିଲୁ ତୁହି ।

ନାହିଁରେ ନାହିଁରେ ହଁ କହୁଥିଲା
ଢଳ ଢଳ ଆଖି ତୋର,
ଜଣା ପଡିଲାନି କେଉଁ ଦୁନିଆଁରେ
ହଜିଗଲା ମନ ମୋର ।
ଶୀତୁଆ ସଞ୍ଜରେ ପବନର ଭାଷା
ଯାହା କହୁଥିଲା ମତେ,
କାଣିଚେ ସେଥିରୁ ବୁଝି ନ ଥିଲି ମୁଁ
ମିଛ କେତେ, ସତ କେତେ ।

ନିଜ ଭିତରେ ମୁଁ ନିଜକୁ ଖୋଜୁଚି
ତତେ ଦେଖିଦେଲା ପରେ,
ଲାଗୁଚି ଏମିତି, ମୋ ମନ ହଜିଚି
ସେଦିନ, ସେଇ ସଞ୍ଜରେ ।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫

# ଉନ୍ମୋଚନ ପର୍ବ

ଲଳିତ ମୋହନ ମିଶ୍ର





ପୁସ୍ତକ ଉନ୍ମୋଚନ ସମାରୋହ ସରିଲା । ବନ୍ଧୁମାନଙ୍କ ମତାମତ ଏବଂ ବାଃ... ବାଃ... ରେ ଗୋଡ ତଳେ ଲାଗୁ ନ ଥାଏ । ନିଜକୁ ବିଭୁତି ପଟ୍ଟନାୟକ, ପ୍ରତିଭା ରାୟ ଏବଂ ରମାକାନ୍ତ ରଥଙ୍କ ଭଳି ଲାଗୁଥାଏ ଗୋବରାକୁ । ପରିସ୍ଥିତି ପୂର୍ବରୁ ଖରାପ ଥିଲା, ସେଥିପାଇଁ ସାଙ୍ଗ ସାଥି ଓ ସାହିତ୍ୟିକ ବନ୍ଧୁମାନେ ପରାମର୍ଶ ଦେଲେ... ଆପଣ ଜଣେ ଜାତୀୟ ସ୍ତରର ଲେଖକ । ଆପଣଙ୍କର ଲେଖାରେ ଜୀବନ ଦର୍ଶନ ଅଛି । ଗୋବରା ମଧ୍ୟ ବେଙ୍ଗ ଫୁଲିଲା ଭଳି ଫୁଲି ଯାଉଥିଲା । କେତେକ କହିଲେ - ଆପଣଙ୍କର ଗୋଟିଏ ପୁସ୍ତକ କରିବା । ସେ ମଧ୍ୟ ତାଙ୍କ କଥାରେ କୂଅକୁ ଡେଇଁ ପଡିଲା । ପୁସ୍ତକକୁ ପ୍ରକାଶିତ କଲେ ଗେଲି ଗୋପାଳିଆ ପ୍ରକାଶନୀ । କେତେ ଜଣ କହିଲେ - ପୁସ୍ତକ ଉନ୍ମୋଚନ ବଡ ସମାରୋହର କରିବା। ଜାତୀୟ ସ୍ତରର ସାହିତ୍ୟିକଙ୍କୁ ଅତିଥି କରିବା । ତୁମ ପୁସ୍ତକ ଉନ୍ମୋଚନ ଯେତେ ଧୂମ୍ ଧାମ୍‌ରେ ହେବ ସେତିକି ଆପଣ ପ୍ରଶଂସିତ ହେବେ ଏବଂ ଆଗକୁ ବଢ଼ିବେ । ପୁସ୍ତକ ରାଜ୍ୟ ଏବଂ ଦେଶର ବଡ ବଡ ପାଠାଗାରରେ ବଡ ବଡ ବହି ଦୋକାନରେ ଉପଲବ୍ଧ ହେବ। କୋଟି କୋଟି ଟଙ୍କାର ରୟାଲଟି ମିଳିବ।

ସାଙ୍ଗସାଥି ମାନଙ୍କ କଥା ଶୁଣି ଗୋବର୍ଦ୍ଧନ ବାବୁ... ଡାକ ନାମ ଗୋବରା ଆଶ୍ଚର୍ଯ୍ୟ ଚକିତ ହୋଇ ଯାଉଥାଏ । ପୁସ୍ତକ ବିକ୍ରି ହେଲେ କୋଟି କୋଟି ଟଙ୍କା ରୟାଲଟି ମିଳିବ... ସେ ଶ୍ରେଷ୍ଠ ଲେଖକ ହେବ... ଲେଖକ ଭାବରେ ସମ୍ମାନିତ ହେବ... ରୋଜଗାର କରିବ... ତାକୁ ସାରା ବିଶ୍ୱ ଦେଖିବ । ତା'ପରେ ନିଜ ସ୍ଥିତି ଅନୁଯାୟୀ ସେ ବଡ଼ ବଡ଼ ସହରରେ ପ୍ରତିଷ୍ଠିତ ହେବ । ଏହିଭଳି ଦିବା ସ୍ୱପ୍ନରେ ସେ କୁରୁଳି ଉଠୁଥାଏ ।

ବଡ ବଡ ଲେଖକମାନଙ୍କୁ ସାହିତ୍ୟିକ ମାନଙ୍କୁ ନିମନ୍ତ୍ରଣ କରାଗଲା। ସେମାନଙ୍କ ସ୍ଥିତି ଅନୁଯାୟୀ, କାହାକୁ ଟ୍ରେନର ପ୍ରଥମ ଶ୍ରେଣୀ ଟିକେଟ ପଠାଗଲା ତ କାହାକୁ କାର୍‌ରେ ଆସିବା ପାଇଁ କାର୍ ପଠାଗଲା। ସେମାନେ ଆସିବାକୁ ରାଜି ନ ହୋଇଥିଲେ ମଧ କାହା ମାଧମରେ ରାଜି କରାଗଲା।

ସମସ୍ତଙ୍କୁ ନିଜ ବାସଭବନରେ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲେ ମଧ.... ବଡ ବଡ ସାହିତ୍ୟିକ ଘରେ ରହିବାକୁ ପସନ୍ଦ ନ କରିବାରୁ ସେମାନଙ୍କୁ ପୂର୍ବ ଦିନଠାରୁ ହୋଟେଲରେ ରହିବାର ବ୍ୟବସ୍ଥା କରାଗଲା । ପୁସ୍ତକ ଉନ୍ମୋଚନ ସମାରୋହ ଦିନ ଅତିଥି ପାଠକ ଦର୍ଶକଙ୍କ ଲାଗି ସୁସ୍ୱାଦୁ ଆମିଷ ନିରାମିଷ ମନ୍ଦିର ପ୍ରସାଦ ଇତ୍ୟାଦି ଭୋଜନର ବ୍ୟବସ୍ଥା କରାଗଲା । ପୁସ୍ତକ ଉନ୍ମୋଚନ ଅତି ବର୍ଣ୍ଣାଢ୍ୟ ସହକାରେ ହେଲା । ପୁସ୍ତକ ଉନ୍ମୋଚନ ପ୍ରାରମ୍ଭରେ ସଙ୍ଗୀତ ପରିବେଷଣ କରିବା ସହିତ ବହି ବିଷୟରେ ଗୀତ ଗାଇ ଅଧଘଣ୍ଟା ବିତାଇଦେଲେ । ସାହିତ୍ୟିକମାନେ ଗୋବରାର ପୁସ୍ତକ ବିଷୟରେ ଏତେ ଟେକା ଟେକି କରି କହିଲେ ଯେ, ବିଚାରା ଗୋବରା ଯିବା ସମୟରେ ସେ ଯାତ୍ରା ଭଡ଼ା ସହିତ କିଛି ହାତଖର୍ଚ୍ଚ ମଧ ପକେଟରୁ ବାହାର କରିଦେଲା ।

ସହରର ସମସ୍ତ ଖବରକାଗଜ ପ୍ରିଣ୍ଟ ମିଡିଆ ଉଦୀୟମାନ ସାହିତ୍ୟିକ, ଗୀତିକାର, ବ୍ୟଙ୍ଗଶିଳ୍ପୀ ଗୋବରା ଓ ତାଙ୍କ ପୁସ୍ତକ ବିଷୟରେ ଖବରକାଗଜରେ ଉଲ୍ଲେଖ ରହିଲା। ଲଗାତାର ଦୁଇ ତିନି ଦିନ ଧରି ଖବରକାଗଜରେ ଭିନ୍ନ ଭିନ୍ନ ପୋଜରେ ତାଙ୍କର ଫଟୋ ସହିତ ପ୍ରକାଶ ପାଇଲା । ଟିଭିରେ ପୁସ୍ତକ ଉନ୍ମୋଚନର ଭୁରି ଭୁରି ପ୍ରଶଂସା ସହିତ ଗୋବରା ବାବୁଙ୍କ ହସ ହସ ବଦନ ଦେଖିବାକୁ ମିଳିଲା । ସହରରେ ଏତେ ଚର୍ଚ୍ଚା ହେଉଥିଲା ଯେ, ଗୋବରାଙ୍କ ନାମରେ ଏକ ବୁମ୍-ବୁମ୍ ସୃଷ୍ଟି ହୋଇଥିଲା । ସମୟ ସମୟରେ ସ୍ଥାନୀୟ ସାମ୍ବାଦିକମାନେ ଗୋବରାଙ୍କ ସାକ୍ଷାତକାର ନେବା ପାଇଁ ପହଞ୍ଚିବା ଆରମ୍ଭ କରିଦେଲେ। ସାମ୍ବାଦିକମାନଙ୍କ ଆଗମନ ଦେଖି ଥଣ୍ଡା ଚା କଫି ଏବଂ ଖାଇବା ପିଇବାର ବ୍ୟବସ୍ଥା ଚାଲିଲା । ଏହି ନାମକୁ ନେଇ ଏତେ ଚର୍ଚ୍ଚା କାହିଁକି ହେଉଛି.. ଆଶ୍ଚର୍ଯ୍ୟ ଲାଗୁଥିଲା । ଏପଟେ ଗୋବର୍ଦ୍ଧନ ପୂର୍ବରୁ ଯେତେ ଉତ୍ସାହୀ ଥିଲେ, ବେଳକୁ ବେଳ ତାଙ୍କ ମୁଖମଣ୍ଡଳରେ ଉଦାସର ଛାପ ପରିଲକ୍ଷିତ ହେଉଥିଲା ।

ଅଜାଗା ଘା' ଦେଖି ହେଉନି କି ଦେଖେଇ ହେଉନି... ସମାରୋହ ଶେଷ ହେବାର ଏହା ଭିତରେ ଏକ ମାସ ବିତିଗଲାଣି। ସମାରୋହର ଖର୍ଚ୍ଚ ହିସାବ କଲା ବେଳକୁ ପୂରା ଖର୍ଚ୍ଚ ଥିଲା ଦୁଇରୁ ଅଢ଼େଇ ଲକ୍ଷ ଟଙ୍କା । ବନ୍ଧୁ ମାନଙ୍କୁ କହିବ ନ କହିବ ଭାବି ଶେଷରେ କହିଲା, ବନ୍ଧୁ ମାନେ କହିଲେ ଅପେକ୍ଷା କର - ଏକ ବର୍ଷ ଭିତରେ ଯେତିକି ରୟାଲ୍ଟି ଆସିବ... ଏଇ ଖର୍ଚ୍ଚ ତା'ଆଗରେ କିଛି ନୁହେଁ । ଆଶା ବାନ୍ଧି ମନକୁ ବୁଝାଇ ଦେଲା ଗୋବରା ।

ସମସ୍ତ ଖର୍ଚ୍ଚ ଓ ଚିନ୍ତାକୁ ଭୁଲି ଗୋବରା ପୁଣି ଆଗେଇ ଚାଲିଲା । ପଛ କଥାକୁ କାନ୍ଥର ଝୁଲା ମୁଣିରେ ଝୁଲାଇ ଦେଲା । ବର୍ଷେ ଭିତରେ ସେ ଆଉ ଦୁଇ ତିନୋଟି ପୁସ୍ତକ ପାଇଁ ଲେଖି ସାରିଲାଣି । ସହରର କିଛି ଉଦୀୟମାନ ସାହିତ୍ୟିକ ଗୋବରାକୁ ଏତେ ଭଲ ପାଉଥିଲେ ଯେ ସେମାନେ ପ୍ରାୟ ଗୋବରା ଘରକୁ ଯିବା ଆସିବା ଆରମ୍ଭ କରିଦେଲେ । ଖାଲି ଯିବା ଆସିବା କରୁ ନ ଥିଲେ ତା ସହିତ ପ୍ରୀତି ବଢାଇ ଦେଲେ । ଗୋବରା ମଧ୍ୟ ଅତିଥି ଅଭ୍ୟର୍ଥନାରେ କୌଣସି କମି କରୁ ନ ଥିଲା । ଯିବା ବେଳେ ଅତିଥି ମାନଙ୍କୁ କିଛି ଫଳ ଫୁଲ ଦେବାକୁ ମଧ ଭୁଲି ନଥିଲା । ଏପଟେ ସ୍ତ୍ରୀ ଏସବୁକୁ ପ୍ରଥମେ ପ୍ରଥମେ ସହଜ ଓ ସାବଲୀଳ ଢଙ୍ଗରେ ହଜମ କରି ଦେଉଥିଲା କିନ୍ତୁ ରୋଜ ରୋଜ ଏସବୁ ଚାଲିବାରୁ ତାକୁ ଟିକେ ଖାପ ଛଡା ଲାଗୁଥିଲା। ଗୋବରା ସ୍ତ୍ରୀ'କୁ ବୁଝାଇ ଦେଉଥିଲା । ସେପଟେ ବଡ ସାହିତ୍ୟିକ କହି କିଏ ମଞ୍ଚରେ ଅତିଥି କଲେଣି ତ କିଏ ବଡ ବଡ ମାନପତ୍ର ଦେଇ ସମ୍ବର୍ଦ୍ଧିତ କଲେଣି କିନ୍ତୁ ଗୋବରା ଯେଉଁଠିକି ଯାଏ ତିନି ଚାରି ହଜାର ଦେବାରେ କଞ୍ଜୁସ୍ କରେ ନାହିଁ ।

ଏବେ ସେ ବଡ ସାହିତ୍ୟିକ... ପବନ ଭଳି ଆକାଶରେ ଉଡୁଥାଏ.. କୁହୁଡିରେ ପହଁରୁଥାଏ। ବେଳେବେଳେ ସ୍ତ୍ରୀ ରାଗରେ କୁହେ 'ଏ ସବୁରେ କ'ଣ ମିଳୁଛି' ? ସେ ଆବଶ୍ୟକତାଠାରୁ ଅଧିକ କଥା କହି ପକାଏ । ଗୋବରା ସବୁ ସହିନିଏ । କେତେ କହିଲେ ଏବେ ରୟାଲ୍ଟି ଚେକ୍ ଆସିବାର ସମୟ... ବ୍ୟସ୍ତ କାହିଁକି ହେଉଛୁ । ଦିନେ ଯେତେବେଳେ ପୋଷ୍ଟମ୍ୟାନ୍ ଏକ ଖାମ୍‌ରେ ଚେକ୍ ଦେଇଗଲା । ସେ ଅନୁଭବ କରୁଥିଲା 'ମୋର ଜନ୍ମ ସାର୍ଥକ ହେଲା' । ସ୍ତ୍ରୀକୁ କହିଲା ଦେଖିଲୁ ତ ଏବେ... ଲିଫାଫାଟି ଚିରି ଚେକ୍‌ଟିକୁ କାଢି ଧିରେ ସନ୍ତର୍ପଣରେ ଦେଖିଲା। ଚେକ୍‌ରେ ରୟାଲ୍ଟିର ପରିମାଣ ଦେଖି ତାର ସବୁ ସ୍ୱପ୍ନ ମାଟିରେ ମିଶିଗଲା । ମୋଟ୍ ବାର ଶହ ଟଙ୍କାର ରୟାଲ୍ଟି ଚେକ୍ ଥିଲା। ସେହି ମୁହୂର୍ତ୍ତରେ ତାର ଦେହଟି ଥରି ଉଠିଲା... ନିରୁତ୍ସାହିତର ବହ୍ନିରେ ସେ ଦଗ୍ଧୀଭୂତ ହେବାକୁ ଲାଗିଲା ।

ସେ ଅନୁଭବ କରୁଥିଲା, ଆଜି ଯଦି ତା'ର ଚାକିରିଟି ନଥାନ୍ତା ତେବେ ସେ କ'ଣ କରିଥାନ୍ତା ? ହୁଏତ ପିଲାମାନଙ୍କୁ ନେଇ ଗାଁକୁ ଫେରିବାକୁ ପଡ଼ିଥାନ୍ତା ବା ବାପାର ମାଣେ ଦୁଇ ମାଣ ଜମି ବିକି ଏସବୁ ପରିଶୋଧ କରିବାକୁ ପଡିଥାଆନ୍ତା । ଆଜି ତାର ପୁସ୍ତକ ଉନ୍ମୋଚନର ମଜା ବାହାରି ପଡୁଛି । ସେ ତ ଆଉ ପଛକୁ ଫେରିବାକୁ ଇଚ୍ଛା କରୁନାହିଁ । କିନ୍ତୁ କାହା କଥାରେ ଆବେଗରେ ଆବେଶରେ ପଡିବାକୁ ଆଉ ଇଚ୍ଛା କରିବ ନାହିଁ ବୋଲି ପ୍ରତିଶ୍ରୁତି ବଦ୍ଧ । ଲେଖିବାର ଯାତ୍ରା ଜାରି ରହିବ, କିନ୍ତୁ ପୁସ୍ତକ ଉନ୍ମୋଚନ ଏକ ହାଲୁକା ସମାରୋହରେ ହେବ ନଚେତ୍ ନ ହେଲେ ଚଳିବ । ଆଜି ସେ ବୁଝିପାରୁଛି ଯେ, ତାର ବାପା ସେଦିନ ସେ'କଥାଟି କାହିଁକି କହିଥିଲେ - ପୁଅ... ଚାଦରକୁ ଦେଖି ଗୋଡକୁ ଲମ୍ବା । ନଚେତ୍ ପାଦ ବାହାରେ ରହିଲେ ଶୀତ ଲାଗିବ । ଚଦର ଘୋଡି ହେବାର କିଛି ମୂଲ୍ୟ ରହିବ ନାହିଁ । ବାପାଙ୍କ କଥା ଆଜି ମୋତେ ସତ ଲାଗୁଛି । ଲୋକେ'ତ କହିଦେବେ କିନ୍ତୁ ନିଜର ସେତିକି ଗୁଣ ଗାରିମା ଧୈର୍ଯ୍ୟ ଅର୍ଥ ଥିବା ଦରକାର...।

+ ଅରବିନ୍ଦ ନଗର, ନୟାଗଡ଼,
ମୋ: ୯୪୩୭୯୮୫୮୬୬

# ମଣିଷପଣିଆ



ଘନଶ୍ୟାମ ପଲେଇ

ଚାକିରି ଜାଗାରୁ ଆମ ଗାଁ ବେଶି ବାଟ ନୁହଁ । ତେଣୁ ମାସରେ ଥରେ ଦି'ଥର ଗାଁକୁ ଯାଉ । ସେଠାରେ ମୋ ମା' ଆଉ ଅନ୍ୟ ଭାଇମାନେ ପରିବାର ସହ ରହନ୍ତି । ଜାତୀୟ ରାଜ ପଥରେ ବେଶି ବାଟ ଗଲା ପରେ.. ଆଉ ଦଶ କିଲୋମିଟର ହେବ ମାଟି ରାସ୍ତାରେ ଯିବାକୁ ହୁଏ । ଆମେ ଏଇ ମାଟିଗୋଡି ରାସ୍ତାରେ ଗଲାବେଳେ ମୋତେ ଗାଁ କଥା ଭାରି ମନେପଡେ । ରାସ୍ତାଟା କାହିଁକି କେଜାଣି ନିଜର ନିଜର ଲାଗେ । ସତେ ଯେମିତି ଆମ ଛୋଟ କାରଟିକୁ କୋଳେଇ ନେବାକୁ ରାସ୍ତାଟି ହାତ ବଢେଇ ଜଗି ବସିଥାଏ । ଏଇ ବାଟ ଦେଇ ଗଲାବେଳେ ଅନେକ ଛୋଟବଡ ଚିହ୍ନାଜଣା ଗାଁ ପଡେ । ଆମେ ଯେଉଁ ଦିନ କି ବାରରେ ବି ଯାଉ ବା ଆସୁନା କାହିଁକି... କେଉଁ ନା କେଉଁ ଗାଁରେ ଛୋଟମୋଟ ହାଟଟେ ବସିଥିବ ନିଶ୍ଚୟ । ଏଇ ହାଟରୁ କିଛି ସଜ ପନିପରିବା କିଣି ଘରକୁ ନେଉ । ଗାଁ ପାଖ ହାଟମାନେ ନିଶ୍ଚୟ କିଏ ନା କିଏ ଚିହ୍ନାଜଣା ଭେଟ ହେଇ ଯାଆନ୍ତି । ତାଙ୍କ ସହ ମୁଁ ଗପେ... ଚା' ପିଉ । ମୋ କୁନି ପୁଅକୁ ଢେର ସ୍ନେହ କରନ୍ତି । ଆଶୀର୍ବାଦ କରନ୍ତି.. ଭଲ ମଣିଷଟେ ହେବା ପାଇଁ । ଖୁସି ଲାଗେ । ମାସକ ସାରାର କାମ ଜନିତ ଅବସାଦ ମୋର କ୍ଷଣିକେ ଦୂର ହେଇଯାଏ । ଦେହମନ ସଜାଗ ହେଇଉଠେ । ନୂତନ ଶକ୍ତି ସଞ୍ଚରି ଯାଏ ମନପ୍ରାଣରେ । ଥରେ ଗାଁକୁ ଗଲାବେଳେ ହାଟରେ ଅଟକି ପନିପରିବା କିଣୁଥିଲୁ । ମାଟି ରାସ୍ତାର ଦୁଇ ଧାରକୁ ଚାଷୀମାନେ ପରିବା ଧରି ବସିଥାନ୍ତି । ତଟକା ପନି ପରିବା ସହ ଶାଗ ବ୍ୟାଗରେ ଭରି ନିଜ କାର ପାଖକୁ ବାହାରିଲା ବେଳେ ଦେଖିଲୁ- କଳାରଙ୍ଗର ଦାମୀ କାରଟେ ଆସିଲା ସେଇ ହାଟ ମଝି ଦେଇ । ହାଟର ଭିଡଟା ଛାଁକୁ..ଛାଁ ... ଦୁଇଭାଗ ହେଇଗଲା ଚାହୁଁ ଚାହୁଁ। ଗାଡି ପାର ହେଇ ଆରାମରେ ଚାଲିଗଲା । ଯଥା ପୂର୍ବଂ ତଥା ପରଂ... ନ୍ୟାୟରେ ପୁଣି ଭିଡ ଜମିଲା ରାସ୍ତା ମଝିରେ ।



ଆମେ ଗାଡି ନେଇ ହର୍ଣ୍ଣମାରି ଆଗକୁ ବଢିବାକୁ ଚେଷ୍ଟା କଲୁ । ହେଲେ ଆମ ଗାଡିକୁ ପଚାରେ କିଏ ? ଗାଡିରେ ବରଂ ଲୋକ ଘଷି ହେଇ ଚାଲି ଯାଉଥିଲେ । ରାସ୍ତା ଛାଡୁ ନ ଥିଲେ କେହିବି... ଏକପ୍ରକାର ବେଖିଆଲ୍ ଥିଲେ । ବଡ କଷ୍ଟରେ ହାଟ ପାର କଲୁ । ଟିକିଏ ଯାଇଛୁ ତ କୁନିପୁଅ ମାର୍କ କରୁଥିଲା କି କ'ଣ... କହିଲା- ବାପା ! ଆମର ବି ଦାମୀ କାରଟେ କିଣିବା ।

ମୁଁ କିଛି ବୁଝି ପାରିଲି ନାହିଁ । କହିଲି – କାହିଁକିରେ ବାବୁ !... କ'ଣ ପାଇଁ ଆଣିବା... ଜାଗା ହେଉନି କି ?

ମୋ ଉତ୍ତର କୁନିପୁଅ ଦେବା ଆଗରୁ ସ୍ତ୍ରୀ କହିଲେ- ନା... ସେ କଥା ନୁହଁ... ତମେ ତ ଏତେ ବଡ ଚାକିରି କରିଛ... କିଣି ପାରିବ ଦାମୀକାର... କିଣୁନ କାହିଁକି... ?

ମୁଁ କହିଲି- ଠିକ୍... ହେଲା ଯେ... ଏଥିରେ ତ ଆରାମରେ ଜାଗା ହେଉଛି... ତା' ଛଡା କମ୍ ପେଟ୍ରୋଲ ବି ଖର୍ଚ୍ଚ....।

କୁନିପୁଅ କହିଲା- ବାପା ! ଦେଖିଲ ନାହିଁ କି ଟିକିଏ ଆଗରୁ ଦାମୀକା ଗାଡି ଦେଖି ଲୋକ କେମିତି ଆପେ ଆପେ ସାଇଡ୍ ହେଇଗଲେ...ଇଜତ୍ ଦେଲେ । ଆଉ ଆମ ଛୋଟ ଗାଡିକୁ କିଏ ପଚାରେ... ଟିକିଏ ବି ଛାଡୁ ନାହାଁନ୍ତି ବାଟ... ଓଲଟି ଘଷି ହେଇ ଡୁଙ୍ଗୁଛନ୍ତି ଭିତରକୁ । ସମ୍ମାନ ଟିକିଏ ବି ନାହିଁ । ମୋତେ ବି କିଛି ସମୟ ଭାବିବାକୁ ବିବଶ କଲା ଏଇ କଥା । ସତରେ ତ ଏହା ପୂର୍ବରୁ ଦାମୀକା ଗାଡିଟିକୁ ଦେଖି ସଭିଏଁ ପାଖେଇ ଗଲେ । ଆଉ ମୁଁ ଜଣେ ଉଚ୍ଚ ପଦସ୍ଥ ସରକାରୀ ଅଫିସର ହେଇ ବି ... ଛୋଟ କାରକୁ ଦେଖି ଛାଡୁ ନାହାଁନ୍ତି ରାସ୍ତା ଜମାରୁ । ଚୁପ୍ ରହିଲି କିଛି ସମୟ । ପୁଅର ମନ କଷ୍ଟ ନ ହେଉ ଭାବି ବୁଝେଇବାକୁ ଯାଇ କହିଲି- ବାବୁ... କହିଲୁ ଗୋଟିଏ ଲୋକକୁ ବୋହିବା ପାଇଁ କେତୋଟି ଘୋଡାର ଆବଶ୍ୟକତା ଅଛି ।

ପୁଅ କହିଲା- ସାଧାରଣ କଥା... ଗୋଟିଏ ଘୋଡା କାଫି...

- ତାହାଲେ ଆମ ତିନିଜଣକୁ ବୋହିବାକୁ କେତେ ଘୋଡାର ପାୱାର ଦରକାର...
- ଦୁଇରୁ ତିନ୍...
- ହାଁ... ଏଇ କଥା... କିନ୍ତୁ ତୁ ତ ଜାଣୁ ଗୋଟିଏ ଛୋଟ କାରରେ ବି ୫୦ Hp (Horse Power) ବା ପଚାଶ ଘୋଡାର ଶକ୍ତି ଥାଏ । ତେଣୁ ଏଥିରେ ଆମେ ଯଦି ଆରାମରେ ଯାତ୍ରା କରି ପାରୁଛେ ଆଉ କମ ତେଲ ଖର୍ଚ୍ଚ ହେଉଛି । ତା' ହାଲେ ଆମେ ତେଲ କମ ଖର୍ଚ୍ଚ କରି ରାଷ୍ଟ୍ର ନିର୍ମାଣରେ ଭାଗିଦାରୀ ହେଇପାରୁଛେ । ତଥାପି ସ୍ତ୍ରୀ କି ପୁଅ ବୁଝିଲା ଭଳି ମୋତେ ଜମାରୁ ଅନୁଭବ ହେଲା ନାହିଁ । ଅବଶ୍ୟ କଥା ଆଗକୁ ନ ବଢାଇ ଚୁପ ରହିଲେ ସଭିଏଁ । ଏଣୁ ଏଥରକ ବଡଗାଡିର ମଜା ନେବାକୁ ଯାଇ ଛୋଟ କାର ବଦଳରେ ବଡ ଦାମିକା କାରଟେ ଭଡା କଲି । ଦାମୀ ଗାଡିରେ ଗାଁ'କୁ ବାହାରିଲୁ । ଗାଁ ରାସ୍ତାରେ ଆଜି ବି ବସିଥିଲା ହାଟ । ଆଜି କିନ୍ତୁ ଆମ ଦାମୀ ଗାଡି ଦେଖି ଧିରେ ଗଲେ ବି ବିନା ହର୍ଣ୍ଣରେ ଆପଣା ଛାଏଁ ଦୁଇ ଭାଗ ହେଇ ରାସ୍ତା ଛାଡିଦେଲେ । ଗାଡି ହାଟପାର କରି ସାଇଡ୍ କରି ପୁଅ ସହ ତଳକୁ ଆସିଲୁ । ପରିବା କିଣିଲୁ । ହେଲେ ଭାରି ପରିବର୍ତ୍ତନଟେ ଅନୁଭବ କଲୁ । ଚିହ୍ନା ଜଣା ଲୋକବି ଠିକ୍ ସେ କଥା ହେଉ ନଥିଲେ । ଆଗ ଭଳି ସ୍ନେହ ଭରା କଣ୍ଠରେ କେହି ବି ପଚାରିଲେ ନାହିଁ ... ବାବୁ ! କେତେବେଳେ ପହଞ୍ଚିଲୁ ବୋଲି । କୁନିପୁଅକୁ ଅଳଶୀର୍ବାଦ ଦେବାକୁ ଆପଣା ଛାଏଁ ହାତ ବଢିଲା ନାହିଁ ଗୋଟାଏ ବି ଚିହ୍ନା ଜଣା ହାତ । ପୁଅ କି ସ୍ତ୍ରୀଙ୍କୁ ଆଉ ବୁଝିବାକୁ ବାକି ରହିଲା ନାହିଁ କିଛି । ପୁଅ ଗାଡିରେ ବସୁବସୁ କହିଲା – ବାପା ! ଆମେ ଆମର କମ ଦାମ୍ କାରରେ ହିଁ ଗାଁକୁ ଆସିବା ।

ମୁଁ ଟିକିଏ ହସିଦେଲି । ଭାବିଲି- ସତରେ ବେଳେବେଳେ ଛୋଟ କାର ଭଳି ଛୋଟ ହେବାରେ ବି ମଜାଥାଏ । ଆମ ଅସଲ ଇଜ୍ଜତ ଦାମୀ ଗାଡିରେ ନୁହେଁ... ଥାଏ ମଣିଷପଣିଆରେ ।

# ସେ, ମୁଁ ଓ କୃଷ୍ଣଚୂଡ଼ା!

ସୁବ୍ରତା ସୁଦର୍ଶନୀ ବେହେରା



ସାନ ମାମୁଁଙ୍କ ବାହାଘର ବୋଲି ବୋଉ ସଜବାଜ ହୋଇ ତା କଳା ମଚମଚ ଲମ୍ବା ବେଣିରେ ମେଞ୍ଚେ ମଲ୍ଲିକଢର ଗଜରା ଲଗାଇ, ଈଷତ୍ ଗୋଲାପି ରଙ୍ଗର ଖଣ୍ଡୁଆ ପାଟଟେ ପିନ୍ଧି ସବୁ ଦିନଠାରୁ ପୁରା ଅଲଗା ଲାଗୁଥିଲା । ସବୁଠୁ ଓଜନିଆ ସୁନା କାନଫୁଲ ମାକଡି ସାଙ୍ଗକୁ ରାଣୀ ହାର, ହାତରେ ଚୁଡ଼ , ଶଙ୍ଖା, ବଳା, ଚୁଡ଼ି ତା ଧନୀ ଓ ସଂଭ୍ରାନ୍ତ ହେବାର ପ୍ରାମାଣିକତାକୁ ପ୍ରତିପାଦିତ କରୁଥିଲେ । ମୁଁ ବ୍ୟସ୍ତ ଥିଲି ବାଜା, ରୋଷଣୀରେ । ବରଯାତ୍ରୀରେ ଯିବାର ଏକ ଅନନ୍ୟ ଉଦ୍ଦିପନା ମନରେ..! ବସନ୍ତର ପ୍ରସ୍ଥାନ ଓ ଗ୍ରୀଷ୍ମର ଆଗମନରେ ଅଦିନିଆ ବର୍ଷା, ନୂଆଁ ବୋହୁର ସ୍ୱାଗତର ଉତ୍ସାହକୁ ଆହୁରି ଆର୍ଦ୍ର କରୁଥିଲା ସମସ୍ତଙ୍କ ହୃଦୟରେ ।

ଆଈ, ଘରର ଅନ୍ୟାନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କୁ କାମର ଦାୟିତ୍ୱ ବାଣ୍ଟି ନିଜେ ଅତିଥି ଚର୍ଚ୍ଚାରେ ବ୍ୟସ୍ତ । ସାନ ମାମୁଁ ମାନେ, ଘରର ଶେଷ ବାହାଘର ! ସେ କୌଣସି ପ୍ରକାର ତ୍ରୁଟି କି ଖର୍ଚ୍ଚରେ ସାଲିସ କରୁନଥିଲେ । ମାମୁଁ ଥିଲେ ବିଡ଼ିଓ । ସୁନ୍ଦରୀ, ସ୍ମାର୍ଟ ଶିକ୍ଷିତା ଯୁବତୀ ଥିଲା ତାଙ୍କ ଝିଅ ଚୟନ କରିବାର ମାନଦଣ୍ଡ । ଆଈଙ୍କର ଚିନ୍ତାଧାରା ଓ ବୈଚାରିକ ମତଭେଦ ଥିଲା ମାମୁଁଙ୍କ ସହିତ । ସେ ଚାହୁଁଥିଲେ ଯୌତୁକ ବି ସେମିତି ଆସିବା ଦରକାର ଯେମିତି ତାଙ୍କ ପୁଅର ପଦବୀ । ମାମୁଁ କିନ୍ତୁ ଚାହୁଁ ନ ଥିଲେ ସେ ଯୌତୁକ ରୁପକ ବୋଝ ତଳେ ଦବିହୋଇ ରହିବାକୁ । ଏଇଠି ବୋଉର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଆଈ ଆଉ ମାମୁଁ ଭିତରେ ବ୍ରିଜ୍‌ର କାମ ସେ କରୁଥିଲେ ।

ବରଯାତ୍ରୀ ନେଇ ସମସ୍ତେ ପହଞ୍ଚିଗଲୁ ବିବାହ ମଣ୍ଡପରେ । ଆଈ ଘରେ ରହିଲେ ଅନ୍ୟ କିଛି ବନ୍ଧୁବାନ୍ଧବଙ୍କ ସହିତ । ଅତିଥି ସତ୍କାରରେ କିଛି ଊଣା ନଥିଲା । ମାଈଁଙ୍କ ବାପାଙ୍କ ତରଫରୁ । ଭଲରେ ବାହାଘରଟା ସମ୍ପନ୍ନ ହେବା ପରେ ମାଈଁଙ୍କୁ ନେଇ ମାମୁଁ ବସିଲେ ରଜନୀଗନ୍ଧା ଓ ଗୋଲାପରେ ଆଚ୍ଛାଦିତ ସୁସଜ୍ଜିତ କାର୍‌ରେ । ସାଇପଡିଶା ବନ୍ଧୁବାନ୍ଧବଙ୍କ ମନରେ ଅସୀମିତ ଅଧିରତା ଓ ଆନନ୍ଦର ଏକ ମିଶ୍ରିତ ପ୍ରତିକ୍ରିୟା ଯୌତୁକକୁ ନେଇ । ନୂଆ ବୋହୁ ଟ୍ରକ୍‌ରେ ଭର୍ତ୍ତି ଜିନିଷ ଆଣିଥିବା ! କିଏ କହୁଛି - ଓଏଏସ୍ ବର ଆମର, ଆଉ କଣ ଆଣନ୍ତାନି ? କିଏ ଆଖି ତରାଟି କହୁଛି - ମଲା, ଯାହିତାହି ଗୁଡ଼ା ପରା ଘର ଭର୍ତ୍ତି ଜିନିଷ ଆଣୁଛନ୍ତି...ଆଉ ଆମର ରାଜକୁମାର ଭଳି ପୁଅ...ଲୋକତ ଖାଲି ହାବୁଡି ପଡ଼ି ଦେବେ.... ଯଉତୁକ ! ସମସ୍ତଙ୍କର କୌତୁହଳପୂର୍ଣ୍ଣ ଦୃଷ୍ଟି ରାସ୍ତା ଆଡ଼କୁ । ମୁଖ୍ୟତଃ ଟ୍ରକ୍ ଉପରକୁ ।

କାର୍‌ରେ ମାମୁଁ, ମାଈଁ ଓ ମୁଁ ବସିଥାଉ । ମାମୁଁ, ମାଈଁଙ୍କୁ ଝର୍କା ଉହାଡରୁ ଦେଖାଉଥାନ୍ତି ତାଙ୍କ ପିଲାଦିନର ସ୍ମୃତିକୁ ଆଉ ସାଉଁଟି ନେଉଥାନ୍ତି ଅଜସ୍ର ଅଭିଜ୍ଞତା । ମୁରୁକି ମୁରୁକି ହସି ମାଈଁ ବି ଉପଭୋଗ କରୁଥିଲେ ଦୃଶ୍ୟରାଜି । ଘରକୁ ପହଞ୍ଚିବା ପୂର୍ବରୁ ମାମୁଁ କିଛି ସମୟ ପାଇଁ ଅଟକି ଯାଇଥିଲେ ଏକ କୃଷ୍ଣଚୂଡ଼ା ମୂଳେ । ନାଲି କୃଷ୍ଣ ଚୂଡା ଫୁଲରେ ଭର୍ତ୍ତି ଗଛଟି ସତେକି ଅପେକ୍ଷା କରିଛି ସ୍ୱାଗତ କରିବାକୁ ! ମାଈଁ ଧିରେ ପଚାରିଲେ ଏହାର ସ୍ୱତନ୍ତ୍ରତା କଣ ? ମାମୁଁ ଧିରେ କହିଲେ ମୋ ମାଁ ଏଇଠି । ବାପା, ମୋ ମାଁ ଓ ମୋତେ ଆଣି ତାଙ୍କ ଘରେ ଆଶ୍ରୟ ଦେଇଥିଲେ । କୁଆଁରି ମାଁକୁ ସମାଜ ସାମ୍ନାରେ ସ୍ତ୍ରୀର ମର୍ଯ୍ୟାଦା ଓ ମୋତେ ପୁଅର ସମ୍ମାନ, ଅଧିକାର ଦେଇଥିଲେ । ବାପା ମାଁ ଚାଲିଗଲେ ଆଗ ପଛ ହୋଇ । ମାଁର ସମାଧି ଏଇଠି । କୃଷ୍ଣଚୂଡ଼ା ମୂଳେ । ସେ ଖୁସିରେ ଲଗାଇଥିଲେ ଏଇ ଗଛଟି । ତାଙ୍କ ଦି' ଜଣଙ୍କ ଭିତରେ କେମିତି ଗୋଟାଏ ଭାବଥିଲା । ବୁଝି ହୁଏନା । ପିଲାଦିନ ପ୍ରାୟ ସମୟ ମୋର ଏଇଠି ବିତୁଥିଲା । ଲାଗେ ଯେମିତି ମାଁ ମୋତେ କୋଳେଇ ନେଉଛି । ବୋଉ ମୋ ମାଁ ଠାରୁ କମ୍ ନୁହେଁ । ତାରି ମମତାର ପଣତରେ ଗୁଡ଼େଇ ମୁଁ ମୋ ହରାଇଥିବା ଅସ୍ତିତ୍ୱ ପାଇଛି । ସେ ଏବେ ସବୁକିଛି ମୋର...। ମାଈଁଙ୍କ ସୁନ୍ଦର ଆଖି ଜୋଡିକ ଭାବପ୍ରବଣତାରେ ବୁଡି ଯାଇଥିଲେ । ମୁଁ ଚୁପଚାପ୍ ଶୁଣୁଥିଲି । ସେ ମୋ ଆଡ଼କୁ ଚାହିଁ କୁଣ୍ଢେଇ ଧରିଥିଲେ ।

ମହିଳା ମାନେ ମୋ ବୋଉ ସହିତ ମିଶି ବନ୍ଦାପନା କରି ମାଈଁଙ୍କୁ ଭିତରକୁ ପ୍ରବେଶ କରିବାକୁ ଆଗେଇଲେ । ଆଈ ଯୌତୁକ ଜିନିଷ ନ ଆସିବାରୁ କଟାକ୍ଷ ଦୃଷ୍ଟିରେ ଆଖି ବୁଲାଉଥାନ୍ତି । 'ଝିଅ ବାପ ଠକିଦେଲା'ର ମୃଦୁ ଗୁଞ୍ଜରଣ ଚାରିଆଡେ । ବୋଉ ଆଈକୁ ବୁଝାଇବାରେ ବ୍ୟସ୍ତ । 'କେମିତି କିଛି ଦେଲାନି ଝିଅ ବାପ ? ସମାଜରେ ଆମର ମାନସମ୍ମାନ ସବୁ ଗଲା'ର କୃତ୍ରିମ ବିଷାଦର ପରିବେଶ । ଦିନେ ଦୁଇ ଦିନ ଭିତରେ ବନ୍ଧୁବାନ୍ଧବଙ୍କ ଯେ ଯାହା ଘରକୁ ଫେରିବା ପ୍ରାରମ୍ଭ ହୋଇଗଲା । ଶେଷରେ ମୁଁ, ବୋଉ ସହିତ ଆମ ଘରକୁ ଫେରିବାର ଥିଲା । ବାପା ପୂର୍ବରୁ ଚାଲିଯାଇଥିଲେ । ବୋଉ ମନ ବି ଠିକ୍ ନ ଥିଲା । ମାଈଁ ଚୁପ୍ ଚାପ୍ ସବୁ ସହି ନିଳକଣ୍ଠ ପରି ଶବ୍ଦ ରୂପକ ଜହରକୁ ନିଜ ଭିତରେ ଗ୍ରହଣ କରି ନେଉଥିଲେ । ମାମୁଁ କିଛି ଅର୍ଜେଣ୍ଟ କାମରେ ତାଙ୍କ ସରକାରୀ ଗସ୍ତରେ ବାହାରି ଗଲେ । ମୋ ମନ ମାଈଁ ପାଖରେ ସବୁବେଳେ । ଏତିକି ବୁଝିପାରୁଥିଲି ଆଈ ତାଙ୍କ ପ୍ରତି ଅନ୍ୟାୟ କରୁଛନ୍ତି ଆଉ ମାଈଁ ମନ ଦୁଃଖରେ ଗୋଟିଏ ଗୋଟିଏ ମୂହୁର୍ତ୍ତ କାଟୁଛନ୍ତି ।

ସେଦିନ ତାଙ୍କୁ ଖୋଜି ଖୋଜି ମୁଁ, ଆଈ, ବୋଉ ବ୍ୟସ୍ତ । ଘରେ ହୁରି ପଡ଼ିଗଲା ମାଈଁ ନିଖୋଜ ! ଆଈ ହାଉଳି ଖାଉଥାଏ ... 'ଥାଉଲୋ, ମୋ ଯଉତୁକ..କୁ ! କଣ ହେବ ସେ ନିଆଁଲଗା ପରଧନରେ...ତୁ ମୋର ଶଙ୍ଖରଙ୍କୁଣୀ...ମୋ ରତ୍ନମଣି...ଚାଲିଆ...ଲୋ ମାଁ ! ଆଉ ଦିନେ କହିବିନି କିଛି..!' ସାଇପଡିଶା ବି ଚାଲିଆସିଲେ ଖୋଜାଖୋଜି କରିବାକୁ । ଖୋଜି ଖୋଜି ନୟାନ୍ତ ହେଲାପରେ ମୁଁ ଧାଇଁଲି ସେଇ ରାସ୍ତାରେ.... ଯୋଉଠି ମାମୁଁ ଗାଡ଼ି ରଖିଥିଲେ । ଦେଖିଲି ମାଈଁ କଇକଇ ହୋଇ କାନ୍ଦୁଛନ୍ତି । ମେଞ୍ଚା ମେଞ୍ଚା କୃଷ୍ଣ ଚୂଡା ଫୁଲକୁ ଛାତିରେ ଜାକି କୃଷ୍ଣ ଚୁଡା ମୂଳେ । ମୋ ଆଡ଼କୁ ଅନାଇଲେ । ଭିଡ଼ି ଧରିଲେ ମୋତେ । ସେ, ମୁଁ ଓ କୃଷ୍ଣଚୂଡା ହଜିଯାଇଥିଲୁ ଏକ ଭିନ୍ନ ଦୁନିଆଁରେ....।

+ଉଷୋଦୟା ମାର୍ଭେଲ
ଗ୍ରିନ୍ ଗ୍ଲେନ୍ ଲେ ଆଉଟ୍
ବେଲାନ୍ଦୁର, ବାଙ୍ଗାଲୋର -୫୬୦୧୦୩
ଫୋନ୍: ୮୨୧୭୫୬୭୪୦୯

# ଭଞ୍ଜ ସାଂସ୍କୃତିକ ପରିସରକୁ ଦେଶର ଏକ ବହୁମୁଖୀ ସାଂସ୍କୃତିକ କେନ୍ଦ୍ର ଭାବରେ ବିକଶିତ କରାଯିବ ବୋଲି ଆରଏସପି ଓ ବିଏସଏଲର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମାଙ୍କ ଉଲ୍ଲେଖ

ରାଉରକେଲା, ୧୪/୦୯ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଆଇନଗତ ପ୍ରକ୍ରିୟାର ଅନୁସରଣ କରି ୧୨ ସେପ୍ଟେମ୍ବର ୨୦୨୫ ରେ ଭଞ୍ଜ ସାଂସ୍କୃତିକ ପରିସରର ଦଖଲ ନେଇଛି। ଏହି ସାଂସ୍କୃତିକ ପରିସର ପ୍ରତିଷ୍ଠାର ପ୍ରକୃତ ଉଦ୍ଦେଶ୍ୟକୁ ଉଲ୍ଲଂଘନ କରି ବର୍ଷବର୍ଷ ଧରି ଜବରଦାଖଲକାରୀଙ୍କ ଦ୍ୱାରା ପରିସରର ବ୍ୟାପକ ବାଣିଜ୍ୟିକ ଅପବ୍ୟବହାର ଯୋଗୁଁ ପରିସର ସ୍ଥିତ ସୌଧ, କୋଠା ଏବଂ ନିର୍ମାଣଗୁଡ଼ିକ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଥିବା ଅନୁଧାନରୁ ଜଣାଯାଇଛି । ଏପରିକି ନିର୍ମାଣର କିଛି ଅଂଶ ବର୍ତ୍ତମାନ ଲୋକଙ୍କ ପାଇଁ ସୁରକ୍ଷା ବିପଦ ପାଲଟିଛି। ଏହି କୋଠା ଏବଂ ନିର୍ମାଣଗୁଡ଼ିକ ମଧ୍ୟରୁ ଅଧିକାଂଶ ତୁରନ୍ତ ମରାମତି ଏବଂ ନବୀକରଣ ଆବଶ୍ୟକ କରୁଛି।

ଏହି ପରିପ୍ରେକ୍ଷୀରେ, ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା କହିଛନ୍ତି ଯେ, ପରିସରର ସଂରଚନା ଗୁଡ଼ିକର ମରାମତି ଓ ନବୀକରଣ କରାଯାଇ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଏହାକୁ ସୁରକ୍ଷିତ କରିବା ନିମନ୍ତେ ତୁରନ୍ତ ବିହିତ ପଦକ୍ଷେପ ନିଆଯିବ। ସମସ୍ତ ସୁବିଧାଗୁଡ଼ିକର ବ୍ୟାପକ ନବୀକରଣ ସହିତ ଏକ ସମ୍ପୂର୍ଣ୍ଣ ନବକଳେବର କରାଯିବ, ଯାହା ଦ୍ୱାରା ଏହାକୁ ପ୍ରକୃତରେ ଏକ ଜାତୀୟ ସ୍ତରୀୟ ସାଂସ୍କୃତିକ ପରିସରରେ ରୂପାନ୍ତରିତ କରାଯିବ। ଭାରତ, ବିଶେଷକରି ଓଡ଼ିଶାର ରଦ୍ଧିମନ୍ତ କଳା, ସଂସ୍କୃତି ଏବଂ ସାହିତ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ସହକାରେ ଭଞ୍ଜ ସାଂସ୍କୃତିକ ପରିସରର ସମୃଦ୍ଧ ଐତିହ୍ୟକୁ ନା କେବଳ ବଜାୟ ରଖାଯିବ, ବରଂ ଆହୁରି ବୃଦ୍ଧି କରାଯିବ।

ଶ୍ରୀ ବର୍ମା, ଭଞ୍ଜ ସାଂସ୍କୃତିକ ପରିସର ସମ୍ପର୍କିତ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବା ପାଇଁ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟିର ବୈଠକ ସେପ୍ଟେମ୍ବର ୧୩ ତାରିଖରେ 'ସମାଧାନ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ପରିସରର ନବୀକରଣ, ଉନ୍ନତିକରଣ ଏବଂ କାର୍ଯ୍ୟକଳାପର ପରିସରକୁ ବିସ୍ତାର କରିବାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ଯାହା ଦ୍ୱାରା ପରିସରର ହୃତ ଗୌରବ ଫେରାଇ ଅଣାଯାଇପାରିବ।

ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ନବୀକରଣ କାର୍ଯ୍ୟ ପରେ ଭଞ୍ଜ ସାଂସ୍କୃତିକ ପରିସରରେ ବିଭିନ୍ନ ସାଂସ୍କୃତିକ ଏବଂ ସାହିତ୍ୟିକ କାର୍ଯ୍ୟକ୍ରମ ପୁନଃ ଆରମ୍ଭ କରାଯିବ ଯେଉଁ ବୃହତ ଉଦ୍ଦେଶ୍ୟରେ ଏହାର ପ୍ରତିଷ୍ଠା ହୋଇଥିଲା। ନବୀକରଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ।

ଭଞ୍ଜ ଭବନରେ ଏକ 'ଉପେନ୍ଦ୍ର ଭଞ୍ଜ ଆର୍ଟ ଗ୍ୟାଲେରୀ' ବିକଶିତ କରିବାର ଯୋଜନା ମଧ୍ୟ ଚାଲିଛି ଯାହା କଳାକାର / କାରିଗର / ଫଟୋଗ୍ରାଫର / ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସୃଜନ ପ୍ରଦର୍ଶନ କରିବା ପାଇଁ ଏକ ଆଧୁନିକ ଏବଂ ଷ୍ଟାଇଲିସ୍ ସ୍ଥାନ ପ୍ରଦାନ କରିବ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମବାର୍ଷିକୀ ପାଳନ ପାଇଁ ପ୍ରତିବର୍ଷ ଏକ ସଙ୍ଗୀତ ମହୋତ୍ସବ ଆୟୋଜନ କରାଯିବ ଯେଉଁଥିରେ ସ୍ଥାନୀୟ ଏବଂ ପ୍ରତିଷ୍ଠିତ ଗାୟକମାନଙ୍କ ଦ୍ୱାରା ଲୋକ, ଶାସ୍ତ୍ରୀୟ ଏବଂ ସମସାମୟିକ ସଙ୍ଗୀତ ରୂପଗୁଡ଼ିକ ପ୍ରଦର୍ଶିତ ହେବ ଯାହା ପ୍ରତ୍ୟେକ ବୟସ ଏବଂ ରୁଚିର ବ୍ୟକ୍ତିଙ୍କୁ ଆକର୍ଷିତ କରିବ। ପରିସର ଭିତରେ ଥିବା ପାଠାଗାରକୁ ନୂତନ ପୁସ୍ତକ ଏବଂ ଡିଜିଟାଲ୍ ସୁବିଧା ସହିତ ଆଧୁନିକୀକରଣ କରାଯିବ।

ଏହା ବ୍ୟତୀତ, ପ୍ରତିବର୍ଷ ସ୍ଥାନୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ପ୍ରତିଭାମାନଙ୍କୁ ନିମନ୍ତ୍ରଣ କରି କଳା ଏବଂ ସାହିତ୍ୟ ମହୋତ୍ସବ ଆୟୋଜନ କରାଯିବ ଯାହା ଇସ୍ପାତ ନଗରୀର ଉଦୀୟମାନ କଳାକାରମାନଙ୍କୁ ଅନୁପ୍ରେରିତ କରିବ। ରାଉରକେଲା ଇସ୍ପାତ କାରଖାନା କଳା, ସାହିତ୍ୟ, ସଂସ୍କୃତି ଏବଂ ସୃଜନଶୀଳତାର ସମୃଦ୍ଧି ଏବଂ ବିବିଧତାକୁ ପ୍ରୋତ୍ସାହିତ କରି ତଥା ଯୁବମାନସକୁ ମଧ୍ୟ ପୋଷଣ ଓ ଅନୁପ୍ରେରିତ କରି ଭଞ୍ଜ ସାଂସ୍କୃତିକ ପରିସରକୁ ଏକ ସମୃଦ୍ଧ କେନ୍ଦ୍ର ରୂପେ ଗଢିବା ନିମନ୍ତେ ପ୍ରତିବଦ୍ଧ ରହିଛି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ୨୦୨୫ ଉଦ୍‌ଘାଟିତ

ଭବାନୀପାଟଣା, ୧୪/୦୯ (ନି.ପ୍ର): ସ୍ଥାନୀୟ ଟାଉନ ହଲ ଭବାନୀପାଟଣା ଠାରେ ଜିଲ୍ଲା ସ୍ତରୀୟ ମହକ କାର୍ଯ୍ୟକ୍ରମ ମହା ଆଡମ୍ବର ସହକାରେ ଉଦଘାଟିତ ହୋଇଯାଇଛି । ଶିଶୁ ଯତ୍ନ ଅନୁଷ୍ଠାନ ରେ ରହୁଥିବା ଶିଶୁ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳା ଓ ପ୍ରତିଭା ର ବିକାଶ କରିବା ଉଦ୍ଦେଶ୍ୟ ରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟ ।ଳୟ ତଥା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ର ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସମ୍ପାଦିକା ସ୍ନିଗ୍ଧା ପଣ୍ଡା, ବାଲଗୋପାଲ ସେବା ନିକେତନ ଶିଶୁ ଯତ୍ନ ଅନୁଷ୍ଠାନ ର ଶିଶୁ ଅତିଥି ବାବୁଲି ମାଝୀ , ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷ ରୂପେଶ କୁମାର ହୋତା, ସଦସ୍ୟ ସଞ୍ଜୟ କୁମାର ଓ ଅଶୋକ ରଞ୍ଜନ ଚୌଧୁରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, କିଶୋର ନ୍ୟାୟ ବୋର୍ଡ ର ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ବାଲଗୋପାଲ ସେବା ନିକେତନ ଅନୁଷ୍ଠାନ ର ମୁଖ୍ୟ ଶ୍ରୀ ହେମନ୍ତ ମୁଣ୍ଡ ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ ଶିଶୁ ସୁରକ୍ଷା କାର୍ଯ୍ୟାଳୟ ର ଅଂଶୁମାନ ବାବୁ। ଏହି କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ମାନଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବକ୍ତୃତା, ଏକକ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ଏବଂ ଦଳଗତ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଅପର ।ହ୍ନ ୫ ଟା ସମୟ ରେ ଏହି କାର୍ଯ୍ୟକ୍ରମ ର ଉଦଯାପନୀ ପର୍ବ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ, କଳାହାଣ୍ଡି ର ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦ୍ୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ୱେଡଙ୍ଗ ତଥା ସୁରକ୍ଷା ଅଧିକାରୀ ସୁଚରିତା ମହାପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷ ରୂପେଶ କୁମାର ହୋତା, ସଦସ୍ୟ ବୃନ୍ଦ ସଞ୍ଜୟ କୁମାର, ଅଶୋକ ରଞ୍ଜନ ଚୌଧୁରୀ ଓ ଭାରତ ଭୂଷଣ ପଣ୍ଡା, କିଶୋର ନ୍ୟାୟ ବୋର୍ଡ ର ସଦସ୍ୟା ଭବାନୀ ପଟ୍ଟନାୟକ ଓ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ବରିଷ୍ଠ ଆଇନଯିବୀ ଜୟ ଶଙ୍କର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଆଇନ ମହାବିଦ୍ୟାଳୟର ପୂର୍ବତନ ଆଲୁମ୍ନି ଆସୋସେସନ ନୂତନ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା, ୧୪/୦୯ (ନି.ପ୍ର): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ (ଆଲୁମ୍ନି ଆସୋସିଏସନ୍) ପକ୍ଷରୁ ଏକ ବୈଠକ ପୂର୍ବ କାର୍ଯ୍ୟସୂଚୀ ମୁତାବକ କମିଟିର ସଭାପତି ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ସଭ୍ୟ ଓ ସଭ୍ୟା ମାନଙ୍କ ଅନୁମୋଦନ କ୍ରମେ ନୂତନ କାର୍ଯ୍ୟକାରୀ କମିଟିରେ ସଭାପତି ଭାବେ ଯୁବ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁଙ୍କୁ ମନୋନିତ କରାଯାଇଥିବା ବେଳେ ସମ୍ପାଦକ ଭାବ ଆଇନଜୀବୀ ବିଭୂତି ଭୂଷଣ କର ଏବଂ ଉପସଭାପତି ଭାବେ ହାଡିବନ୍ଧୁ ସିଂହଙ୍କୁ ସହସମ୍ପାଦକ ଭାବେ ଆଇନଜୀବୀ ଅପୂର୍ବ ରଞ୍ଜନ ସେଠୀ, କୋଷାଧକ୍ଷ ଭାବେ ମମତାମୟୀ ସାମଲଙ୍କୁ ସର୍ବସମ୍ମତି କ୍ରମେ ବଛା ଯାଇଥିବା ବେଳେ ସେହିପରି ସଭ୍ୟ ଭାବରେ କଳିଙ୍ଗ କେଶରୀ ବେହେରା, ପ୍ରଦୀପ କୁମାର ଦାଶ, ନେହେରୁ କୁମାର ସାହୁ, ସୁଶାନ୍ତ କୁମାର ମହାନ୍ତି, ଯୁବ ଆଇନଜୀବୀ ପ୍ରଦ୍ୟୁମ୍ନ ରାଉତ, ନିଶିଥ ଚକ୍ରବର୍ତ୍ତୀ, ଶକ୍ତିଶ୍ରୀ ଲେଙ୍କା, ପ୍ରତାପ ଚନ୍ଦ୍ର ଦାଶ, ବରିଷ୍ଠ ଆଇନଜୀବୀ ସେକ ଅଜିମୁଦ୍ଦିନ, ନିହାରିକା ଦାସ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଭଗବତୀ ପ୍ରସାଦ ଦାସ, କଲେଜର ଅଧ୍ୟକ୍ଷ ରବିନ୍ଦ୍ର ପ୍ରସାଦ ବଳ, ନୃସିଂହ ଚରଣ ରାଉତ, ଧନେଶ୍ୱର ସାହୁ, ଅମ୍ରିତା ମିଶ୍ର, ବିନୋଦ କୁମାର ବେହେରା, ମାତୃଦତ୍ତ ମହାନ୍ତିଙ୍କୁ ମନୋନୀତ କରାଗଲା।

# ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ତୃତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ

ମାଲକାନଗିରି, ୧୪/୦୯ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ ଏବଂ ଜେଏମଏଫସି, ମାଥିଲି ଓ ଜେଏମଏଫସି, କୁଡୁମୁଲୁଗୁମା, ଗ୍ରାମ ନ୍ୟାୟଳୟ, କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ତୃତୀୟ ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରାଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁ ଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଡଃ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ଶାନ୍ତନୁ କୁମାର ଦାସ, ମୁଖ୍ୟ ଦଣ୍ଡାଧିକାରୀ, ମାଲକାନଗିରି ପ୍ରଦୀପ କୁମାର ପ୍ରଧାନ, ବରିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ କୁମାର ଅଗ୍ରୱାଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ଉପଖଣ୍ଡ ଦଣ୍ଡାଧିକାରୀ, ମାଲକାନଗିରି ଶ୍ରୀମତୀ ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟ କାରୀ ପରିନିତା ନାୟକ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, କୁଡୁମୁଲୁଗୁମ୍ମା ଶ୍ରୀମତୀ ବିମଳ ଲକ୍ଷ୍ମୀ ଚୌଧୁରୀ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, ମାଲକାନଗିରି ଆଦିତ୍ୟ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ । ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୧୬୫୧୬ଗୋଟି ମୋକଦ୍ଦମାର ଫଇସଲା କରାଯାଇ ୨୪୭୨୭୬୩/- ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସବ ଜଜ କୋର୍ଟ, ଏସଡ଼ିଜେଏମ କୋର୍ଟ, ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି, ମୋଟୁ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ର ଓକିଲ ସଂଘର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସଂଘର ୧୮ତମ ବାର୍ଷିକୋତ୍ସବ

ପୁରୀ, ୧୪/୦୯ (ନି.ପ୍ର): ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସଂଘର ୧୮ତମ ବାର୍ଷିକୋତ୍ସବ ରିଜର୍ଭ ପୋଲିସ ଲାଇନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପି.ଚିଟି ରାଓ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ର ଯୋଗଦେଇ କହିଲେ, ପୋଲିସ ଚାକିରି କରି ଅବସର ନେଲେ ମଧ୍ୟ ନିଜ ଭିତରେ ଆତ୍ମୀୟତା ପରିପ୍ରକାଶ ପାଇଁ ଏଭଳି ବୈଠକର ଆବଶ୍ୟକତା ରହିଛି । ପରିବର୍ତ୍ତନଶୀଳ ସମାଜରେ ଆତ୍ମୀୟତା ଅବସର ପରେ ବନ୍ଧୁ ସହ ବନ୍ଧୁ ଦେଖାହେଲେ ବଢିଥାଏ । ୬୦ରୁ ୭୦ ବର୍ଷ ମଧ୍ୟରେ ଅବସରପ୍ରାପ୍ତ ପୋଲିସଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସରକାର ଚିନ୍ତା କରୁଛନ୍ତି । ମୁଖ୍ୟବକ୍ତା ଭାବେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆଧୁନିକିକରଣର ମୁଖ୍ୟ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଯୋଗଦେଇ କହିଲେ ପୁରୀ ଆସିଲେ ମୋ ନିଜ ଘରପରି ଲାଗେ । ଅବସରପ୍ରାପ୍ତ ପୋଲିସଙ୍କ ବୈଠକ ପାଇଁ ପୋଲିସ ଅବକାଶରେ ଦିଆଯାଇଥିବା ଗୃହଟିକୁ ଉନ୍ନତିକରଣ କରାଯିବ । ଅବସରପ୍ରାପ୍ତ ପୋଲିସଙ୍କ ଠାରୁ ଡିପାର୍ଟମେଂଟ ଅନେକ ପରାମର୍ଶ ନେଇଥାଏ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧୀକ୍ଷକ ସୂର୍ଯ୍ୟମଣୀ ତ୍ରିପାଠୀ ଭୁବନେଶ୍ୱର ଠାରେ ପୋଲିସ ମେମୋରିଆଲ ଗଠନ ପାଇଁ ଦାବି କରିଥିଲେ । ପୋଲିସ ୱେଲଫେୟାର ଫଣ୍ଡ ପୋଲିସଙ୍କ କାମରେ ଅଧିକ ବ୍ୟବହାର କରାଯାଉ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧୀକ୍ଷକ ନୀଳମାଧବ ତ୍ରିପାଠୀ, ପୁରୀ ଏସପି ପ୍ରତୀକ ସିଂ, କେନ୍ଦ୍ରାଂଚଳ ଆଇଜି ସତ୍ୟଜିତ ନାୟକ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପୋଲିସ ମାନେ କିପରି ସୁସ୍ଥ ରହିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ସ୍ମରଣିକା ସୂର୍ଯ୍ୟୋଦୟ ଉନ୍ମୋଚିତ ହୋଇଥିଲା । ପୋଲିସ ମୁଖ୍ୟାଳୟରେ ପୋଲିସ ସ୍ମାରକୀ ସ୍ତମ୍ଭ ସ୍ଥାପନ, ପ୍ରତି ପୋଲିସ ଜିଲ୍ଲାରେ ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପାଇଁ ଗୃହ ଆବଂଟନ, ସିଏସଆର ଫଣ୍ଡରୁ ଆସବାବପତ୍ର ଦେବା ପାଇଁ ସଂଘ ଅନୁରୋଧ କରିଥିଲା । ଏହି ଅବସରରେ ପୋଲିସ ଲାଇନ ହାଇସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ନିକିତା ଜେନା, ଅଷ୍ଟମ ଶ୍ରେଣୀର ଲକ୍ଷ୍ମୀପ୍ରିୟା ପୃଷ୍ଟି, ନବମ ଶ୍ରେଣୀର ଦେବସ୍ମିତା ରଥ ଓ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମୁନା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ପରିଚାଳନା ସମ୍ପାଦକ ନୀଳ ମୋହନ ତ୍ରିପାଠୀ ବିବରଣୀ ପାଠ କରିଥିବା ବେଳେ, ସମାଜସେବୀ ଯୁବବ୍ରତ କର ବକ୍ତବ୍ୟ ରଖିଥିଲେ । ବିରଜା ପ୍ରସାଦ ସାମଲ ମଂଚ ପରିଚଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଯିଏ ଦୁର୍ନୀତି କରିବ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ସୁରେଶ ପୂଜାରୀ

ଭୁବନେଶ୍ୱର, ୧୪/୦୯ (ନି.ପ୍ର): ଲାଂଚ ନେଇ ବାମରା ତହସିଲଦାର ତଥା ଓଏଏସ ଟପର ଧରାପଡ଼ିବା ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଉପରେ ବିଜେପି ସରକାରଙ୍କ କଡ଼ା ଆଭିମୁଖ୍ୟ । ଦୁର୍ନୀତି କରି ଅନେକ ଅଫିସର ଜେଲରେ ଗଲେଣି । ଦୁଇ ଦିନ ତଳେ କୁଚିଣ୍ଡା ତହସିଲଦାରଙ୍କୁ ସରକାର ନିଲମ୍ବନ କରିଛନ୍ତି । ଜଣେ ନିର୍ଦ୍ଦିଷ୍ଟ ଲୋକଙ୍କ ସ୍ୱାର୍ଥ ସାଧନ ପାଇଁ ଅନ୍ୟର ଅଧିକାରକୁ ହନନ୍ କରିଥିଲେ । ୨୦୧୯ ବ୍ୟାଚର ଟପର ଲାଂଚ ନେଇ ଧରାପଡ଼ିଛନ୍ତି । ଖୁବଶୀଘ୍ର ତାଙ୍କୁ ନିଲମ୍ବିତ କରାଯିବ । ଲୋକଙ୍କୁ ଅପିଲ ରାଜସ୍ୱ ମନ୍ତ୍ରୀ, ସରକାରୀ ସ୍ତରରେ, ରାଜସ୍ୱ ବିଭାଗରେ, ଅନ୍ୟାୟ, ଲାଂଚ, ଆଇନ ବିରୋଧୀ କାର୍ଯ୍ୟ ଦେଖିଲେ ନଜର କୁ ଆଣନ୍ତୁ, କେହି ବର୍ତ୍ତିବେନି । ସେ ଦୃଷ୍ଟିରୁ ବିଭାଗ ପ୍ରତି ମାସ ଆସେସମେଂଟ କରୁଛି । ଦୁର୍ନୀତିର ପରିମାଣ ଅପେକ୍ଷାକୃତ କମିଛି । ରାତାରାତି ଦୁର୍ନୀତି କମିବ ନାହିଁ । କିନ୍ତୁ ଯିଏ ଦୁର୍ନୀତି କରିବ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜୀବନ ସାରା ପଶ୍ଚାତାପ କରିବେ ଦୁର୍ନୀତିଗ୍ରସ୍ତ ଅଧିକାରୀ । ଭିଜିଲାନ୍ସ ଓ ପୁଲିସ ଆକ୍ସନ ନେବା ପୂର୍ବରୁ ବିଭାଗ ପହଂଚିବ । ଲୋକେ ଅଭିଯୋଗ ଆଣିଲେ ତୁରନ୍ତ ଆକ୍ସନ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# କଟକରେ ଦୁଗ୍ଧ ଅପମିଶ୍ରଣ ରାକେଟ ମାମଲାରେ ମାଷ୍ଟର ମାଇଣ୍ଡ ଓ ସହଯୋଗୀ ଗିରଫ

ଭୁବନେଶ୍ୱର, ୧୪/୦୯ (ନି.ପ୍ର): କିଛି ଦିନ ପୂର୍ବରୁ କଟକର ଗୁରୁଡିଝାଟିଆ ଅଂଚଳରେ ଚାଲୁଥିବା ବଡ଼ଧରଣର ଦୁଗ୍ଧ ଅପମିଶ୍ରଣ ରାକେଟ୍‌ର ପର୍ଦ୍ଦାଫାଶ ହେବା ପରେ ପୋଲିସ୍ ମାଷ୍ଟରମାଇଣ୍ଡ ପ୍ରକାଶ ଝୁଣ୍ଟିଆ ଓ ତାର ସହଯୋଗୀ ସୁଧୀର ତିୱାରୀଙ୍କୁ ଗିରଫ କରିଛି। ଦୁଇଜଣଙ୍କୁ ଶନିବାର ଦିନ କୋର୍ଟରେ ହାଜର କରାଯାଇଥିଲା।

ପୋଲିସ ସୂତ୍ର ଅନୁସାରେ, ହୋଟେଲ୍ ମାଲିକ ପ୍ରକାଶ ଝୁଣ୍ଟିଆ ଏହି ବେଆଇନ କାରବାରର ମୁଖ୍ୟ ଷଡଯନ୍ତ୍ରକାରୀ ଥିଲେ। ପ୍ରାରମ୍ଭିକ ତଦନ୍ତରେ ଖୁଲାସା ହୋଇଛି ଯେ ଅଭିଯୁକ୍ତ ଦୁଗ୍ଧରେ ପାଉଡ଼ର ଓ ରସାୟନ ମିଶାଇ ତାହାର ସପ୍ଲାଇ କରୁଥିଲେ, ଯାହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଥିଲା। ଏହି ବେଆଇନ କାର୍ଯ୍ୟକଳାପ ଗୁରୁଡିଝାଟିଆ ଥାନା ଅଂଚଳର କୁଶୁପାଙ୍ଗିରେ ଥିବା ଗୋଟିଏ ହୋଟେଲ୍ ପଛରେ ଥିବା ପରିସରରୁ ଚାଲୁଥିଲା। ପୋଲିସ ରେଡ୍ ସମୟରେ ଘଟଣାସ୍ଥଳରୁ ଦୁଗ୍ଧ ଟ୍ୟାଙ୍କର୍ ଓ ମିଶ୍ରଣ କାର୍ଯ୍ୟରେ ବ୍ୟବହୃତ ଉପକରଣ ଜବତ କରାଯାଇଛି। ଖବର ମିଳିଛି ଯେ ମିଶ୍ରିତ ଦୁଗ୍ଧ ସମ୍ବଲପୁରରୁ ଆଣାଯାଉଥିଲା ଓ ପରେ ଏକ ପ୍ରତିଷ୍ଠିତ କମ୍ପାନୀକୁ ପଠାଯାଉଥିଲା। ହେଲେ ଏହି ଟ୍ୟାଙ୍କର୍ କେଉଁଠୁ ଆସିଥିଲା ଓ କେଉଁ କମ୍ପାନୀ ସହିତ ଜଡିତ, ତାହା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇନାହିଁ। ଏହି ରାକେଟରେ ସେହି କମ୍ପାନୀର କିଛି କର୍ମଚାରୀ ମଧ୍ୟ ଜଡିତ ଥିବା ସନ୍ଦେହ ଜଣାଯାଇଛି।ଏଠାରେ ଉଲ୍ଲେଖନୀୟ ଯେ ସେପ୍ଟେମ୍ବର ୧୦ ତାରିଖ ରାତିରେ ଗୁରୁଡିଝାଟିଆ ଥାନା ଅଂଚଳର କୁଶୁପାଙ୍ଗି ଥିବା ହୋଟେଲ୍ ନିକଟରେ ପୋଲିସ ରେଡ୍ କରିଥିବା ବେଳେ ଏହି ରାକେଟର ପର୍ଦ୍ଦାଫାଶ ହୋଇଥିଲା। ହେଲେ ଅନେକ ଅଭିଯୁକ୍ତ, ଯେଉଁଥିରେ ଚାଳକ ବି ଥିଲେ, ଘଟଣାସ୍ଥଳରୁ ପଳାଇଯାଇଛନ୍ତି। ପୋଲିସ ଟ୍ୟାଙ୍କର୍ ଓ ଉପକରଣ ଜବତ କରିଛି। ବର୍ତ୍ତମାନ ଦୁଗ୍ଧ ନମୁନାର ଯାଂଚ କରାଯାଉଛି, ଯାହାଦ୍ୱାରା ମିଶ୍ରିତ ଦୁଗ୍ଧରେ ଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିପଦର ଆକଳନ କରାଯାଇପାରିବ।

## ଚାଷୀଙ୍କୁ ମିଳୁନି କୃଷି ଋଣ

ଗଂଜାମ, ୧୪/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକରେ ପ୍ରକୃତ ଚାଷୀଙ୍କୁ ଖରିଫ କିମ୍ବା ରବି ଫସଲ ପାଇଁ ଋଣ ମିଳୁନାହିଁ। ଚାଷୀ ମାନେ ବର୍ଷ ବର୍ଷ ଧରି ପିତଳ ସେବାସମବାୟ ସମିତି ମାଧ୍ୟମରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଶେରଗଡ଼ ଶାଖାରେ ଆବେଦନ କରିଥିଲେ ମଧ୍ୟ ସମାନେ ଋଣ ପାଇବାରୁ ବଂଚିତ ହେଉଛନ୍ତି। ଫଳରେ ଚାଷୀମାନେ ସରକାରଙ୍କଠାରୁ ବିଭିନ୍ନ ସହାୟତା ପାଇବାରୁ ବଂଚିତ ହେଉଛନ୍ତି। ଚଳିତ ବର୍ଷ ସମିତିରୁ ସାର ବିକ୍ରୟ ବେଳେ ଯେଉଁ ଚାଷୀ ଋଣ ନେଇନାହାନ୍ତି, ସେମାନଙ୍କୁ ସାର ଦିଆଯାଇନାହିଁ।

# କନ୍ୟା ସନ୍ତାନ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ ଜୁଭେନାଇଲ୍ ଜଷ୍ଟିସ୍ ପରାମର୍ଶ କର୍ମଶାଳା

କଟକ/ ଭୁବନେଶ୍ୱର, ୧୪/୦୯ (ନି.ପ୍ର): ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ 'କନ୍ୟା ଶିଶୁ ସୁରକ୍ଷା: ଭାରତରେ କନ୍ୟା ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଜୁଭେନାଇଲ୍ ଜଷ୍ଟିସ୍ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି ।

ଆଜି କଟକର ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ଆୟୋଜିତ ଏହି କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟ ବିଚାରପତି ଶ୍ରୀ ହରିଶ ଟଣ୍ଡନ୍ ହିଂସା, ବାଲ୍ୟବିବାହ ଏବଂ ଶୋଷଣରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଏବଂ ଗୋଷ୍ଠୀ-ଆଧାରିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ ତାଙ୍କର ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିବା ସହ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଏବଂ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ର ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ବୈଷୟିକ ଅଧିବେଶନରେ ହେବାକୁ ଥିବା ଆଲୋଚନା କନ୍ୟାମାନଙ୍କୁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ ସୁନିଶ୍ଚିତ କରିବା ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ହାଇକୋର୍ଟର କିଶୋର ନ୍ୟାୟ କମିଟିର ବିଚାରପତି ଏବଂ ଅଧ୍ୟକ୍ଷା ମିସ୍ ଜଷ୍ଟିସ୍ ସାବିତ୍ରୀ ରାଠୋ ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଅତୀତରେ ମହିଳା ସଶକ୍ତିକରଣ ଶ୍ରଦ୍ଧା ଏବଂ ପ୍ରତିରୋଧର ବିଷୟ ଥିଲା ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ କନ୍ୟା ସନ୍ତାନଙ୍କୁ ସୁରକ୍ଷା ଦେବା ଆମର ଦାୟିତ୍ୱ ଏବଂ ଭବିଷ୍ୟତ ପାଇଁ ପ୍ରତିଶ୍ରୁତି ଓ କର୍ତ୍ତବ୍ୟ । ଯେତେବେଳେ ଜଣେ ଝିଅ ସୁରକ୍ଷିତ ଓ ସଶକ୍ତ ହୁଏ, ବିଶ୍ୱରେ ପ୍ରକୃତ ବିକାଶ ପରିଲିକ୍ଷିତ ହୁଏ । କନ୍ୟା ସନ୍ତାନମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସମାନ ସୁଯୋଗ ଅଧିକାରକୁ ସୁନିଶ୍ଚିତ କରିବା ଆମର ମୌଳିକ କର୍ତ୍ତବ୍ୟ ।

ଏହି ଅବସରରେ ବିଚାରପତି ତଥା ନ୍ୟୁଜଲେଟରର ମୁଖ୍ୟ ସମ୍ପାଦକ ଏବଂ ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟିର ସଦସ୍ୟ ଜଷ୍ଟିସ୍ ଏ. କେ. ମହାପାତ୍ର ୨୦୧୭ ମସିହାରେ ଆରମ୍ଭ ହୋଇଥିବା ନ୍ୟୁଜଲେଟର ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବିଚାରପତି ଶ୍ରୀ ହରିଶ ଟଣ୍ଡନ ଜୁଭେନାଇଲ୍ ଜଷ୍ଟିସ୍ କମିଟିର ନ୍ୟୁଜଲେଟର ଶିଶୁ ସୁରକ୍ଷା ୨୦୨୫ ବର୍ଷ ପାଇଁ ପ୍ରକାଶିତ ସଂସ୍କରଣକୁ ଉନ୍ମୋଚନ କରିଥିଲେ । ମହିଳା ଏବଂ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମୋନିଷା ବାନର୍ଜୀ ଏହି ପ୍ରସଙ୍ଗର ଗୁରୁତ୍ୱ ଉପରେ ଆଲୋକପାତ କରି କହିଲେ ଯେ କନ୍ୟା ସନ୍ତାନଙ୍କୁ ସୁରକ୍ଷା, ନ୍ୟାୟ, ମର୍ଯ୍ୟାଦା ଦେବା ବିକାଶର ମୂଳମନ୍ତ୍ର । ବାଲ୍ୟ ବିବାହ, ସ୍କୁଲ୍ ଛାଡୁଥିବା ଏବଂ ଶିଶୁ ଚାଲାଣର ଶିକାର ହେବା ଦ୍ୱାରା କନ୍ୟା ସନ୍ତାନମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି । ଏଣୁ ପ୍ରତ୍ୟେକ ଶିଶୁକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ । ସରକାରୀ, ବେସରକାରୀ ଅନୁଷ୍ଠାନ, ଆମର ଢାଂଚା ବିଷୟରେ ଆମ ସମାଜକୁ ତତ୍ପର ହେବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଥିଲେ । ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ୱିଲିୟମ୍ ହାନଲନ୍ ଜୁନିଅର କହିଲେ ଯେ ଶିଶୁମାନଙ୍କ ବିରୁଦ୍ଧରେ ହିଂସା କେବଳ ମୌଳିକ ମାନବାଧିକାରର ଉଲ୍ଲଂଘନ ନୁହେଁ ବରଂ ଏକ ଜରୁରୀ ଜନସ୍ୱାସ୍ଥ୍ୟ ସଙ୍କଟ । ଏହା ଶିଶୁଙ୍କ ଜୀବନ ଏବଂ ସମାଜ ଉପରେ ଗଭୀର ପ୍ରଭାବ ପକାଇଥାଏ । ହାନଲନ୍ ଜୁନିଅର ଏକ ସାମୂହିକ ଆଭିମୁଖ୍ୟ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଲେ ଯେ କନ୍ୟା ସନ୍ତାନ ଏବଂ ସମସ୍ତ ଶିଶୁଙ୍କ ବିରୁଦ୍ଧରେ ହିଂସା ସମାପ୍ତ କରିବା ପାଇଁ ଆମର ଆଇନକୁ ସୁଦୃଢ଼ କରିବା ସହ ସଚେତନତା ସୃଷ୍ଟି କରିବାକୁ ପଡ଼ିବ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ 'ପ୍ରକଳ୍ପ ସୁରକ୍ଷା' ଉପରେ ସ୍ୱତନ୍ତ୍ର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ରାଉରକେଲା, ୧୪/୦୯ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ସେପ୍ଟେମ୍ବର ୧୨ ତାରିଖରେ 'ପ୍ରକଳ୍ପ ସୁରକ୍ଷା' ଉପରେ ଏକ ସ୍ୱତନ୍ତ୍ର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ବିଭୁ ପ୍ରସାଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ତାଙ୍କ ସହିତ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ଶ୍ରୀ ସ୍ୱରାଜ ତ୍ରିପାଠୀ ଏବଂ ଶ୍ରୀଯୁକ୍ତ ଶୁଭେନ୍ଦୁ ରାଉତ ଉପସ୍ଥିତ ଥିଲେ।




ସେମାନେ ପ୍ରକଳ୍ପ ସୁରକ୍ଷା, କାର୍ଯ୍ୟାନ୍ୱୟନ ଏବଂ ଯୋଜନା ଅଭ୍ୟାସ ଏବଂ ପ୍ରକଳ୍ପ କାର୍ଯ୍ୟରେ ସାମଗ୍ରିକ ସୁରକ୍ଷାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁଷ୍ଠିତ ଆଲୋଚନାଗୁଡ଼ିକ ଆରଏସପିର ବିଭିନ୍ନ ପ୍ରକଳ୍ପର ନିରାପଦ ଏବଂ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ବିଭାଗର ସାଂପ୍ରତିକ ସୁରକ୍ଷା ଅଭ୍ୟାସ ଏବଂ ନୂତନ ସୁରକ୍ଷା ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ୀକରଣ କରିବ।

ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲଚୌଧୁରୀ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ସୁଶ୍ରୀ ଆଶା କାର୍ଥା, ପ୍ରକଳ୍ପ ବିଭାଗର ସିଜିଏମ ଶ୍ରୀ ଦିଲ୍ଲୀପ କୁମାର ସାହୁ ଓ ଶ୍ରୀ ରାହୁଲ ଅଗ୍ରୱାଲ, ପ୍ରକଳ୍ପ-ବାଣିଜ୍ୟିକ ବିଭାଗର ସିଜିଏମ ଶ୍ରୀ ଅଶ୍ୱିନୀ କୁମାର ସାହୁ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଶ୍ରୀ ଆବାକାସ ବେହେରାଙ୍କ ସମେତ ପ୍ରକଳ୍ପ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ଶୂନ୍ୟ କ୍ଷତି' ଏବଂ 'ଦୁର୍ଘଟଣା ମୁକ୍ତ ଇସ୍ପାତ' ର ସୁରକ୍ଷା ମୂଳମନ୍ତ୍ର ପ୍ରତି କଂପନୀର ପ୍ରତିବଦ୍ଧତା ପ୍ରତିପାଦନ କରିଛି, ଯାହା ଏହାର ସକ୍ରିୟ ସୁରକ୍ଷା ସଂସ୍କୃତି ଏବଂ ନିରାପଦ ଏବଂ ସ୍ଥାୟୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାର ରଣନୈତିକ ଉଦ୍ଦେଶ୍ୟକୁ ପ୍ରତିଫଳିତ କରେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କଣ୍ଡଶିକ୍ସୀ କରାଇଦେବାକୁ ...

ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଡାକିଥିଲା । ସେଠାରେ ଉପସ୍ଥିତ ଲଜ କେୟାର ଟେକର ରାଜେଶ ଦାସ ଯୋଜନା ମୁତାବକ ପହଞ୍ଚି ଯାଇଥିଲା । ଆଉ ଚନ୍ଦନର ଚକ୍ରବ୍ୟୁହରେ ଫସି ଯାଇଥିଲେ ଯୁବତୀ । ଜଣକ ପରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଏନେଇ ପାଟି ଖୋଲିଲେ ଜହ୍ଲାଦ ମାନେ ଜୀବନରୁ ମାରି ଦେବାକୁ ଧମକ ବି ଦେଇଥିଲେ । ମହିଳା ଥାନା ପୁଲିସ ଗଣ ଦୁଷ୍କର୍ମ ମାମଲା ରୁଜୁ କରିବା ପରେ, ୩ ଭିଯୁକ୍ତଙ୍କୁ ଗିରଫ କରିଛି । ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହ କ୍ରାଇମସିନରେ ଖାନତଲାସି କରିଥିଲା । ପୂଜା ପୂର୍ବରୁ ରାଜଧାନୀ ଛାତି ଉପରେ ଯୁବତୀଙ୍କୁ ଗଣ ଦୁଷ୍କର୍ମ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।

### ବଢୁଛି ବିଜେଡି...

ଜିଲ୍ଲା ସଭାପତି ଚୟନ ଓ ଭୋଟ୍ ଚୋରି କାର୍ଯ୍ୟକ୍ରମ ନେଇ ନିଷ୍ପତ୍ତି ହୋଇଛି। ଜିଲ୍ଲା ସଭାପତି ଏହି ମାସରେ ଘୋଷଣା ହେବ । ଏହା ପରେ ବ୍ଲକ, ମଣ୍ଡଳ ଓ ବୁଥ କମିଟି ହେବ। ଜିଲ୍ଲା ସଭାପତି ଚୟନ ରେ ଲବି ରହିବ ନାହିଁ । ଏଆଇସିସି ସିଧା ଏହାକୁ ତଦାରଖ କରୁଛି ବୋଲି କୁହାଯାଇଛି । ତୃଣମୂଳ ସ୍ତରକୁ ମଜଭୁତ କରିବା ସହ ବିଧାନସଭା ଭିତରେ ଓ ବାହାରେ ଲଢ଼େଇ ହେବ ବୋଲି ନିଷ୍ପତ୍ତି ହୋଇଛି ।

### ବାତ୍ୟାକୁ ନେଇ...

ନେଇ ପାଗ ଅନୁକୂଳ ଥାଏ । ବାତ୍ୟାର ତୀବ୍ରତା ବଢାଇବାରେ ସହାୟକ ହୋଇଥାଏ । ତେବେ ଆସନ୍ତା ୧୫ ଦିନ ମଧ୍ୟରେ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ଆଶଙ୍କା ନାହିଁ । ମୌସୁମୀ ଅପସାରଣ ପରେ ବାତ୍ୟା ସମ୍ଭାବନା ଆହୁରି ଅଧିକ ବଢ଼ିଯାଏ । ଏହାର କାରଣ ହେଉଛି ଆକାଶରେ ବାଦଲର ଆଚ୍ଛାଦନ କମିଯିବ, ଯାହା ଫଳରେ ସମୁଦ୍ରର ତାପମାତ୍ରା ବଢିବ । ବାୟୁ ପ୍ରବାହର ତାରତମ୍ୟ ବି କମିଯିବ । ବାୟୁମଣ୍ଡଳରେ ତଳ ଓ ଉପର ଭାଗର ବାୟୁ ଚଳାଚଳ ସମାନ ବେଗରେ ଗୋଟିଏ ଦିଗରେ ହେବ । ଯାହା ଫଳରେ ବଙ୍ଗୋପସାଗର ରେ ଗୋଟିଏ ଛୋଟିଆ ଲଘୁଚାପ ସୃଷ୍ଟି ହେଲେ ବି ବଳ ଗୋଟେଇ ଶକ୍ତିଶାଳୀ ହେବ । ବିଶେଷକରି ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ହେଉଛି ଓଡ଼ିଶା ପାଇଁ ବାତ୍ୟାର ସମୟ ତେଣୁ ଏହି ସମୟରେ ଲା ନିନା ସୃଷ୍ଟି ହେଲେ ବାତ୍ୟା ଆସିଥାଏ । ତେବେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ରୂପ ନେଇନାହିଁ । ୧୫ ତାରିଖରେ ଓଡ଼ିଶାରୁ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପ୍ରକ୍ରିୟା ଆରମ୍ଭ ହେବ । ବର୍ତ୍ତମାନ ଲଘୁଚାପ ପ୍ରଭାବରେ ଆସନ୍ତା ଦୁଇ ଦିନ ରାଜ୍ୟର ଅନେକ ଅଞ୍ଚଳରେ ବର୍ଷା ଲାଗିରହିବ ।

### ଟ୍ରମ୍ପ୍‌ଙ୍କ ଟାରିଫ୍ ...

କେବଳ ଏତିକି ନୁହେଁ, ସେ ନାଟୋ ରାଷ୍ଟ୍ରଗୁଡ଼ିକୁ ଚୀନ୍ ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ମଧ୍ୟ କହିଛନ୍ତି । ଟ୍ରମ୍ପଙ୍କ ଏହି ବୟାନ ଉପରେ ଚୀନ୍‌ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଚୀନ୍ ବୈଦେଶିକ ମନ୍ତ୍ରୀ ଟ୍ରମ୍ପଙ୍କୁ ଉତ୍ତର ଦେଇଛନ୍ତି । ଆମେରିକାକୁ ଜବାବ ଦେଇ ଚୀନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି 'ଯୁଦ୍ଧ ଚାହେନି ବେଜିଂ । ଚୀନ୍ କେବେ ଯୁଦ୍ଧରେ ଅଂଶଗ୍ରହଣ କରେ ନାହିଁ ବରଂ ଶାନ୍ତି ଆଲୋଚନା ଚାହେ । ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ରାଜନୈତିକ ସମାଧାନ ହେବା ଉଚିତ । ଚୀନ୍ ଏବଂ ୟୁରୋପ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ବନ୍ଧୁ ହେବା ଆବଶ୍ୟକ । ପରସ୍ପରର ମୁକାବିଲା କରିବା ଅପେକ୍ଷା ସହଯୋଗ କରିବା ଉଚିତ । ସବୁଠାରୁ ବଡ଼ ପରିବର୍ତ୍ତନ ଭିତରେ ବି ସଠିକ୍ ନିଷ୍ପତ୍ତି ନେବା ଦରକାର । ଏହା ଜନସାଧାରଣଙ୍କ ପ୍ରତି ଉଭୟ ପକ୍ଷର ଦାୟିତ୍ୱକୁ ପ୍ରତିଫଳିତ କରେ ।'

### ୨୦ରେ ପ୍ରାଥମିକ ଶିକ୍ଷକଙ୍କ...

ଟିଇଟି ବାଧ୍ୟତାମୂଳକ କରାଯାଉଛି ଏବଂ ଟିଇଟି ପରୀକ୍ଷା ଆଳ ଦେଖାଇ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତିକୁ ୪ ବର୍ଷ ହେବ ବନ୍ଦ କରାଯାଇଛି। ପୁନଶ୍ଚ ଏସ୍‌ସି, ଏସ୍‌ଟି, ଏସଇବିସି ଓ ପିଏଚ୍ ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ନିମନ୍ତେ ୩୫ ପ୍ରତିଶତ ନମ୍ବର ଓ ସାଧରଣବର୍ଗ ନିମନ୍ତେ ୪୫ ପ୍ରତିଶତ ନମ୍ବର ଥିବାବେଳେ ଏସ୍‌ସି, ଏସ୍‌ଟି, ଏସଇବିସି ଓ ପିଏଚ୍ ପ୍ରାଥମିକ ଶିକ୍ଷକ ଯୋଗ୍ୟତା ନିମନ୍ତେ ୫୦ ପ୍ରତିଶତ ନମ୍ବର ଓ ସାଧରଣବର୍ଗ ପ୍ରାଥମିକ ଶିକ୍ଷକ ଯୋଗ୍ୟତା ନିମନ୍ତେ ୬୦ ପ୍ରତିଶତ ନମ୍ବର ରଖାଯାଇଛି। ଯାହାକି ପ୍ରାଥମିକ ଶିକ୍ଷକମାନଙ୍କୁ ପାତର ଅନ୍ତ ହେଉଛି ବୋଲି ସଂଘ ଅଭିଯୋଗ କରିଛି। ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ଢାଞ୍ଚାରେ ଦରମା (୪୨୦୦ ଗ୍ରେଡ଼ ପେ), □କିରି ସର୍ତ୍ତାବଳୀ, ଗ୍ରାଚ୍ୟୁଇଟି ଆଦି ସୁବିଧା ସୁଯୋଗ ଦିଆଯାଉଥିବା ବେଳେ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକମାନଙ୍କୁ ୨୨୦୦ ଗ୍ରେଡ଼ପେରେ ଦରମା ଦିଆଯାଉଥିବାରୁ ଶିକ୍ଷା ଅଧିକାର ଆଇନକୁ ଉଲଙ୍ଘନ କରାଯାଉଛି। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ଉଠିବା ବିଜ୍ଞପ୍ତି ବାହାର କରିବା, ସମସ୍ତ ଲେବୁଲ-ଭି (ଏ) ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା, ୬ ବର୍ଷର ଶିକ୍ଷା ସହାୟକ/କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ଶିକ୍ଷକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ କରିବା ଓ ପୁରୁଣା ପେନସନ ପୁନଃ ପ୍ରଚଳନ କରିବା ଆଦି ଦାବିଗୁଡ଼ିକ ସରକାର ଗୁରୁଦିବସରେ ଘୋଷଣା କରିବେ ବୋଲି ପ୍ରାଥମିକ ଶିକ୍ଷକମାନେ ଆଶା କରିଥିଲେ। ମାତ୍ର ସରକାର ଘୋଷଣା ନ କରିବାରୁ ପ୍ରାଥମିକ ଶିକ୍ଷକମାନେ ବାଧ୍ୟ ହୋଇ ଆସନ୍ତା ସେପ୍ଟେମ୍ବର ୨୦ ତାରିଖରେ ବିଧାନସଭା ଅଧିବେଶନରେ ଆନ୍ଦୋଳନକୁ ଓହ୍ଲାଇବେ।

# ଉଜ୍ଜଳ ରହିଛି ସାନଖୁଂଟା ସରପଂଚଙ୍କ ରାଜନୀତି କ୍ୟାରିଅର : ଚର୍ଚ୍ଚା

## ଖୁଂଟାକୁ ଏନ୍.ଏ.ସି. ଘୋଷଣା ପାଇଁ ସରପଂଚ ସୁମି ହାଁସଦାଙ୍କ ଦାବି

ଉଦଳା, ୧୪/୯ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ସାନଖୁଂଟା ଗ୍ରାମ ପଂଚାୟତର ସରପଂଚ ସୁମି ହାଁସଦା ଖୁଂଟାକୁ ବିଜ୍ଞାପିତ ଅଂଚଳ ଭାବରେ ସରକାର ଘୋଷଣା କରନ୍ତୁ ବୋଲି ଦାବି ଜଣାଇଛନ୍ତି । ଏ ବାବଦରେ ସେ ଗଣମାଧ୍ୟମକୁ ନିଜର ମତ ଦେବା ସହିତ ବିଜ୍ଞାପିତ ଅଂଚଳ ହେବା ପାଇଁ ଖୁଂଟାର ସବୁ ପ୍ରକାର ଯୋଗ୍ୟତା ରହିଛି ବୋଲି କହିଛନ୍ତି । ତେବେ ଖୁବ୍ ନିକଟରେ ବିଭିନ୍ନ ମହଲରୁ ଏଥିପାଇଁ ଦାବୀ ଉଠିବା ସହିତ ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ ସକାଶେ ପ୍ରସ୍ତୁତି ପର୍ବ ଆଗେଇ ଚାଲିଥିବାର ସରପଂଚ ସୂଚନା ପ୍ରଦାନ କରିଛନ୍ତି । ସରପଂଚ ସୁମି ହାଁସଦାଙ୍କର ଏପରି ଏକ ଦାବିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ସେହିପରି ଖୁଂଟା ଓ ଗୋପବନ୍ଧୁନଗର ବ୍ଲକ ପାଇଁ ଏକ ସବ୍ ରେଜିଷ୍ଟରଙ୍କ କାର୍ଯ୍ୟାଳୟର ଆବଶ୍ୟକତା ରହିଛି । ଉକ୍ତ କାର୍ଯ୍ୟାଳୟ ଏଠାରେ ନଥିବା ଯୋଗୁଁ ଜମି କିଣାବିକା ଓ ବିବାହ ପ୍ରମାଣପତ୍ର ପାଇବା ପାଇଁ ଲୋକଙ୍କୁ ଖର୍ଚ୍ଚାନ୍ତ ହୋଇ ଉଦଳା ଯିବାକୁ ପଡୁଛି ବୋଲି ସରପଂଚ ସୁମି କହିଛନ୍ତି । ପ୍ରତିମାସରେ ଥରେ ମୟୂରଭଂଜ ଜିଲ୍ଲାପାଳଙ୍କର କପ୍ତିପଦା ଉପଖଣ୍ଡ ପାଇଁ ଉଦଳା ଠାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି । ତେବେ ଉକ୍ତ ଶିବିରକୁ ଯିବା ପାଇଁ ଖୁଂଟା ଓ ଗୋପବନ୍ଧୁନଗର ବ୍ଲକ ଅଂଚଳର ବାସିନ୍ଦାଙ୍କୁ ଦୂର ହେଉଥିବାରୁ ଏହି ଦୁଇ ବ୍ଲକ ଅଂଚଳ ପାଇଁ ଖୁଂଟା ଠାରେ ମାସରେ ଥରେ ଜିଲ୍ଲାପାଳ ଜନଅଭିଯୋଗ ଶୁଣାଣି ରଖିଲେ ଭଲ ହୁଅନ୍ତା ବୋଲି ସୁମି ମତ ଦେଇଛନ୍ତି । ସୁମି ଉତରଓଡ଼ିଶା ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ୍.ଏ. ପାସ କରିଛନ୍ତି । ଶିକ୍ଷାଗତ ଯୋଗ୍ୟତା ଓ କାମ କରିବାର ଦକ୍ଷତା ପାଇଁ ସରପଂଚ ସୁମିଙ୍କର ରହିଛି ସ୍ୱତନ୍ତ୍ର ସମ୍ମାନ । ଯେଉଁଥିପାଇଁକି ତାଙ୍କୁ ଗୋପବନ୍ଧୁନଗର ବ୍ଲକ ସରପଂଚ ସଂଘର ସଭାପତି ଭାବରେ ମନୋନିତ କରାଯାଇଥିବାର ଜଣାଯାଇଛି । ଖୁଂଟା ଉଚ୍ଚ ବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍.ସି.ସି) ୟୁନିଟ ଖୋଲିବା ପାଇଁ ସୁମି ଅନୁରୋଧ ଜଣାଇଛନ୍ତି । ଖୁଂଟା ଓ ଗୋପବନ୍ଧୁନଗର ବ୍ଲକ ଅଂଚଳ



ମଧ୍ୟରେ ଥିବା କୌଣସି ଉଚ୍ଚ ବିଦ୍ୟାଳୟରେ ଜାତୀୟ ସମରଶିକ୍ଷାର୍ଥୀ ବାହିନୀର ୟୁନିଟ ନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ପଂଚାୟତ କାର୍ଯ୍ୟାଳୟ ତରଫରୁ ପ୍ରତିମାସ ପ୍ରଦାନ କରାଯାଉଥିବା ମାଗଣା ଚାଉଳ ହିତାଧିକାରୀଙ୍କୁ ଗୋଟିଏ ମୁଠା ଚାଉଳ ଦାନ କରିବାକୁ କୁହାଯାଉଛି । ସଂଗୃହିତ ହେଉଥିବା ଦାନ ଚାଉଳକୁ ଅନାହାରରେ ଥିବା ବ୍ୟକ୍ତି, ବାପ ମା' ଛେଉଣ୍ଡ ପିଲା ଓ ଅସହାୟ ବ୍ୟକ୍ତି ବିଶେଷଙ୍କୁ ଦାନ କରାଯାଉଛି । ଏହିଭଳି ଏକ କାର୍ଯ୍ୟକ୍ରମ କେବଳ ସାନଖୁଂଟା ଗ୍ରାମପଂଚାୟତକୁ ଛାଡ଼ିଦେଲେ ଅନ୍ୟ କୌଣସି ପଂଚାୟତରେ ଦେଖିବାକୁ ମିଳେ ନାହିଁ । ସରପଂଚ ସୁମି ହାଁସଦାଙ୍କ ନେତୃତ୍ୱରେ ଚାଲିଥିବା ଏହି କାର୍ଯ୍ୟକ୍ରମ ଏବେ ଅନ୍ୟ ପଂଚାୟତ ମାନଙ୍କରେ ପ୍ରଭାବ ପକାଉଥିବାର ଖବର ଆମର ହସ୍ତଗତ ହୋଇଛି । କିଛି ଦିନ ପୂର୍ବରୁ ଲୋକ ସଂଗଠନ ଜନଜାଗୃତି ମଂଚର ନେତୃତ୍ୱରେ ଖୁଂଟା ଓ ଗୋପବନ୍ଧୁନଗର ବ୍ଲକର ସମସ୍ତ ସରପଂଚ ମାନଙ୍କୁ ଡ଼ିଜିଟାଲ ସାକ୍ଷରତା ସମ୍ପର୍କରେ ତାଲିମ ଦିଆଯାଇଥିଲା । ଉକ୍ତ ତାଲିମରେ ସରପଂଚ ସୁମି ମଧ୍ୟ ଅଂଶ ଗ୍ରହଣ କରିଥିଲେ । ତେବେ ଏହି ତାଲିମ ଓ ଏହାର ଆବଶ୍ୟକତା ବିଷୟରେ ପଚାରିବାରୁ ଉତରରେ ସୁମି କହିଲେ ଏହି ତାଲିମ ସମସ୍ତଙ୍କ ପକ୍ଷେ ବର୍ତମାନ ଜରୁରି ହୋଇ ପଡ଼ିଛି । ଆହୁରି ପୂର୍ବରୁ ଏହି ତାଲିମର ଆବଶ୍ୟକତା ଥିଲା ବୋଲି ସେ ଜଣାଇଛନ୍ତି । ସୁମି ହାଁସଦାଙ୍କର ଶିକ୍ଷାଗତ ଯୋଗ୍ୟତା, ମଧୁର ବ୍ୟବହାର ଓ ନେତୃତ୍ୱ ନେବାର ଦକ୍ଷତା ବେଶ ସୁନ୍ଦର ଥିବାରୁ ରାଜନୀତି କ୍ୟାରିଅରରେ ସେ ବହୁ ଆଗକୁ ଯିବେ ଏଥିରେ ସନ୍ଦେହ ନାହିଁ ବୋଲି ଜ୍ଞାନି ଗୁଣି ଲୋକେ ମତ ଦେଇଛନ୍ତି ।

## ହାତୀ ଆକ୍ରମଣରେ ଯୁବତୀ ଗୁରୁତର

ଚମ୍ପୁଆ, ୧୪/୯ (ନି.ପ୍ର): ଚମ୍ପୁଆ ବନାଂଚଳ ବାଲିବନ୍ଧ ସେକ୍ସନ ଅନ୍ତର୍ଗତ ଚମକପୁର ପଂଚାୟତ ଲୁଣଗୋଠାଣି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବତୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗତ ରାତି ପ୍ରାୟ ଦୁଇଟାବେଳେ ଲୁଣଗୋଠାଣି ଗ୍ରାମରେ ଜଙ୍ଗଲ ହାତୀପଲ ଥିବା ବେଳେ ସେଠାରେ ଘର କରି ରହୁଥିବା ଫୁଲମଣି ମୁଣ୍ଡା ହାତୀ ହାବୁଡ ରେ ପଡିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଠେଲି ଦେବାରୁ ଫୁଲମଣି ଗୁରୁତର ଆହତ ହୋଇଥିଲେ। ଖବର ପାଇ ବନବିଭାଗ ଘଟଣା ସ୍ଥଳରେ ପହଂଚି ଫୁଲମଣିଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ। ସୂଚନା ଯୋଗ୍ୟ ଲୁଣଗୋଠାଣି ଗ୍ରାମଟି କାନୁପୁର ବୃହତ ଜଳସେଚନ ପ୍ରକଳ୍ପରେ ବୁଡି ଅଂଚଳରେ ସାମିଲ ହୋଇଥିବାବେଳେ ସମସ୍ତ ବିସ୍ଥାପିତ ଗ୍ରାମବାସୀଙ୍କୁ କ୍ଷତିପୂରଣ ଦିଆଯାଇ ସାରିଛି। ତଥାପି କିଛି ଗ୍ରାମବାସୀ ସେଠାରେ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ବସବାସ କରୁଥିବାରୁ ହାତୀ ହାବୁଡ଼ରେ ପଡି ଧନଜୀବନ କ୍ଷୟକ୍ଷତି ଘଟୁଛି।

## ବୋଲଗଡ ଥାନା ହାଟବସ୍ତ ଛକ ଗୁଳିମାଡ଼ ଘଟଣାରେ ୩ ଗିରଫ

ଖୋର୍ଦ୍ଧା, ୧୪/୯ (ନି.ପ୍ର): ଗତ ୧୦ତାରିଖ ଦିନ ବୋଲଗଡ ଥାନା ହାଟବସ୍ତ ଛକରେ ଦୁଇ ଜଣ ଯୁବକଙ୍କୁ ଗୁଳିମାଡ଼ ଓ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିବା ଅଭିଯୋଗରେ ବୋଲଗଡ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି ।ଏପରିକି ଜଣେ ଦୁର୍ବୃତ ଫେରାର ଥିବା ବୋଲଗଡ ପୋଲିସ ସୂଚନା ଦେଇଛି। ଗିରଫ ୩ଜଣ ହେଲେ ବୋଲଗଡ ଥାନା ବାଙ୍କୋଇ ହାଇ ସ୍କୁଲ ନିକଟସ୍ଥ ଭିକାରୀ ଜୟସିଂ ଓରଫ ହଡ଼ିଆ, ତେଲି ସାହିର ବବୁଲ ବରାଡ, ଅଜିତ କୁମାର ଦଳେଇ ଯିଏକି ଭୁବନେଶ୍ୱରର ନୁଆପଲି ଅଞ୍ଚଳ ରେ ରହୁଛି ।ସେହିପରି ସୂର୍ଯ୍ୟକାନ୍ତ ଛୋଟରାୟ ଓରଫ ସିଲୁ ଫେରାର ଥିବା ଜଣାପଡିଛି। ଏପରିକି ଏମାନଙ୍କ ଠାରୁ ଦୁଇଟି ବାଇକ, ଖୋକା ଜବତ କରାଯାଇଛି।

# ଅଭ୍ରକାନ୍ତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ମରଣିକା ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ




ବାସୁଦେବପୁର, ୧୪/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚନ୍ଦନପୁର ବେତଡା ଠାରେ ଅଭ୍ରକାନ୍ତା ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ମୃତି ପୁସ୍ତିକା ଜୀବନ ଧନ ନିକଟରେ ପ୍ରକାଶ ପାଇବାକୁ ଯାଉଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରସ୍ତୁତି ବୈଠକରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, କବି ସୁଦର୍ଶନ ଅଗସ୍ତି,ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, କବି ଡକ୍ଟର କାଳିପଦ ପଣ୍ଡା, କାବ୍ୟ ଶିଳ୍ପୀ ସର୍ବେଶ୍ୱର ଦାସ, ଆତ୍ମାନନ୍ଦ ଦାସ ବାବାଜୀ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ବିକାଶ କୁମାର ଶତପଥୀ ମଞ୍ଚ ସଂଯୋଜନା କରିଥିଲେ। ପ୍ରଶାନ୍ତି ଶିଶୁ ବିହାର ର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ଦୈତାରୀ ବେହେରା, ବିଜନ କୁମାର ମହାପାତ୍ର, କବି ଭରତ ଚନ୍ଦ୍ର ଦାସ, ସଞ୍ଜୀବ କୁମାର ପାଣିଗ୍ରାହୀ,କବି ଭାଗିରଥୀ ମହନି, କବି ଶାନ୍ତିଲତା ପଣ୍ଡା, କବି ଅନିତା ପଣ୍ଡା, କବି ସୁଧାଂଶୁ ଶେଖର ମିଶ୍ର, କବି ଭଗବାନ ମିଶ୍ର, କବି ତପନ ମିତ୍ର, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ସମ୍ପାଦକ ଶଶାଙ୍କ ଶେଖର ସାହୁ, ପ୍ରଭାତ କୁମାର ନାୟକ,ହିମାଂଶୁ ପାଣିଗ୍ରାହୀ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଅଭ୍ରକାନ୍ତା ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଓ ଶାଖା କାର୍ଯ୍ୟାଳୟ ବାଲେଶ୍ୱର ଠାରେ ଅବସ୍ଥିତ। ଗୌତମ ଚାନ୍ଦ ଓ ତାଙ୍କ ଧର୍ମପତ୍ନୀ ପ୍ରଦୀପା ଚାନ୍ଦ ଙ୍କ ଏକମାତ୍ର କନ୍ୟା ହେଉଛନ୍ତି ମେଧାବୀ ଛାତ୍ରୀ ଅଭ୍ରକାନ୍ତା । ଅଭ୍ରକାନ୍ତା ଙ୍କ ଡାକ ନାମ ଗେହ୍ଲା। ଗେହ୍ଲା ଙ୍କ ବିୟୋଗରେ ଏହି ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠା କରା ଯାଇଛି। ଏହି ଟ୍ରଷ୍ଟର ପ୍ରତିଷ୍ଠାତା ହେଉଛନ୍ତି ଗୌତମ ଚାନ୍ଦ ଓ ତାଙ୍କ ଧର୍ମପତ୍ନୀ ପ୍ରଦୀପା ଚାନ୍ଦ। ଅଭ୍ରକାନ୍ତା ୨୦୦୮ ମସିହା ଏପ୍ରିଲ୍ ୧୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଓ ୨୦୧୯ ମସିହା ନଭେମ୍ବର ମାସ ୨୩ ତାରିଖ ରେ ମୃତ୍ୟୁ ବରଣ କରିଥିଲେ। ଆଜିର ଏହି ପ୍ରସ୍ତୁତି ବୈଠକରେ ଶେଷରେ ଗୌତମ ଚାନ୍ଦ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟ୍ରଷ୍ଟ ପକ୍ଷରୁ ଅନାଥ, ଅସହାୟ, ପିତା ମାତା, ରୋଗୀ ଓ ଶିକ୍ଷା ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଦିଆ ଯାଉଛି। ଏହି ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ ସ୍ୱତନ୍ତ୍ର ଉତ୍ସବରେ ପୁସ୍ତିକା ଓ ପ୍ରତିମୂର୍ତ୍ତି ଉତ୍ସବ ଅନୁଷ୍ଠିତ ହେବ । ଏହି ତିନି ଦିନିଆ ଉତ୍ସବରେ ରାଜ୍ୟ ସରକାର ଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଗୌତମ ଚାନ୍ଦ ପ୍ରକାଶ କରିଛନ୍ତି।

# 'ଏକ ପେଡ୍ ମାଆ କେ ନାମ' ଅଭିଯାନରେ ସ୍ୱତନ୍ତ୍ର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ



ଜଳେଶ୍ୱର, ୧୪/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ବ୍ଲକ ର ୩୫ ଟି ପଞ୍ଚାୟତର ସମସ୍ତ ଜୁନିୟର ଇଞ୍ଜିନିୟର,ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ (ଏଡିଇଓ),ସରପଞ୍ଚ ଓ ସଦସ୍ୟ ମାନଙ୍କୁ ନେଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ଦିନ ୧୦ ଘଟିକା ସମୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧକ୍ଷତାରେ 'ଏକ ପେଡ୍ ମାଆ କେ ନାମ' ଅଭିଯାନରେ ସ୍ୱତନ୍ତ୍ର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ୭୫ ଲକ୍ଷ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଭିଯାନ ଅଧୀନରେ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସରକାରୀ ଅନୁଷ୍ଠାନର ପରିସର (ସ୍କୁଲ୍/ କଲେଜ/ଜିପି ଅଫିସ/ଅଙ୍ଗନବାଡ଼ି/ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି) ବିଭିନ୍ନ ସ୍ଥାନରେ ଅତି କମରେ ୫ ସହ ଗଛ ଲଗାଇବେ।ଗ୍ରାମୀଣ ବଜାର ସ୍ଥାନ,ବ୍ୟକ୍ତିଗତ ହିତାଧିକାରୀଙ୍କ ବ୍ୟକ୍ତିଗତ ଜମିରେ ମଧ୍ୟ ଗଛ ଲଗାଯାଇ ପାରିବ। ଉପଯୁକ୍ତ ଜମି ଉପଲବ୍ଧ ହେଲେ ଅଧିକ ସଂଖ୍ୟକ ଗଛ ଲଗାଯାଇପାରିବ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମାଗଣାରେ ଚାରା ଯୋଗାଇବେ।ଏହି ଅଭିଯାନ ପାଇଁ ଅଗଷ୍ଟ ୧୫ ତାରିଖରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ରୋପଣ ଅଭିଯାନକୁ ସଫଳତାର ସହ ପରିଚାଳନା କରିବା ପାଇଁ ପିଇଓ, ଏଡିଓ, ଏମବିକେ ଙ୍କୁ ପଞ୍ଚାୟତ ସ୍ତରରେ ନୋଡାଲ ଅଫିସର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଲୋକପ୍ରତିନିଧି, ମହିଳା-ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘ, ଗ୍ରାମ କମିଟି, ଏନଜିଓ, ସ୍ୱେଚ୍ଛାସେବୀ, ସ୍କୁଲ, ଅଙ୍ଗନୱାଡ଼ି କର୍ମୀ, ବିଶିଷ୍ଟ ନାଗରିକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରି ରୋପଣ ଅଭିଯାନକୁ ଉତ୍ସବମୁଖୀ ଉତ୍ସାହ ସହିତ ଗ୍ରହଣ କରାଯିବ ବୋଲି ଆଜିର କାର୍ଯ୍ୟକ୍ରମରେ ତହସିଲଦାର ସତ୍ୟଜିତ ମହାନ୍ତି,କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ,ଅତିରିକ୍ତ ପ୍ରୋଗ୍ରାମ ଅଫିସର ପାୟଲ ସାହୁ ଓ ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ ଉପସ୍ଥିତ ରହି ପ୍ରସ୍ତୁତି ବୈଠକରେ ଅଂଶ ଗ୍ରହଣ କରିଥିଲେ।

# ହଳଦୀପାଳ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତୃ ପ୍ରଶିକ୍ଷଣ ବର୍ଗ ଓ କର୍ମଶାଳା ଅନୁଷ୍ଠିତ



ହଳଦୀପାଳ, ୧୪/୯ (ନି.ପ୍ର): ବିବେକାନନ୍ଦ ଶିକ୍ଷାରେ ଆଜି ନୂତନ ଜାତୀୟ ଶିକ୍ଷା ନୀତି ଉପରେ ଏକ ଦିନିକିଆ ମାତୃ ପ୍ରଶିକ୍ଷଣ କର୍ମ ଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାକୁ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଉଦଘାଟନ କରି ମାଆ ମାନଙ୍କୁ ଶିଶୁ ଗଠନ ଦିଗରେ ସେମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ, ଏହି କର୍ମଶାଳାରେ ନୂତନ ଶିକ୍ଷାନୀତି ସମ୍ପର୍କ ରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା, ମୁଖ୍ୟ ବକ୍ତା ଭାବେ ଗୋକୁଳାନନ୍ଦ ବାରିକ, ଅନ୍ୟତମ ଅତିଥି ଭାବେ ବେଣୁଧର ରାଉତ ଏହି କର୍ମଶାଳାରେ ଯୋଗଦାନ କରିଥିଲେ, ପ୍ରଧାନ ଆଚାର୍ଯ୍ୟ ନିତ୍ୟାନନ୍ଦ ବେହେରା ଗୁରୁଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜ କିଶୋର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ, ଗୁରୁଜୀ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ଏହି କାର୍ଯ୍ୟକ୍ରମରେ ଗୁରୁମା ରାନୁବାଳା , ସକୁନ୍ତଳା, ବନ୍ଦନା, ଧରିତ୍ରୀ, ଅର୍ଚ୍ଚନା, ପୁଷ୍ପିତା, ରଶ୍ମିତା, ବେବି, ଅନିତା, ଶୁଭସ୍ମିତା, ଦୀପାଶ୍ରୀ ଗୁରୁମା ଅଂଶ ଗ୍ରହଣ କରିଥିଲେ।

# ପ୍ରାର୍ଥନା ସରିବା ପରେ ଶିକ୍ଷୟିତ୍ରୀଙ୍କୁ ପ୍ରଣାମ ନକରିବାରୁ ପିଲାଙ୍କୁ ମାଡ଼: ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କଲେ ବିଇଓ

ବୈଶିଙ୍ଗା , ୧୪/୯ (ନି.ପ୍ର): ବୈଶିଙ୍ଗା ଥାନା ଅଧୀନ ପାଟଳିପୁରା ପଞ୍ଚାୟତ ର ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜନୈକା ଶିକ୍ଷୟିତ୍ରୀଙ୍କୁ ପିଲା, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ଅଭିଯୋଗ କ୍ରମେ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର ଚିଠି ନଂ ୨୫୭୭ ତାରିଖ ୧୩. ୯. ୨୦୨୫ ରେ ନିଲମ୍ବନ କରିଛନ୍ତି । ଘଟଣାରୁ ପ୍ରକାଶ ଶିକ୍ଷୟିତ୍ରୀ ସୁକାନ୍ତି କର ଗତ ଗୁରୁବାର ଦିନ ବିଦ୍ୟାଳୟର ପ୍ରାର୍ଥନା ସରିବା ପରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୩୧ ଜଣ ଛାତ୍ର ଛାତ୍ରୀ ତାଙ୍କୁ ପ୍ରଣାମ ନକରିବାରୁ ସେମାନଙ୍କୁ ମାଡ଼ ମାରିଥିଲେ, ସେଥିରେ କେତେକ ପିଲାଙ୍କ ହାତ ଫାଟି ଯାଇଥିବା ବେଳେ ଅନ୍ୟ କେତେକଙ୍କ ମାଡ଼ରେ ସେମାନେ ଆଘାତ ପ୍ରାପ୍ତ ହୋଇ ଥିଲେ ବୋଲି ଅଭିଯୋଗ କରିଥିଲେ । ସେଦିନ ପରିଚାଳନା କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବା ସହିତ ଅଭିଭାବକ ମାନେ ବିଇଓ ଙ୍କ ନିକଟରେ ଅଭିଯୋଗ କରିଥିଲେ । ଖବର ପାଇଁ ଶିକ୍ଷାଧିକାରୀ ଶ୍ରୀ କର ଉକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ପିଲାଙ୍କ ଠାରୁ ସମସ୍ତ ବିଷୟରେ ଅବଗତ ହେବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଘଟଣା ସମ୍ପର୍କ ରେ ପଚାରି ବୁଝିଥିଲେ । ଘଟଣାରେ ସତ୍ୟତା ଥିବା ଅନୁଭବ କରିବା ସହ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା ଓ କମିଟିର ସଭାପତି ତପନ ପତିଙ୍କ ଠାରୁ ଅଭିଯୋଗ ପାଇବାପରେ ଶ୍ରୀ କର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଥିଲେ ବୋଲି ଜଣାଇଛନ୍ତି ।

# ରାଜ୍ୟସ୍ତରୀୟ କିକ୍ ବକ୍ସିଂରେ ସ୍ୱର୍ଣ୍ଣପଦକ ଜିତି ଜାତୀୟସ୍ତରକୁ ମନୋନୀତ ହେଲେ ନୀଳଗିରି ପୁଅ ମହେଶ୍ୱର

ନୀଳଗିରି , ୧୪/୯ (ନି.ପ୍ର): ଯାହାକୁ ଜିଲ୍ଲାପ୍ରଶାସନ ପ୍ରତ୍ୟାଖ୍ୟାନ କରି ପ୍ରତିଯୋଗିତାରୁ ବଞ୍ଚିତ କରିଥିଲେ ସେହି ପିଲା ଆଜି ଜାତୀୟସ୍ତରକୁ ମନୋନୀତ ହୋଇ ଜିଲ୍ଲା ତଥା ରାଜ୍ୟପାଇଁ ଗୌରବର ଅଧିକାରୀ ହୋଇ ସୁନାମ ଆଣିଛନ୍ତି। ସୂଚନା ଅନୁଯାୟୀ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଛୋଟକାନପୁର ଗ୍ରାମର କମଳଲୋଚନ ସେଠୀ ମାତା ଅନିତା ସେଠୀଙ୍କ ସୁପୁତ୍ର ମହେଶ୍ୱର ସେଠୀ (୧୫) ନୀଳଗିରି କଲେଜରେ ଯୁକ୍ତଦୁଇ ପ୍ରଥମବର୍ଷ କଳାରେ ଅଧ୍ୟୟନ କରନ୍ତି। ପିଲାବେଳୁ ଖେଳପ୍ରତି ଦୁର୍ବଳତା ଥିବାରୁ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବହୁବାର କୃତକାର୍ଯ୍ୟ ହୋଇଛନ୍ତି। ଚଳିତବର୍ଷ ଭୁବନେଶ୍ୱର ସ୍ଥିତ ଓଡ଼ିଶା ଷ୍ଟେଟ ସ୍କୁଲସ୍ପୋର୍ଟସ ଏସୋସିଆଏସନ୍ ଏବଂ ଶିକ୍ଷାଜିଲ୍ଲା କେନ୍ଦୁଝରର ମିଳିତ ଆନୁକୂଲ୍ୟରେ ୬୯ତମ ରାଜ୍ୟସ୍ତରୀୟ (ବିଦ୍ୟାଳୟସ୍ତରୀୟ) ଖେଳପ୍ରତିଯୋଗିତାରେ ଜିଲ୍ଲାସ୍ତରରୁ ପ୍ରତିଯୋଗୀ ଚୟନ କରାଯାଇଥିଲା। ମାତ୍ର ମହେଶ୍ୱରଙ୍କୁ ଜିଲ୍ଲା ଶିକ୍ଷାବିଭାଗ ଚୟନରୁ ବାଦ୍ କରିଦେଇଥିଲେ। ଏଥିରେ ମ୍ରିୟମାଣ ହୋଇ ମହେଶ୍ୱର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏବଂ ଅନ୍ୟାନ୍ୟ ଖେଳପ୍ରେମୀଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଜିଲ୍ଲାପାଳଙ୍କ ଅନୁମୋଦନ ପାଇ ଶେଷରେ କୁଶୁ (କିକ ବକ୍ସିଂ)ପ୍ରତିଯୋଗିତାରେ ଭାଗନେବା ପାଇଁ କେନ୍ଦୁଝର ଜିଲ୍ଲା ବଡବିଲ ସ୍ଥିତ (ଡି.ଏମ.ଏଫ୍) ଠାରେ ଗତ୧୨ ଓ ୧୩ତାରିଖ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନ୍ତିମ ପର୍ଯ୍ୟାୟରେ ପୁରୀ ଜିଲ୍ଲାର ପ୍ରତିଯୋଗୀଙ୍କୁ ପରାସ୍ତକରି ଗୋଲ୍ଡମେଡାଲ ପାଇ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ମାସରେ ଜମ୍ମୁଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ସହିତ ଚମ୍ପିୟାନ ହେବାକୁ ସ୍ୱପ୍ନ ଦେଖିଥିବା ଏହି କୃତିପ୍ରତିଭାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ପରେ ରବିବାର ପୂର୍ବାହ୍ନରେ ନୀଳଗିରି ଠାରେ ଛାତ୍ରଙ୍କ ପ୍ରଶିକ୍ଷକ ଜ୍ୟୋସ୍ନାରାଣୀ ଜେନାଙ୍କ ଉପସ୍ଥିତିରେ ଯୁବନେତା ତଥା ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମାଜସେବୀ ସବ୍ୟସାଚୀ ମହାପାତ୍ର, ପ୍ରତାପ ସେଠୀ, ଚିନ୍ମୟଶରଣ ଦାସ, ନିଗମରଞ୍ଜନ ରାଉତ, ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ମହେଶ୍ୱରଙ୍କୁ ଉପଢ୍ୌକନ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ।

ସୋମବାର, ସେପ୍ଟେମ୍ବର ୧୫, ୨୦୨୫

ଧ୍ୱନି ପ୍ରତିଧ୍ୱନି

# ଗୋପୀନାଥ ଜୀଉ ଶିକ୍ଷାନୁଷ୍ଠାନ ତରଫରୁ ବୃକ୍ଷରୋପଣ

ଖଇରା, ୧୪/୯ (ନି.ପ୍ର): ଔପଦା ବ୍ଲକ ଫତେପୁର ପଂଚାୟତର ଜୟ ଗୋପୀନାଥ ଜୀଉ ଶିକ୍ଷାନୁଷ୍ଠାନ ର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଜଗଜ୍ଜୀବନ ମହାପାତ୍ରଙ୍କ ତରଫରୁ ଆଜି ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣ,ଅନୁଷ୍ଠାନ ପ୍ରାଙ୍ଗଣ, ହରିହାଟ ପଡିଆ ଏବଂ ରାସ୍ତା ପାର୍ଶ୍ୱ ରେ ପାଖାପାଖି ୧୦୦ ବୃକ୍ଷରୋପଣ କରାଯାଇଥିଲା । ଏଥିରେ ୫୦ ରୁ ଅଧିକ ଔଷଧୀୟ ବୃକ୍ଷ ଥିବା ବେଳେ ଆକାଶୀ, ନିମ୍ବ ଆଦି ଗଛ ରହିଥିଲା । ପ୍ରତ୍ୟେକ ବର୍ଷ ଏହିପରି ବୃକ୍ଷରୋପଣ କରି ଏହାର ଉପଯୁକ୍ତ ଯତ୍ନ ନେବାକୁ ଶିକ୍ଷାନୁଷ୍ଠାନ ର ପ୍ରତିଷ୍ଠାତା ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ । ଶିକ୍ଷାନୁଷ୍ଠାନ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିରଞ୍ଜିବୀ ଦାଶ ଔଷଧୀୟ ବୃକ୍ଷ ର କାର୍ଯ୍ୟକାରିତା ବିଷୟରେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସର ରେ ଶିକ୍ଷାନୁଷ୍ଠାନ ର ନିର୍ଦ୍ଦେଶକ ନନ୍ଦ ଗୋପାଳ ଷଡ଼ଙ୍ଗୀ ଓ ଗୋପିକିସନ ମହାନ୍ତିଙ୍କ ସହ ସୁଜାତା ପରିଡ଼ା, ମେଘାଞ୍ଜନା ମହାପାତ୍ର, ଅନୁଷୟା ବେହେରା, ପ୍ରିୟଦର୍ଶିନୀ ଖିଲାର, ଜ୍ୟୋସ୍ନାରାଣୀ ବେହେରା, ଗୋପୀନାଥ ମହାକୁଡ ଏବଂ ଅନ୍ୟ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।



# ହାତୀ ଆକ୍ରମଣର ଅଳ୍ପକେ ବର୍ତ୍ତିଲେ ଯୁବକ

ନୀଳଗିରି: ହାଟରୁ ଘରକୁ ଫେରୁଥିବା ବେଳେ ଜଣେ ଯୁବକ ଅଳ୍ପକେ ମୃତ୍ୟୁମୁଖରୁ ବଞ୍ଚିଯାଇଥିବା ସୂଚନା ମିଳିଛି । ତଥ୍ୟ ଅନୁଯାଇ ଭଉଁରିଆବାଡ ପଞ୍ଚାୟତ ତୁଳସିଡିହା ଗ୍ରାମର ବନମାଳୀ ସିଂଙ୍କ ଜ୍ୱାଇଁ ଶିବସିଂ(୩୦) ରବିବାର ନିକଟସ୍ଥ ବଣଭୂଇଁକୁ ହାଟରୁ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଘରକୁ ସାଇକେଲ ଯୋଗେ ନିଜ ନାବାଳକ ପୁଅକୁ ବସାଇ ଫେରୁଥିବା ବେଳେ ବୟାରସାହି ଗ୍ରାମ ଜଙ୍ଗଲପରେ ହଠାତ୍ ଏକ ହାତୀ ଶିବଙ୍କ ସାଇକେଲକୁ ଆକ୍ରମଣ କରିଥିଲେ । ଫଳରେ ଶିବଙ୍କ ପୁଅ ଭୟରେ ଏକ ବୁଦା ନିକଟରେ ଲୁଚିଯାଇଥିବା ବେଳେ ଶିବ ହାତୀ ହାବୁଡରେ ପଡିଯାଇଥିଲା । ଠିକ୍ ସେହି ସମୟରେ ଏକ ବାଇକ୍ ଆସିଯିବାରୁ ହାତୀଟି ଜଙ୍ଗଲକୁ ପଳାଇ ଯାଇଥିଲା । ଉକ୍ତ ବାଇକ୍ ଆରୋହୀ ଶିବଙ୍କୁ ଉଦ୍ଧାରକରି ଘରେ ଛାଡିଥିବା ବେଳେ ପରିବାର ଲୋକେ ତୁରନ୍ତ ଏକ ଘରୋଇ ଆମ୍ବୁଲାନ୍ସରେ ରେମୁଣା ଫକୀରମୋହନ ମେଡିକାଲ କଲେଜ୍ ନେଇଥିବା ସୂଚନା ମିଳିଛି । ତେବେ ଶିବର ବାମହାତ ଏବଂ ଡାହାଣଗୋଡ଼ରେ ସାମାନ୍ୟ ଆଘାତ ଲାଗିଥିବା ଜଣାଯାଇଛି ।

# ନାଟ୍ୟାନୁଷ୍ଠାନ 'ଶୋଭା'ର ୧୦ମ ବାର୍ଷିକ ସମାବର୍ତ୍ତନ : ନାଟକ 'ଉତ୍ତର ପୁରୁଷ'ମଞ୍ଚସ୍ଥ

ବାଲେଶ୍ୱର, ୧୩/୯ (ନି.ପ୍ର): ଓଡ଼ିଶାର ଅନ୍ୟତମ ଆଲୋଡ଼ନ ସୃଷ୍ଟିକାରୀ ନାଟ୍ୟାନୁଷ୍ଠାନ 'ଶୋଭା'ର ୧୦ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳନ ଅବକାଶରେ ୨୭ତମ ନାଟ୍ୟାର୍ଘ୍ୟ ଯଶସ୍ୱୀ ନାଟ୍ୟକାର ଡକ୍ଟର ନାରାୟଣ ସାହୁଙ୍କ ରଚିତ ନାଟକ 'ଉତ୍ତର ପୁରୁଷ' ଏବଂ ଆଶିଷ ବର୍ଦ୍ଧନଙ୍କ ନିର୍ଦ୍ଦେଶନା ତଥା ଗୁରୁ ନନ୍ଦକିଶୋର ଦାସଙ୍କ ସଂଗୀତ ନିର୍ଦ୍ଦେଶନାରେ ସ୍ଥାନୀୟ 'ଗାନ୍ଧିସ୍ମୃତି ଭବନ' ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । 'ଶୋଭା'ର ସଭାପତି ଶ୍ରୀଯୁକ୍ତ ବିନାୟକ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ବିଶିଷ୍ଟ ନାଟ୍ୟକାର ଅଭିନେତା ଗୌରୀ ଶଙ୍କର ସାହାଣୀ, ସମ୍ମାନିତ ଅତିଥି ଭାବରେ ଅଭିନେତ୍ରୀ ସାମ୍ବାଦିକା ସୁମନା ପରିଡ଼ା ପ୍ରମୁଖଙ୍କ ଦ୍ୱାରା ୧୦ମ ବାର୍ଷିକ ସମାବର୍ତ୍ତନ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଉପସ୍ଥିତ ଅତିଥିବୃନ୍ଦ ନାଟ୍ୟସାହିତ୍ୟର ନିରବଚ୍ଛିନ୍ନ ବିକାଶ ଓ ଦିଗଦିଗନ୍ତ ସଂପର୍କିତ ବାଲେଶ୍ୱର ମାଟିରେ 'ଶୋଭା' ଅନୁଷ୍ଠାନର ଉତ୍କର୍ଷ ବର୍ଣ୍ଣନା କରିଥିଲେ । ଏହି ଅବସରରେ ନାଟ୍ୟଜଗତର ସୁନାମଧନ୍ୟ ନାଟ୍ୟକାର-ନିର୍ଦ୍ଦେଶକ ଇଂ. ଚିନ୍ମୟ ରକ୍ଷିତ୍‌ଙ୍କୁ 'ଶୋଭା' ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା । ଏହି ସମାବର୍ତ୍ତନ ଉତ୍ସବରେ ପ୍ରତିଭାସଂପନ୍ନ ଅଭିନେତା-ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ଘୋଷ ଅତିଥିମାନଙ୍କୁ ମଞ୍ଚଆହ୍ୱାନ ତଥା କୃତଜ୍ଞତା ଜ୍ଞାପନ କରିଥିଲେ । ନାଟକ 'ଉତ୍ତର ପୁରୁଷ' ଅଂଶଗ୍ରହଣ କରିଥିବା ଶୁଭଙ୍କର, ଗୋବିନ୍ଦ ଦ୍ୱିବେଦୀ, ଆଶିଷ ବର୍ଦ୍ଧନ, ସୁରଜକାନ୍ତ, ଜଗନ୍ନାଥ, ତରୁଣ, ବୁଲୁ ଏବଂ ନାରୀ ଭୂମିକାରେ ମଧୁସ୍ମିତା, ସିତଲ୍, ବର୍ଷା ପ୍ରମୁଖ ଅଭିନୟ ଚମତ୍କାରିତା ପ୍ରଦର୍ଶନ କରିଥିଲାବେଳେ ମଂଚ ପରିଚଳାନାରେ ଇଂ. ଶ୍ରୀତମ୍ ସହଯୋଗ କରିଥିଲେ । ଆମ ସମାଜରେ ଅଦ୍ୟାବଧି ଅନ୍ଧବିଶ୍ୱାସର ପ୍ରାଦୁର୍ଭାବ କିପରି ସଂକୀର୍ଣ୍ଣମନା ସାଧାରଣ ମଣିଷମାନଙ୍କୁ ପଥଭ୍ରଷ୍ଟ କରିଚାଲିଛି - ଯାହାର ଜ୍ୱଳନ୍ତ ପ୍ରତିଫଳନ ପ୍ରୋକ୍ତ ନାଟକରେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲାବେଳେ ସମାଜର ଉଭବ ଭଣ୍ଡବାବାମାନଙ୍କୁ ଉପଯୁକ୍ତ ଦଣ୍ଡରେ ଦଣ୍ଡିତ କରାଯାଇଥିବାର ଅନ୍ତଃସ୍ୱର ନାଟ୍ୟଦ୍ରଷ୍ଟାଙ୍କୁ ପ୍ରଭାବିତ କରିଥିଲା ।




# ଶୁଣିଲାନି ପ୍ରଶାସନ: ଶେଷରେ ଗାଁ ଲୋକେ ଚାନ୍ଦା ଆଦାୟ କରି ନିଜେ କଲେ ରାସ୍ତା ମରାମତି



ଜଳେଶ୍ୱର ୧୪/୯(ନୀପ୍ର) ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଅଧିନସ୍ତ ବର୍ତ୍ତନା ଗ୍ରାମ ପଞ୍ଚାୟତର ୱାର୍ଡ ୩ ନାହାଳିଆ ଗ୍ରାମରେ ୪୦୦ ଲୋକ ବସବାସ କରିଥାନ୍ତି ଓ ଏସି ସଂପ୍ରଦାୟର ଲୋକେ ଗ୍ରାମର ମୁଖ୍ୟ ରାସ୍ତାକୁ ଯିବାକୁ ହେଲେ କାଦୁଅ ପଚ ପଚ ସାଙ୍ଗକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼େ ରୋଗୀଟିଏ ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସ ଆସି ୧ କିଲୋମିଟର ଦୂରରେ ରହିଯାଏ ରୋଗୀଟିକୁ ଖଟିଆରେ ବୁହାହୋଇଯାଏ । ପିଲାମାନେ ମଧ ସ୍କୁଲ ଗଲେ ଗୋଟିଏ ହାତରେ ବହି ବସ୍ତାନି ସାଙ୍ଗକୁ ଆଉ ଗୋଟିଏ ହାତରେ ଜୋତା ମୁଣ୍ଡାଇ ଯିବାକୁ ପଡ଼େ ଏ ନେଇ ଗ୍ରାମ ବାସୀ ମାନେ ବାରମ୍ବାର ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଓ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଗୁହାରୀ କରି କିଛି ସୁଫଳ ନ ମିଳିବାରୁ ଆଜି ଏକ ଛୁଟି ଦିନ ରବାବିର ହୋଇ ଥିବାରୁ ଗ୍ରାମରେ ଆବାଳ ବୃଦ୍ଧବନିତା ଏକଯୋଟ ହୋଇ ଗ୍ରାମରେ ସାହି ଭାଇ ମାନେ ମିଶି ୫୦୦ ଓ ୧୦୦୦ ଟଙ୍କା ଲେଖାଏ ଚାନ୍ଦା ଆଦାୟ କରି ଗ୍ରାମର ପ୍ରଶାନ୍ତ ମହାଳିକଙ୍କ ନେତୃତ୍ୱରେ ଗ୍ରାମର ଟୁଟୁ ଦାସ, ରାଜୁ ଦାସ, ଅଭିଳାଷ ଜେନା, ଅମୂଲ୍ୟ ଜେନା, ଦିପୁ ଦାସ, ଲକ୍ଷ୍ମୀଧର ଦାସ, ରବୀନ୍ଦ୍ର ଜେନା, ହରିଶଙ୍କର ଦାସ, ଶିଶିର ସିଂ, ଶ୍ରୀପତି ଜେନା, ତପନ ଦଳାଇ, ବିଜନ ଦଳାଇ, ମୁନା ଜେନା, କର୍ତ୍ତିକ ମହାଳିକ କମଳାକାନ୍ତ ମହାଳିକ, ବିଶୁ ମୁର୍ମୁ, ଚନ୍ଦନ ଜେନା, ହରିଶ ଚନ୍ଦ୍ର ଦାସ,ପ୍ରଦିପ ଦାସ, ପ୍ରମୁଖ ଗ୍ରାମ ବାସୀ ମାନଙ୍କର ସାହାଯ୍ୟ ଓ ସହଯୋଗର ମୋରୁମ, ମାଟି ଓ ଇଟାଭଙ୍ଗା ପକାଇ ରାସ୍ତା କଲେ ମରାମତି ।

# ବାଲିଆପାଳ ଲାୟନ୍ସ କ୍ଲବର ଦଶମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ

ବାଲିଆପାଳ , ୧୪/୯ (ନି.ପ୍ର): ବାଲିଆପାଳ ଲାୟନ୍ସ କ୍ଲବର ଦଶମ ଅଧିଷ୍ଠାନ ଉତ୍ସବ ଶୁକ୍ରବାର ବାଲିଆପାଳ ବ୍ଲକ ଛକ ସ୍ଥିତ ଶୁଭମ ଗେଷ୍ଟହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୨୦୨୫-୨୬ ବର୍ଷ ପାଇଁ ବାଲିଆପାଳ ଲାୟନ୍ସ କ୍ଲବର ସଭାପତି ହେଲେ ଲାୟନ ଅମିତ କୁମାର ପଟ୍ଟନାୟକ ।ବିଦାୟୀ ସଭାପତି ଲାୟନ ତରୁଣ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିଷ୍ଠାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରି ଲାୟନ୍ସ କ୍ଲବର ସାମାଜିକ କାର୍ଯ୍ୟକୁ ପ୍ରସଙ୍ଗସା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଇନିଷ୍ଟଲେସନ ଅଫିସର ଭାବରେ ଲାୟନ୍ସ କ୍ଲବର ପୂର୍ବତନ ଡ଼ିଜି(ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର) ଲାୟନ ପ୍ରଲୋଭ ଜେନା ଯୋଗଦେଇ ବାଲିଆପାଳ ଲାୟନ୍ସ କ୍ଲବର ୨୦୨୫-୨୬ ବର୍ଷର ନୂତନ କମିଟି ଘୋଷଣା କରିବା ସହିତ ସେମାନଙ୍କ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇ ନିଷ୍ଠାର ସହିତ ସାମାଜିକ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଥିଲେ ।କ୍ଲବର ସଭାପତି ଭାବରେ ଲାୟନ ଅମିତ କୁମାର ପଟ୍ଟନାୟକଙ୍କ ସହିତ ନୂତନ କମିଟିର ନାମ ଘୋଷଣା କରିଥିଲେ । ସେମାନେ ହେଲେ ସମ୍ପାଦକ ଲାୟନ ତାରାକାନ୍ତ ଜେନା,କୋଷାଧ୍ୟକ୍ଷ ଭାବେ ଲାୟନ ମୋହନ ପିଳା,ଉପସଭାପତି ଭାବେ ଲାୟନ ବ୍ୟୋମକେଶ ସାହୁଙ୍କ ସହିତ ପୁରା ଟିମଙ୍କ ନାମ ଘୋଷଣା କରିଥିଲେ । ନୂତନ କମିଟି ସଦସ୍ୟଙ୍କ ଭୁବନ ସହିତ ନୂତନ ସଭାପତିଙ୍କୁ ସମସ୍ତ ଅତିଥି ତଥା ସଦସ୍ୟ ମାନେ ସ୍ୱାଗତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜି ଏସ ଟି କୋଅର୍ଡିନେଟର ଲାୟନ ସମରେଶ ଦିନ୍ଦା, ଆର ସି ଲାୟନ ବନ୍ଦନା ରାୟ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବାଲିଆପାଳ ରୋଟାରୀ କ୍ଲବର ପୂର୍ବତନ ସଭାପତି ସୁବ୍ରତ ମହାପାତ୍ର, ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗର ଶର୍ମିଷ୍ଠା ଦାସ,ବସ୍ତା ଲାୟନ୍ସ କ୍ଲବର ସତ୍ୟନାରାୟଣ ଗୁପ୍ତା,ଜଳେଶ୍ୱର ଲାୟନ୍ସ କ୍ଲବର ଗିରିଜା ଶଙ୍କର ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କ୍ଲବର ନୂତନ ମେମ୍ବର ଭାବରେ ଯୋଗଦେଇ ଥିବା ମେମ୍ବର ମାନଙ୍କୁ ଇନିଷ୍ଟଲେସନ ଅଫିସର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ଶ୍ରୀ ଜେନା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଲାୟନ୍ସ କ୍ଲବର ପିନ ପ୍ରଦାନ କରିଥିଲେବରିଷ୍ଠ ସଦସ୍ୟ ଲାୟନ ଝାଡେଶ୍ୱର ପ୍ରଧାନ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଲାୟନ ଅଜୟ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଲାୟନ ତାରାକାନ୍ତ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।ଲାୟନ ଗୋବିନ୍ଦ ପ୍ରସାଦ ଦାସ ଶାନ୍ତି ପାଠ କରିଥିବା ବେଳେ ଲାୟନ ନବୀନ କୁମାର ପାତ୍ର ଲାୟନ୍ସ କ୍ଲବ ନୀତିବାଣୀ ପାଠ କରିଥିଲେ । ଲାୟନ ଭୁବନ ମୋହନ ପିଳା,ଲାୟନ ସଞ୍ଜୟ କୁମାର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଲାୟନ ଗୋପାଳ ଚନ୍ଦ୍ର ଜେନା, ଲାୟନ ଜାମିନିକାନ୍ତ ରାଉତ, ପ୍ରଶାନ୍ତ ସାହୁ,ଡ଼ଃ ଗୟାରାମ ଗଙ୍ଗାଇ, ଲାୟନ ଦାମୋଦର ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଲାୟନ ବ୍ୟୋମକେଶ ସାହୁ ଧନ୍ୟବାଦ ଦେଇଥିଲେ ।




# ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରେ ବସ ସେବା ଶୁଭାରମ୍ଭ

ବାଲିଆପାଳ , ୧୪/୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୁଆଗାଁ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସ୍କୁଲବସ ସେବାର ଶୁଭାରମ୍ଭ ହୋଇଛି । ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା ଏହି ବିଦ୍ୟାଳୟଟି ଛାତ୍ର ଛାତ୍ରୀଙ୍କର ଶାରୀରିକ, ମାନସିକ ତଥା ଗୁଣାତ୍ମକ ଶିକ୍ଷାଦାନ ପାଇଁ ବେଶ ଆଦୃତ ହୋଇପାରିଛି । ବିଦ୍ୟାଳୟକୁ ପିଲାଙ୍କର ଯିବା ଆସିବା ପାଇଁ ଅଟୋ ସେବା ଯୋଗାଇ ଦିଆଯାଉଥିଲା ମାତ୍ର ପିଲାମାନେ ବର୍ଷା,ଶୀତ,ଅସହ୍ୟ ଗୁଳୁଗୁଳି ରେ ବହୁ ହଇରାଣ ହେଉଥିଲେ । ଦୀର୍ଘ ଦିନର ପ୍ରଚେଷ୍ଟା ଫଳରେ ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ଉଦ୍ୟମରେ ଆଜି ଠାରୁ ସ୍କୁଲବସ୍ ଚଳାଚଳ ଆରମ୍ଭ ହୋଇଛି ।ବିଦ୍ୟାଳୟର ସଭାପତି ପ୍ରମୋଥ କୁମାର ଜେନା, ଅଭିଭାବକ ଜତିନ୍ ପରିଡା, ଦୟାନନ୍ଦ ବିଶ୍ୱାଳ,ବିମଳ ରାଉତ, ଗୁରୁଜୀ ଗଦାଧର ବେହେରା, ନିଆସୀ ରଣଜିତ, ଧରଣୀଧର ନାୟକ ପ୍ରମୁଖ ଗୁରୁଜୀ ଓ ଗୁରୁମା ତ୍ରିରଙ୍ଗା ପତାକା ଦେଖାଇ ବସ ସେବା ଉଦଘାଟନ କରିଥିଲେ । ବସ୍ ଚଳାଚଳ ଦେଖି ଛାତ୍ର ଛାତ୍ରୀ ଖୁସି ବ୍ୟକ୍ତ କରିଥିଲେ । ପ୍ରଧାନ ଗୁରୁଜୀ ପ୍ରଭାକର ବେହେରା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୬୦ନଂ ଜାତୀୟ ରାଜପଥଠାରୁ ନୂଆପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କଲେ ସଦର ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୧୪/୯ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିକାଶ ଧାରାକୁ ତ୍ୱରାନ୍ୱିତ କରିବାରେ ବିଧାୟକ ମାନସ କୁମାର ଦତ୍ତଙ୍କ ଅବିରତ ଉଦ୍ୟମ ଜନସାଧାରଣଙ୍କ ସୁଫଳ ପ୍ରଦାନରେ ସହାୟକ ହୋଇଛି । ଏହି ପରିପ୍ରେକ୍ଷୀରେ ଲୋକଙ୍କ ଦୀର୍ଘ ଦିନର ଦାବିକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୦ନଂ ଜାତୀୟ ରାଜପଥ ଠାରୁ ନୂଆପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ରାସ୍ତା ବଇଁଚା, ବୁଆଁଳ ଓ ନଗ୍ରମ ପଂଚାୟତ ଦେଇ ଜାତୀୟ ରାଜପଥକୁ ଛୁଇଁବ । ମୋଟ ୪.୯୦୦ କିଲୋମିଟର ଲମ୍ବର ରାସ୍ତା ନିର୍ମାଣ ପାଇଁ ୬କୋଟି ୬୬ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ଏ ନେଇ ବଇଁଚା ପଂଚାୟତର ଗୁଜୁରୀ ବଜାର ଛକ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦତ୍ତ ଯୋଗଦେଇ ନୂତନ ରାସ୍ତାର ଶିଳାନ୍ୟାସ କରିଥିଲେ । ଏହି ନୂତନା ରାସ୍ତା ନିର୍ମାଣ ଦ୍ୱାରା ଲୋକ ସିଧାସଳଖ ଜାତୀୟ ରାଜପଥ ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ ପାଇଁ ସବୁଦିନିଆ ରାସ୍ତା ପାଇବେ । ଏଥିରେ ବଇଁଚା, ବୁଆଁଳ ଓ ନଗ୍ରମ ପଂଚାୟତ ସମେତ ସଦର ନିର୍ବାଚନମଣ୍ଡଳୀର ସଂଖ୍ୟାଧିକ ପଂଚାୟତର ଲକ୍ଷାଧିକ ଲୋକ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଥିଲେ । ବିଶେଷ କରି ବନ୍ୟାଂଚଳ ଭାବେ ପରିଚିତ ପଂଚାୟତ ଗୁଡିକର ଜନସାଧାରଣଙ୍କ ପାଇଁ ଉନ୍ନତମାନର ଯାତାୟତ ବ୍ୟବସ୍ଥାକୁ ରାଜ୍ୟର ଲୋକଙ୍କ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ସେ କହିଥିଲେ । । ରାସ୍ତା ନିର୍ମାଣରେ ଉତମ ଗୁଣବତା ରକ୍ଷା ସହିତ ସଠିକ ମାନଦଣ୍ଡ ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଯୋଜାନବଦ୍ଧ ଭିତ୍ତିରେ ସାରିବାକୁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ବିଧାୟକ ବୁଆଁଳ ପଂଚାୟତ ପାଇଁ ଉଦ୍ଦିଷ୍ଟ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ୧୦ଟିରୁ ଅଧିକ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ବଇଁଚା ସରପଂଚ ରବିନାରାୟଣ ପ୍ରଧାନ ଓ ସମିତି ସଭ୍ୟା ଗୀତା ସୋରେନ, ବୁଆଁଳ ସରପଂଚ ଜିତେନ ଯେନା ଓ ସମିତି ସଭ୍ୟ ମାୟାଧର ମହାଳିକ, ନଗ୍ରମ ସରପଂଚ ବନିତା ଭୂଁୟା ଓ ସମିତି ସଭ୍ୟ ରଞ୍ଜନ କୁମାର ପାଣି ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, କାହ୍ନୁ ମହାଳିକ, ଶ୍ରୀକାନ୍ତ ମହାପାତ୍ର, ରାଜେନ୍ଦ୍ର ଚାଟାର୍ଜୀ, କାର୍ତିକ ଚନ୍ଦ୍ର ରାଉତ, ସର୍ବେଶ୍ୱର ମହାନ୍ତି, ବେଣୁଧର ପରିଡା, ଜୟନ୍ତୀ ପଣ୍ଡା, ଶ୍ରୀନିବାସ ମହାଳିକ, ଗଜେନ୍ଦ୍ର ଜେନା, ମୁରଲୀଧର ମହାପାତ୍ର, ସୁଶାନ୍ତ ମହାପାତ୍ର, ହୃଷିକେଶ ଦାସ, ପିତାମ୍ବର ଭୂୟାଁ, କରୁଣାକର ମହାଳିକ, ରବୀନ୍ଦ୍ର ନାଥ ରାଉତ, ସୁବାଷ ବେହେରା, ସଦାଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# ୫ ଦିନିଆ ସିଆରସିସିଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା , ୧୪/୯ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ ଆନୁକୂଲ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ପାଇଁ ପାଞ୍ଚ ଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ବିନୋଦ ସିଂ, ଜିଲ୍ଲା ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀ ଙ୍କ ସମେତ ସମସ୍ତ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣରେ ସି ଆର ସି ସି ଙ୍କ ଭୂମିକା ଓ କାର୍ଯ୍ୟ, ଜାତୀୟ ଶିକ୍ଷା ନୀତି -୨୦୨୦, ଶିକ୍ଷାର ଗୁଣାତ୍ମକ ଉନ୍ନତି, ପ୍ରାଥମିକ ସ୍ତରରେ ପାଠ୍ୟକ୍ରମ କାର୍ଯ୍ୟାନ୍ୱୟନ, ଶିକ୍ଷାରେ ନେତୃତ୍ୱର ଭୂମିକା, ଅନୁଭୂତି ଆଧାରିତ ଶିକ୍ଷଣ, ନିପୁଣ ଭାରତ ମିଶନ୍, କ୍ରିୟାତ୍ମକ ଗବେଷଣା, ଶ୍ରେଣୀକକ୍ଷ ପର୍ଯ୍ୟବେକ୍ଷଣ ସାଧନୀ, ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଅନ୍ତର୍ନିବେଶୀ ଶିକ୍ଷା, ସାମାଜିକ ଆବେଗିକ ଓ ନୈତିକ ଶିକ୍ଷା, ମଡେଲ୍ ସ୍କୁଲ ଓ ସି ଆର ସି ସି କାର୍ଯ୍ୟାନ୍ୱୟନ କ୍ଷେତ୍ର ପରିଦର୍ଶନ କରି ବ୍ୟବହାରିକ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପ୍ରଶିକ୍ଷଣରେ ଜିଲ୍ଲାର ଠାକୁରମୁଣ୍ଡା , ବିଜାତଳା, ଜାମଦା, ବାଙ୍ଗିରିପୋଷି, ମୋରଡ଼ା, କୁଳିଅଣା, ବାରିପଦା ବ୍ଲକର ୪୭ ଜଣ ସି ଆର ସି ସି ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ ଓ ଶେଷରେ ସମସ୍ତଙ୍କୁ ଅଂଶଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।




# ଅନୁଗୁଳରେ ଓୟୁଜେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଅନୁଗୁଳ, ୧୪/୯ (ନି.ପ୍ର): ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତି ବିଶେଷ ସିଧା ସଳଖ ଗଣମାଧ୍ୟମରେ ଜଡ଼ିତ ନ ରହିବା ସହିତ ସାମ୍ବାଦିକତା କରୁଥିବା ଲୋକେ ରାଜନୀତି ନ କରିବା ଗଣତନ୍ତ୍ର ଓ ସମାଜ ପାଇଁ ଅନୁକୂଳ ନୁହେଁ ବୋଲି ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ କହିଛନ୍ତି । ଆଜି ଅନୁଗୁଳ ଠାରେ ଓଡ଼ିଶା ସାମ୍ବାଦିକ ୟୁନିଅନ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ ମନ୍ତ୍ରୀ ହରିଚନ୍ଦନ କହିଲେ ଯେ, ସାମ୍ବାଦିକ ମାନେ ହେଉଛନ୍ତି ସାଧାରଣ ଜନତାଙ୍କ ସ୍ୱର । ଏହି ସ୍ୱର ସରକାର ଙ୍କ ପାଖରେ ପହଞ୍ଚାଇବାକୁ ସାମ୍ବାଦିକ ଜଣକ ଆପ୍ରାଣ ଉଦ୍ୟମ କରିଥାଏ । କିନ୍ତୁ ଯେତେବେଳେ ସାଧାରଣ ଲୋକଙ୍କ ସମସ୍ୟା ଟି ରାଜନୀତି କରୁଥିବା ବ୍ୟକ୍ତିର ମାଲିକାନା ରେ ଚାଲୁଥିବା ଗଣମାଧ୍ୟମ ଓ ସାମ୍ବାଦିକତା କରୁଥିବା ବ୍ୟକ୍ତି ରାଜନୀତି କହୁଥିବା ଗଣମାଧ୍ୟମ ରେ ପହଞ୍ଚେ ସେତେବେଳ ସମ୍ବାଦ ଟିର ଗୁରୁତ୍ୱ ଆପେଆପେ କମିଯାଏ ।ସେ କହିଲେ ଯେ, ଏଭଳି ପରିସ୍ଥିତି ସମାଜ ରେ ଦେଖିବାକୁ ମିଳୁଛି । ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଏହା ମୋର ବ୍ୟକ୍ତିଗତ ମତ । ଗଣତନ୍ତ୍ର ର ୩ ଟି ସ୍ତମ୍ଭ ଯେତେବେଳେ ବିଚ୍ୟୁତି ର ରାସ୍ତା କୁ ଯାଆନ୍ତି ସେତେବେଳେ ତାହାକୁ ବ୍ୟବସ୍ଥିତ କରିବା ହେଉଛି ଗଣମାଧ୍ୟମର । ସବୁ ବ୍ୟବସ୍ଥାରେ ଭ୍ରଷ୍ଟାଚାରୀ ରହିଛନ୍ତି । ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ । ସେହି ନଗଣ୍ୟ ମାନଙ୍କ କାର୍ଯ୍ୟ ପାଇଁ ସମଗ୍ର ସଂସ୍ଥା କୁ ସମାଲୋଚନା ସହିବାକୁ ପଡ଼ିଥାଏ । ସରକାରଙ୍କୁ ସମାଲୋଚନା କରୁଥିବା ସାମ୍ବାଦିକ ଙ୍କ ଉପରେ ସରକାରୀ ଅଙ୍କୁଶ ଲାଗିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ଦୃଢତାର ସହ କହିଥିଲେ ।ସମ୍ବାଦିକ ସୁରକ୍ଷା ବିଲ୍ ଉପରେ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି ଏହା ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ ଦୃଢ ପ୍ରତିଶ୍ରୁତି ଦେଇଥିଲେ । ଓୟୁଜେ ର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସାଂସଦ ରୁଦ୍ର ନାରାୟଣ ପାଣି,ଓ ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ମହାନ୍ତି, ଅଗସ୍ତି ବେହେରା ନଗର ପାଳ ଅକ୍ଷୟ କୁମାର ସାମନ୍ତ, ୟୁନିଅନର ସଂପାଦକ କମ୍ବୁ ପାଣି ମିଶ୍ର ଅନୁଗୁଳ ଶାଖା ସଭାପତି ସୁଶାନ୍ତ କୁମାର ସାହୁ ସଂପାଦକ ସ୍ୱାଧୀନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ବାଲେଶ୍ୱର ଜିଲ୍ଲାରୁ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ବରିଷ୍ଠ ସଦସ୍ୟ ରାମ ନାରାୟଣ ଶତପଥୀ, ଶିଶିର କୁମାର ଦାସ, ଅନାମ ଚରଣ ପଣ୍ଡା, ବିବେକାନନ୍ଦ ଦାସ, ରବୀନ୍ଦ୍ର କୁମାର ମହାକୁଡ଼ ଉତ୍କଳ ବନ୍ଧୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida